# ପ୍ରେମପଥେ

ସଂଘ ଲାଇବ୍ରେରୀ
ନଂ 179
ତା 17 III 1959
ରାଉରକେଲା

ଗୋଦାବରୀଶ ମହାପାତ୍ର

ସାହିତ୍ୟ ସଂସାର

କଟକ—୨

ପ୍ରକାଶକ:
ସାହିତ୍ୟ ସଂସାର
ବାଙ୍କାବଜାର, କଟକ—୨

ପ୍ରଚ୍ଛଦପଟ:
ଗୋପାଳ କାନୁନଗୋ

ମୁଦ୍ରକ:
ପୁରୁଷୋତ୍ତମ ମହାପାତ୍ର
ଗ୍ରାମସେବକ ସମବାୟ ପ୍ରେସ୍
କଟକ—୨

ଦ୍ୱିତୀୟ ମୁଦ୍ରଣ:
ସେପ୍ଟେମ୍ବର, ୧୯୫୮

ଦୁଇ ଟଙ୍କା

# ମୂଳ କଥା

ମଫସଲର "କନକ" ସନ୍ନିତ ସ୍କୁଲଘର "ହରିଚରଣ"ଙ୍କର ଯେତେବେଳେ ପ୍ରଥମେ ନିବନ୍ଧ ହୁଏ, "ପ୍ରେମପଥେ"ର ଜନ୍ମ ସେତିକି ବେଳେ । ଘଟଣାଟି ସତ୍ୟମୂଳକ । ଦୁଇଟି ତରୁଣ ତରୁଣୀ ଯୌବନ ପଥରେ ଯେପରି ଭାବରେ ଗତି କରିଛନ୍ତି, ଏଥିରେ ତାହାର ଛାୟା ପଡ଼ିଛି । ଚାରିଅଣାର ବିଷୟ ବାଦ ଦେଲେ ବାକି ବାରଅଣା ସତ୍ୟ କଥା ।

ଯେଉଁ ହତାଶ-ପ୍ରେମିକଙ୍କ ବ୍ୟଥିତ ହୃଦୟର ଛାୟା ଏଥିରେ ପଡ଼ିଛି, ତାଙ୍କ ପାଖେ ଏ ଲେଖକ କୃତଜ୍ଞ । ଲେଖକଙ୍କୁ ସେ ନାନା ଭାବରେ ବ୍ୟବହାର, ଇଙ୍ଗିତ ଓ କଥାବାର୍ତ୍ତାରେ ଉପାଦାନ ଯୋଗାଇଛନ୍ତି ।

ଦୁଇଟି ଜୀବନର ଭବିଷ୍ୟତକୁ ଏଥିରେ ସ୍ଥାନ ଦିଆଯାଇ ପାରିଲା ନାହିଁ । କେବଳ ଯୌବନ-ପଥର ଏକ ଘାଟ ଏଥିରେ ଶେଷ ହେଲା । ତା ପରେ କିଏ କହିବ ସେ ଦୁର୍ଗମ ପଥର କଥା ? ପାଠକଙ୍କୁ ହୁଏତ ନିପଟ କଳ୍ପନାରେ ବୁଲିବାକୁ ହେବ ।

ଲେଖକ

ପ୍ରିୟ ରମେଶ,

ବହୁ ଦିନରୁ ତୁମ ସହିତ ମୋର ଦେଖା ସାକ୍ଷାତ ନାହିଁ । ଯେଉଁ ଦିନ ତୁମେ ସତ୍ୟବାଦୀର ବକୁଳ କୁଞ୍ଜ ଭିତରେ ଅଶ୍ରୁସିକ୍ତ ବଦନରେ ବିଦାୟ ନେଇ ଯାଇଥିଲ, ସେ ଆଜକୁ ଦଶ ବର୍ଷ ତଳର କଥା । ସେହି ଦିନୁ ସେ ବକୁଳ କୁଞ୍ଜ ଭିତରୁ କେତେ ଫୁଲ ଝଡ଼ିଲାଣି, କେତେ ପୁଣି ନୂଆ ଫୁଲ ଫୁଟିଲାଣି, ମଧୁର କୋଳାହଳମୟ କୁଞ୍ଜବନ ଜନଶୂନ୍ୟ ହୋଇ ପଡ଼ିଲାଣି; କିନ୍ତୁ ତୁମର ଛବି ମୋ ହୃଦୟ-ନିକୁଞ୍ଜରେ ଏକାପରି ଫୁଟି ରହିଛି । ଏ ଜୀବନରେ ତ ତାହା ଭୁଲି ପାରିବି ନାହିଁ; ଯଦି ପର ଜନ୍ମ ଥାଏ, ତେବେ ମଧ୍ୟ ସେଠାରେ ଭୁଲିବା ଅସମ୍ଭବ ।

କେଉଁ ସୁଦୂର ରେଙ୍ଗୁନ ରାଜ୍ୟରେ ତୁମେ ଯାଇ ରହିଲ, ଜୀବନରେ ତ ଦେଖା ସାକ୍ଷାତ ହେଲା ନାହିଁ, ଚିଠିପତ୍ର ମଧ୍ୟ ବନ୍ଦ ହୋଇଗଲା । ଭାବିଥିଲି, ଏ ଦୂରର ବନ୍ଧୁକୁ ମନରୁ ପୋଛି ଦେଇଥିବ । ଏବେ ଏତେ ବର୍ଷ ପରେ ତୁମ ପାଖରୁ ଖଣ୍ଡିଏ ଚିଠି ପାଇ ହଠାତ୍ ଚମକି ଉଠୁଛି । ଏତେ ଦିନେ ମୋର ଦୀର୍ଘ ଦଶ ବର୍ଷର ଇତିହାସ ତୁମକୁ ଜଣାଇବା ପାଇଁ ଲେଖିଛି । ଏହା ହାସ୍ୟ

ମୋତେ ମହା ଧନ୍ଦାରେ ପକାଇଲ । ମୋ ଜୀବନର ସେ ଇତିହାସ ଏକ ରହସ୍ୟମୟ ସ୍ୱପ୍ନଲୋକର ମାୟାପୁରୀ । ସେ ମାୟାପୁରୀରେ ମୁଁ କେତେ ବୁଲିଛି, କେତେ ଫୁଲ ତୋଳିଛି, କେତେ ଗୀତ ଗାଇଛି । ସେ ସବୁ କଥା ଏବେ ମନେ ପକାଇଲେ ଏ ମୋର ଯୌବନ ଅଙ୍ଗରେ ପ୍ରେମ ଝାଙ୍କୁର ଉଠୁଛି । ସେ କଥା ଭାବି ହସ ଲାଗୁଛି, ବେଳେ ବେଳେ କାନ୍ଦ ମଧ୍ୟ ଲାଗୁଛି । କିନ୍ତୁ ତୁମପରି ବନ୍ଧୁଙ୍କର ଏ ଅନୁରୋଧ ଏଡ଼ପାରୁ ନାହିଁ ।

ସତ୍ୟବାଦୀର ବକୁଳ ଛୁରିଅନା କୁଞ୍ଜ ଭିତରୁ ବାହାରି, ସମାଜର ନାନା ଦୁର୍ଗମ ପଥରେ ବୁଲି ବୁଲି ବହୁତ ସୁଖ ଦୁଃଖର ଚିହ୍ନ ଏ ହୃଦୟରେ ରଖିଛି । ମୁଁ ଏ ଗତ ଦଶ ବର୍ଷ ଭିତରେ ଗୋଲାପଫୁଲ ତୋଳିଛି, ମହାକାଳ ଫଳ ମଧ୍ୟ ତୋଳିଛି, କାଳିଦାସଙ୍କ ଯକ୍ଷର ଅଳକାପୁରୀରେ ଭ୍ରମିଛି, ରାଜପୁତନାର ସ୍ୱର୍ଣକଙ୍କଙ୍କ ମରୁସ୍ଥଳୀରେ ବୁଲିଛି ଏବଂ ମରାଳମାଳମୀ ମାଳାମ୍ବୁ ଚିଲିକାରେ ଖେଳିଛି । ଦିନ ନାହିଁ, ରାତି ନାହିଁ, ମୁଁ କାନ୍ଦିଛି, କନ୍ଦାଇଛି; ହସିଛି, ହସାଇଛି । ଏ ଜୀବନର ସବୁଠାରୁ ମଧୁମୟ ଭାଗରେ ଯେ ଝଡ଼ ତୋଫାନ ବହି ଯାଇଛି, ତାହା ବଡ଼ ବିଚିତ୍ର । ଏ ହୃଦୟର ଅନ୍ତର ଦେଶରେ ଯେ ଗୁରୁ ଆଘାତ ଲାଗିଛି, ତାହା ବଡ଼ ମଧୁମୟ । ତୁମପାଖକୁ ଏହିପରି କେତେଗୁଡ଼ିଏ କଥା ଲେଖିବାକୁ ବସିଛି । ମୋ ଜୀବନର ଏ ସବୁ ନଗ୍ନ ସତ୍ୟ କଥା ।

ମୁଁ ଯୌବନର ପ୍ରଥମ ସ୍ୱପ୍ନ ଦେଖିଲି ସତ୍ୟବାଦୀରେ । ମୋର ତଳ ତଳ ଶରୀର ଅଙ୍ଗରେ ଯୌବନ ବସନ୍ତର ଉଲ୍ଲାସ ଶୋଭା ପ୍ରଥମେ ସେହି ଦରଫୁଟା ବକୁଳ ଫୁଲ ଗହଳରେ ଦେଖାଦେଲା । କୋକିଳର କୁହୁତାନ ଆମ ଗାଁ ଟିରିସକୁଳ ବନପ୍ରାନ୍ତରର ସମ୍ବାଦ ଆଣିଲା । କେଉଁ ଅଜଣା ଅରଣ୍ୟର ବିଜନ ନଦୀପଠା ଉପରେ

ଫୁଟିଥିବା ଭେଣ୍ଡାଙ୍କାର ମଧୁର ସୌରଭ ଜୀବନ ମନ ଅଥୟ କଲା । ମୁଁ ଜାଣି ପାରିଲି ନାହିଁ, କାହାପାଇଁ ମୋ ହୃଦୟଟା ବ୍ୟାକୁଳ ହୋଇ ଉଠୁଥାଏ । ବେଳେ ବେଳେ କି ଏକ ସ୍ୱପ୍ନପୁରୀର ଛାୟା ମୋ ମନରେ ପଡ଼ିଯାଏ । ଅଧୀର ଭାବରେ ମୁଁ ତାହା ଅନୁଭବ କରେ । ସେତେବେଳକୁ ବର୍ଷେ ହେଲା ଗାଁକୁ ଯାଇ ନଥାଏ । ଗାଁରୁ ଆସୁଥିବା ସବୁ ଚିଠିପତ୍ର ଭିତରେ ମାଆର ସ୍ନେହ ଆଶ୍ୱାସନା ମିଶି ରହିଲା ପରି ଲାଗୁଥାଏ । ଭାଇର ସ୍ନେହ, ବନ୍ଧୁମାନଙ୍କ ଆଶୀର୍ବାଦ ସେ ଚିଠିପତ୍ରରୁ ଝରି ପଡ଼ୁଥାଏ । ଏହିପରି କେତେ ଚିଠି ପାଇଥିବି, ତାର ସଂଖ୍ୟା ନାହିଁ ।

ଥରେ ଖଣ୍ଡିଏ ଚିଠିରେ ଗୋଟିଏ ନୂଆ କଥା ପାଇଲି । ତାହା ହେଉଛି--ମୋର ବିବାହ ପ୍ରସ୍ତାବ । ସେ ଥର ସେ ଚିଠିଟାକୁ ଥରି ଥରି କରି ଦଶଥର ପଢ଼ିଲେ ମଧ୍ୟ ପ୍ରତିଥର ମୋତେ ସଂପୂର୍ଣ୍ଣ ନୂଆ ଲାଗିଲା । ମୋର ସଫା ମନେ ଅଛି, ସେ ସମ୍ବାଦ ପାଇ ମୁଁ କେତେ ଦିନ କପରି ଅନ୍ୟମନସ୍କ ହୋଇ ପଡ଼ିଲି । ସେଥିପାଇଁ ଆଚାର୍ଯ୍ୟ ମହାଶୟଙ୍କ ପାଖରୁ ତାଡ଼ନା ସହିବାକୁ ପଡ଼ିଲା । ତଥାପି ମନ ମୋର ସଂପୂର୍ଣ୍ଣ ନିର୍ଦ୍ଦୋଷ ହେଲା ନାହିଁ । ସେତେବେଳେ ପଣ୍ଡିତ ନୀଳକଣ୍ଠଙ୍କ ଶ୍ରମକାନ୍ତ ଉପଦେଶ କିମ୍ବା ପଣ୍ଡିତ ଗୋଦାବରୀଶଙ୍କ କାନ୍ତକୋମଳ ପଦାବଳୀ ମୋ ମନର ଭାବକୁ ବଦଳାଇ ପାରି ନଥିଲା ।

ଭଉଣି,

ଆଜ ତୁ ମୋତେ ଚିହ୍ନି ପାରିବୁ କି ନାହିଁ, ସନ୍ଦେହ । ଯେତେବେଳେ ସାଇ ପିଲା ଗହଳରେ ଆମେ ଦୁହେଁ ଗୋଟିଏ ଝୋମ୍ପାରେ ଦୁଇଟି ଫୁଲପରି ହସି ହସି ସମସ୍ତଙ୍କୁ ହସାଉଥିଲେ ସେକଥା ତୋର ମନେଥିବ କି ନାହିଁ ଜାଣେନା । ସେ ବଉଳ ନାହିଁ କି ସେ ଆମ୍ବକଷି ନାହିଁ; ସେ ସରଗଫଳ କୁଆଡ଼େ ଗଲାଣି । ଯାହା ହାଣ୍ଡିରେ ଯିଏ ଚାଉଳ ପକାଇଥିଲା ସେ ତା' ଘରକୁ ଯାଇ ଯେଝା ସୁଖ ଦୁଖରେ ରହିଛନ୍ତି । ଏକଥା ଆଉ କିଏ ମନେ ପକାଉଛି ? ମୁଁ ତୋ କଥା ସବୁବେଳେ ଶୁଣେ । ତୁ ବଡ଼ ଘର ପାଇଛୁ, ଭଲ ବର ପାଇଛୁ, ସୁଖରେ ଅଛୁ; ଶୁଣି ଭାବେ, ତୋ ପାଖେ ହେଲେ ଯାଇ ସେହି ପିଲାଦିନର ଖେଳସାଥି, ଏ ବଉଳ, ଓଳ ତଳେ ମୁଣ୍ଡ ଗୁଞ୍ଜି ରହି ପାରନ୍ତା ମସ । ଭାବିଲେ କଣ ହେବ, ମନ ସଫା ଡାକେ ନାହିଁ; କିଏ ଯେପରି ବୁକୁ ଭିତରେ ଧକ୍କା ମାରେ । କାନ୍ଧ ବୋବେଇ, କେତେ କଥା ଭାବ, ଆଖିଲୁହ ପଣତ କାନରେ ପୋଛି ପୋଛି ଭୁନ ହୋଇ ରହେ । ସତେ କଣ, ଭଉଣି, ମୋ କଥା ତୁ ମନେ ରଖିଥିଲୁ ? ଚିଠିରେ ତୁ କେତୋଟି କଥା ମାତ୍ର ଲେଖି ତୋ କଥା ସାରି ଦେଇଛୁ; ମାତ୍ର ମୁଁ କି ମୋ କଥା ଖଣ୍ଡିଏ ଚିଠିରେ ଲେଖି ପାରିବ ? ମୋ କାହାଣୀ ତୁ ଶୁଣିବାକୁ ହେଲେ

ଦିନ ଦିନ ହୋଇ କେତେ ଦିନ କଟିଯିବ । ତେଣିକ ତୋର ମନ ଠାଣ ଥିଲେ ମୋ ଦୁଖର କାହାଣୀ ଶୁଣିବୁ ।

ଭଉଣି, ଆଜ ଦଶ ବର୍ଷ ତଳର କଥା ସବୁ ମନେ ପକାଇଲେ ଆଖିରେ ଲୁହ ଆସୁଛି । ପୁନେଇଁ ରାତିରେ ପିଠଉ ପାଣି ପରି ଚନ୍ଦ୍ର ଆଲୁଅ ପଡ଼ୁଥାଏ, ତୁମ ଅଗଣାରେ ଦହେଁ ବସି କେତେ କେତେ କଥା ହେଉଥିଲେ, ତୋର ମନେ ଅଛି ଟିକ ? ରଜାପୁଅ କେମିତି କନକବଣ୍ଣ କନ୍ୟାକୁ ବାହାହେଲା, ଅସୁରୁଣୀ ବୁଢ଼ୀର ଫନ୍ଦା ଭିତରୁ ରଜାପୁଅକୁ ରଜାଝିଅ କେମିତି ଉଦ୍ଧାର କଲା, ଏହିପରି ତୁ କେତେ କେତେ କଥା କହୁଥାଉ । କେତେ ହସାଉଥାଉ, କେତେ ନଚାଉଥାଉ, କେତେ କୋଉ ସପନପୁରୀରେ ନେଇ ଭସାଉଥାଉ— ହାତ ଶଙ୍ଖା ଦର୍ପଣ ପରି ସେ ସବୁ କଥା ମନ ଭିତରେ କେତେ ବେଳେ ନାଚିଯାଉଛି । ଏବେ ତୁ କୋଉ ରଜାପୁଅର ଫନ୍ଦା ଭିତରେ ଅଛୁ, ଟିକଏ ହେଲେ ମନ ପକାଉ ନାହୁଁ ?

ମୋ କପାଳ ପରି କପାଳ ସଂସାରରେ ଆଉ କାହାର ନଥିବ ଲୋ ଭଉଣି । ଇମିତି ହୀନମାନ କପାଳ ଦେଇ ସଂସାରକୁ ମତେ କିଏ କାହିଁକି ପଠାଇଥିଲା, ଜାଣିପାରେ ନାହିଁ । ଫଟା କପାଳରେ ଏତେ ଦଶା ଥିଲା ! ଏତେ ମନସ୍ତାପ କରିବାକୁ ବିଧି ଲେଖିଥିଲା ! କଣ କରିବି ? ଯାହା କରିବାର ଦଶ ବର୍ଷ ହେଲା ମନକୁ ମନ କରି ଆସିଛି । ଧମାଘରେ ଜନ୍ମହୋଇ ସୁଦ୍ଧା ମୁଁ ସଂସାରଯାକର ହୀନସ୍ତା ଭୋଗି ସାରିଛି । ଏବେ ବୁଝୁଛି ଧନ ନୁହେ କି ଜନ ନୁହେ, କେହି କାହାର ନୁହନ୍ତି ଲୋ ଭଉଣି । ବଡ଼ ପୁରୁଷେ ପରା କହିଛନ୍ତି—

"ଯେତେଣେ ଇଛା ତେତେଣେ ଯା,
କର୍ମ ଯେନ ବୁଲୁ ଥା ।"

ମୁଁ କର୍ମି ଘେନ ବୁଲିଲି କେତେ ବର୍ଷ । ବର୍ଷବର୍ଷ କାଳ ମୁଁ ଲୁହ ନ କାଢ଼ି ରକତ କାଢ଼ିଲି । ସେକଥା ମନେ ପକାଇଲେ ଏବେ ମୋ ମନ ଭିତରଟା କଣ ହୋଇଯାଉଛି । ଅନୁଭବୀ ବିନା ସେ କଥା କିଏ ବୁଝିବ ? ଯେ ବୁଝିବ, ସେ କି ନ କାନ୍ଦି ରହିପାରିବ ?

ସେଇ ପିଲାଦିନେ—ଦିନେ ଗତିରେ ବାପା ବୋଉ କଣ ଭିନ ଭିନ କଥା ହେଲେ । ସେ କଥା ସ୍ୱପ୍ନପରି ଲାଗୁଛି; ମାତ୍ର ମନରୁ ଲିଭୁନାହିଁ । ଆଜି ସେ ଲିଭିବ ନାହିଁ । ମୁଗୁନି ପଥରରେ ଗାର ପଡ଼ିଲେ କି ଲିଭେ ? ହୃଦୟ ମୋର ମୁଗୁନି ପଥରରୁ ବଳି ଟାଣ ହୋଇଛି, ଆଜି, ସେଥିରେ ବର୍ଷ ବର୍ଷକର କଥା ଗୋଟି ଗୋଟି ହୋଇ ଲେଖାଅଛି । ଆଜି କାହା ଆଗେ ହୃଦୟ ଖୋଲିବାକୁ ଲାଜ ଲାଗୁଛି । ଛାଡ଼ି ସେ କଥା, ସେଦିନ ସକାଳେ ପଡ଼ିଶାଘରର କେତକୀ ଭାଉଜ ଆସି ମୋତେ ଥଟ୍ଟାକରି କହି ଦେଇଗଲେ. 'ଆମ ଝିଅର ଏଥର ଦି'ହାତକ ଗୁରି ହାତ ହବ ।' ମୁଁ ସେଦିନ ତାଙ୍କ କଥାଟା ଭଲକରି ବୁଝି ନପାରି ଟିକିଏ ହସି ଦେଇଥିଲି । କିନ୍ତୁ ସେ ହସ ପଛେ ପଛେ ଯେ କାନ୍ଦିବାକୁ ହେବ, ଜାଣି ନଥିଲି ।

ପ୍ରିୟ ରମେଶ,

ଆଗରୁ କହିଛି, ସେହି ବକୁଳ-କୁଞ୍ଜ ଭିତରେ ମୋର ବିବାହ ପ୍ରସ୍ତାବ ପତ୍ରଖଣ୍ଡି ପାଇଲି। ସେତେବେଳକୁ 'କଳିକା' ବହି ଖଣ୍ଡିକ ମୋ ହାତରେ। ବହିଖଣ୍ଡି ନୂଆ ବାହାରିଥାଏ, ମୁଁ ତାକୁ ବଡ଼ ଆଗ୍ରହରେ ପଢ଼ୁଥାଏ। ଖାଲି ଆଗ୍ରହରେ ନୁହେ, ଭାବର ଉତ୍ତେଜନାରେ ବେଳେ ବେଳେ ମୋତେ ନିଜକୁ ଭୁଲିଯିବାକୁ ପଡ଼ୁଥାଏ। ସେ ଚିଠିଟା ପାଇ, କିଛି ସମୟ ବହି ପଢ଼ା ଛାଡ଼ି ତାକୁ ତିନି ଚାରି ଥର ପଢ଼ିଗଲି। ମନଟା କିପରି ଅଜ୍ଞାତ ଭାବରେ ମାତି ଉଠିଲା। ମୋ କ୍ଷୁଦ୍ରଜୀବନ-ଜଗତରେ କିପରି ଏକ ନୂତନତ୍ୱ ଅନୁଭବ କଲି ସେ ସବୁର ଜୀବନ୍ତ ସ୍ମୃତି ଏବେ ମଧ୍ୟ ମୋ ହୃଦୟରେ ଜାଗି ରହିଛି।

ପତ୍ରଖଣ୍ଡି ପଢ଼ିସାରି 'କଳିକା'ର 'ପତ୍ନୀ' ଗୀତଟି ପଢ଼ି ବସିଲି। ତାହା ପଢ଼ିଲାବେଳେ ସେ ସମୟର ପ୍ରାରମ୍ଭ ଯୌବନର ଉଦ୍ଦାମ ଭାବ ନେଇ ମୁଁ ଯେ କଣ ହୋଇଥିଲି ଆଜି ଏ ସାମାନ୍ୟ କଲମ ମୁନରେ ତାହା ବର୍ଣ୍ଣନା କରିବା ମୋ ପକ୍ଷରେ ଅସମ୍ଭବ। ଏହି କଲମ ମୁନରେ କେତେ ଥର 'ପତ୍ନୀ' ଶବ୍ଦ ଲେଖିଛି, କେତେ କାହା ମୁହଁରୁ ଏ ପଦ ଶୁଣିଛି; କିନ୍ତୁ ସେଦିନ କବିଙ୍କର ସେ

ଗୀତଟା ପଢ଼ି ମୋ ପ୍ରାଣରେ କି ଏକ ଅନିର୍ବଚନୀୟ ମଧୁମୟ ସ୍ପନ୍ଦନ ଆସିଲା ! ପଢ଼ିଲି :—

"ନୟନେ ଦେଇଛ ମୋର ସୁଧା ଦରଶନ,
ଶ୍ରବଣ ଯୁଗଳେ ମଧୁ ସରଗ ନିସ୍ୱନ,
ହୃଦୟେ ଯେ ଭରିଦେଲ ସେନେହ ମମତା
ପରାଣେ ଗ୍ରେପିଲ ଆଶା ସଉରଭ ଲତା ।"

ବାସ୍ତବିକ, ନିକୁଞ୍ଜ କାନନର ସେ ସମୀରଣ ସଙ୍ଗେ କି ସୌରଭ ବହିଲା, ସେ ଫୁଲ ମୋତେ ନୀରବରେ କି କଥା କହିଲା, ସେଠାର କୋକିଲ ମୋତେ କେଉଁ ଦେଶର କି ବାରତା ଆଣି ଦେଲା, ତାକୁ ଭାବି ବସିଲେ ଏବେ ମଧ୍ୟ ମୋର ଜୀବନ ଯନ୍ତ୍ର ଥରି ଉଠୁଛି । ଭାବିଲି, ସତେ କଣ କବିଙ୍କର ଗୀତର 'ପତ୍ନୀ' ମାନବ ଜଗତରେ ସମ୍ଭବ ? 'କଳିକା'ର ଏ ଭାବମୟୀ ପତ୍ନୀ କଣ ବାସ୍ତବ ସଂସାରରେ ମୋହିନୀ ମୂର୍ତ୍ତିରୂପେ ଦେଖା ଦେଇପାରେ ?

କେତେ ଦିନ ଗଲା, ଏ ସଂବାଦ କ୍ରମେ ମୋର ସହପାଠୀ ଜାଣିଲେ । କିଏ କେତେ ଥଟ୍ଟା କଲେ, କିଏ କେତେ ପ୍ରକାରେ ଭୋଜି ଦାବୀକରି ବସିଲେ । କାହା ମନରେ କେତେ ନିବିଡ଼ ସ୍ୱଚ୍ଛ ମଧୁର ଭାବ ମୋ ଉଦ୍ଦେଶ୍ୟରେ ଝରି ପଡ଼ିଲା । ମୁଁ ଏକପ୍ରକାର ସେମାନଙ୍କର ଗୋଟିଏ ଜୀବନ୍ତ ଖେଳନା ଜିନିଷ ହୋଇପଡ଼ିଲି ।

ଏ ସାମାନ୍ୟ ଚିଠି ଖଣ୍ଡେ ପାଇବା ଫଳରେ ସେହି ମୁହୂର୍ତ୍ତରୁ କାହା ସହିତ କି ଏକ ଅଚ୍ଛେଦ୍ୟ ବନ୍ଧନରେ ବାନ୍ଧିହେଲି ଜାଣି ପାରିଲି ନାହିଁ । ଦିନରେ ସେହି କଥା ଭାବିଲି, ବହି ଧରି ପଢ଼ିବାକୁ ବସି ବହି ମୁହଁ ଦେଇ ସେହି କଥା ଚିନ୍ତାକଲି । ଶୋଇଲାବେଳେ ସ୍ୱପ୍ନ ରୂପରେ ସେହି ଚିନ୍ତା ମୋତେ ଘାରିଲା । ରାତି ପାହାନ୍ତିଆରୁ ପଢ଼ିବା ପାଇଁ ଉଠି ଅର୍ଦ୍ଧସୁପ୍ତ ହୃଦୟର

ଗୋଟିଏ କୋଣରେ ସେହି ଚିନ୍ତାକୁ ଧରି ମୁଁ ନୀରବ ସୁଖରେ ମୁଣ୍ଡପୋତି ବସିରହିଲି —ମୋଟାମୋଟି କହିବାକୁ ଗଲେ ମୁଁ ସଂପୂର୍ଣ୍ଣ ବଦଳିଗଲି ।

କି ବିଚିତ୍ର ଏ ରହସ୍ୟ ! ଦେଖା ନାହିଁ କି ଚିହ୍ନା ପରିଚୟ ନାହିଁ, କେଉଁ ଦୂରଦେଶର କେଉଁ ଦୂରଯାତ୍ରୀ ସେ; ତା ଦେଶର ପାହାଡ଼ ପର୍ବତ, ବଣ ନଦୀ, ଝିଲ ସଙ୍ଗେ ମୋର ତିଳେସୁଦ୍ଧା ସମ୍ବନ୍ଧ ନାହିଁ, ତଥାପି ସ୍ୱପ୍ନପୁରୀର ମାୟାବିନୀ ପରି ମୋ ହୃଦୟ ମନ ସେ ବରାବର ଅଧିକାର କରି ବସିଲା । ମୋର ସୁଡ଼ୌଲ ସୁଠାମ ଅଙ୍ଗକୁ ସେ ଆହୁରି ଢଳ ଢଳ କରି ନଚାଇ ଦେଲା, ମୋର ଯୌବନଫୁଲକୁ ଆହୁରି ଛନ ଛନ କରି ହସାଇ ଦେଲା । କେଉଁ ଅଜଣା ବନ ପ୍ରଦେଶର କ୍ଷୁଦ୍ର କଳିକାଟିଏ ସେ, ହଠାତ୍ ମୋର ଶ୍ୟାମଳ ହୃଦୟ-କାନନରେ ହସିବାକୁ ଆରମ୍ଭକଲା ।

ପୁଣି ଦିନେ ଆଉ ଏକ ଚିଠି ପାଇଲି । ତାକୁ ହଠାତ୍ ପଢ଼ିବା ପାଇଁ ମୋର ସାହସ ହେଲା ନାହିଁ; କେଜାଣି ଏଥର ସେ ଭିତରେ କୋଣାର୍କର ଚୁମ୍ବକ ଥିବ, ମୋର ମନ-ଜାହାଜକୁ ହଠାତ୍ ଟାଣିନେବ; ବାହାର ଜଗତରେ ହଲଚଲ ହେବାକୁ ସୁଦ୍ଧା ମୋର କର୍ତ୍ତବ୍ୟ ରହିବ ନାହିଁ । ସନ୍ଦେହ, ଉତ୍ସାହ, ଉତ୍ତେଜନା, ଆଶଙ୍କାରେ ପଢ଼ା ଆରମ୍ଭକଲି, ଦେଖିଲି, ସେ ଭିତରେ ନାନା କଥାମଧ୍ୟରେ ଲେଖାଅଛି ମୋର ସେହି ସ୍ୱପ୍ନପୁରୀର ମାୟାବିନୀଟିର ନାଁ କେବଳ 'କନକଲତା ।'

'କନକଲତା !' ମୁଁ ଏପର୍ଯ୍ୟନ୍ତ ଯେତେ ବହି ପଢ଼ିଥିଲି, ଯେତେ କଥା ଶୁଣିଥିଲି, ସେ ସବୁଭିତରେ ଯେତେ ଯେତେ ଶବ୍ଦ ଥିଲା ସେ ସବୁ ଶବ୍ଦଠାରୁ ଏ ଶବ୍ଦଟି ମୋତେ ବେଶୀ ମଧୁମୟ, ରସମୟ, ରହସ୍ୟମୟ ଓ ହାସ୍ୟମୟ ଜଣାପଡ଼ିଲା ! ପଢ଼ି ମୁଁ ମୁହୂର୍ତ୍ତେ ବିଚଳିତ ହୋଇ ପଡ଼ିଲି ।

ଭଉଣୀ,

ଲାଜରେ ସେଦିନ ମୋର ମୁଣ୍ଡ ପୋତି ହୋଇଗଲା । ମୁଁ କି ଜାଣେ ଏତେ ଭିତିର କଥା ? ବୁଝେ ନା ସୁଝେ । ତାଙ୍କୁ ପୁଣି କହନ୍ତି 'ଢ ହାତକ ଗୁର ହାତ, 'ଢ ଆଖିକ ଗୁର ଆଖି । ଏତେ ଭିତରେ କିଏ ପଶିଥିଲା ଲୋ ଭଉଣୀ ! ପିଲା ହୋଇଥିଲି, ବୁଦ୍ଧି ଥିଲା ଖେଳରେ । କେତକୀ ଭାଉଜ ମୁହଁରୁ କଥା ଶୁଣି ମୁଁ ପ୍ରଥମେ ଭାବିଥିଲି ଯେ ମତେ ସେ କଣ ଚିଡ଼େଇ କରି କହି ଯାଉଛି । ମାତ୍ର ସତ କଥା ସିଏ । ସେ କଥା ଶୁଣିଲା ମୁହୂର୍ତ୍ତରୁ ମୁଁ ଗୁଡ଼େଇ ଭୁଡ଼େଇ ହୋଇ ଯାଇ ତାପାଖେ ବସିଲି । ପଚାରିଲି, "ଭାଉଜ, କଣ କହିଲ ? ଢ'ହାତକ ଗୁର ହାତ କଣ କି ?"

ମୋର ଏଇ ପଦକ କଥା ଶୁଣି ସେ ତ ହସି ହସି ଘର ଫଟେଇ ଦେଲେ । ସେ ହସ ଶୁଣି ମୋର ତାଳୁକା ଶୁଖିଗଲା । ଭୟ ହେଲା ମୁଁ ଗୋଟେ କଣ ଅସୁନ୍ଦର କଥା କହି ଦେଲି ଯେ ଭାଉଜ ଏପରି ହସୁଛନ୍ତି । ତାଙ୍କ ହସ ଶୁଣି ସେ ଘରେ ଆଉ କିଏ ଆସି ପହଞ୍ଚିବ, ମୋର ଓଲପଣିଆ ଜାଣି ଦେବ, ଏଥିପାଇଁ କଣ କରିବି ବୁଦ୍ଧି ବାଟ ଦିଶିଲା ନାହିଁ । ତରତରରେ ପିନ୍ଧିଲା ଲୁଗାର କାନିଟା ମେଞ୍ଚାକରି ତାଙ୍କ ମୁହଁରେ ମାଡ଼ି ଦେଇ କହିଲି, "ଭାଉଜ, ଭାଉଜ, ମୋରାଣ, ହସ ନା, ହସ ନା ।"

ଗାଉଜଟି ମତେ ବଡ଼ ଭଲ ପାଉଥାନ୍ତି, ମୋର ଏ ଜାକୁଡ଼ି ଅବସ୍ଥା ଦେଖି ମୋତେ କୋଳକୁ ଟାଣିନେଇ ଯାକ ପକାଇ କହିଲେ, "କନ, ତୁମେ କଣ ବାୟାଣୀ ହେଲ କି ? ଏଡ଼େ ବଡ଼ ଝିଅ ହେଲଣି, ବିଦାତକ ଘର ହାତ କଣ ବୋଲି ପଚାରି ବସିଛ ? କିଏ ଶୁଣିଲେ କଣ କହିବ ? ଯାହାଙ୍କ ପାଇଁ ଏତେ କଥା, ସେ ତୁମର ଇମିତି କଥା ଶୁଣିଲେ ଆଉ ନେବେ ଟିକି ? ଇମିତି କଥା ଆଉ କାହାକୁ ପଚାରିବ ନାଇଁ, ଲୋକେ ହସିବେ ।"

ଏହି ଶେଷ କଥାର ଅର୍ଥ ମଧ୍ୟ ମୁଁ ସେତେବେଳେ ଠିକ୍ ବୁଝି ପାରି ନଥିଲି । ପ୍ରଥମେ ଭାବିଲି, ମୁଁ କି ଦୋଷ କରିଛି ଯେ ମତେ କାହିଁକି କିଏ କୁଆଡ଼େ ନେବ ? ଘରେ ସମସ୍ତଙ୍କୁ ଛାଡ଼ି ମୁଁ କାହିଁକି କୁଆଡ଼େ ଯିବି ? କିଛି ଦିନ ପରେ ସାଙ୍ଗସରସାଙ୍କ ଠାରୁ ମିଶି କଥାକୁ ଟିକିଏ ଟିକିଏ ବୁଝିଲି । ଏହା ପରେ ହସ କଉତୁକ ସମୟରେ ଏ କଥା କେବେ ପଡ଼ିଲାବେଳେ ମୋ ମୁହଁରେ ଲାଜ-ମିଶା ହସ ଦେଖି ଥରେ ଗାଉଜ କହିଥିଲେ, "ତୁମେ ପରା ବାହା ହେବ, କନ; ତୁମର ବିଦାତ, ଆଉ, ଯାହାଙ୍କୁ ବାହାହେବ ତାଙ୍କର ବିଦାତ, ସବୁ ମିଶି ଘର ହାତ ହେଲା ନାହିଁ ?"

ବୁଝିଲି, ମୋର ବାପଘର ତ ହବ । ବେଳେ ବେଳେ ସେ କଥା ଶୁଣି ଗାଉଜଙ୍କ ମୁହଁକୁ ଖାଲି ବଲ ବଲ ଚାହିଁ ରହେ । କାହିଁକି ଯେ ଚାହିଁ ରହୁଥିଲି ଏବେ କହି ପାରିବି ନାହିଁ । ଏ ଆଖି କୋଣରୁ ସେ ଚାହାଣି ଲୁଚିଯାଇଛି, ଏ ହୃଦୟ କୋଣରୁ ସେତେବେଳର ଗୋପନ ଚିହ୍ନ କୁଆଡ଼େ ଗୋପନରେ ରହିଲାଣି । କେବଳ ସେ ସବୁ କଥା ବେଳେ ବେଳେ ଦୂରରୁ ବୁଢ଼ିଆଣୀ ଜାଲ ପରି ଆଖି ଆଗେ ଖେଳିଯାଉଛି ମାତ୍ର । ମୋର ସେତେବେଳର ଅବସ୍ଥା ଦେଖି ଗାଉଜ ଥରେ ପରିହାସରେ କହିଥିଲେ, "ଯିବ ଯେ କନ,

ମନେ ପକାଉଥିବ ।" ଏବେ ସେ ପଦକ ମନରୁ ପାସୋରି ଯାଇ-ନାହିଁ, ଭାଉଜଙ୍କ ପରିହାସ ଶୁଣି ହସ ବଦଳରେ ଗୋଟାଏ ଦୀର୍ଘଶ୍ୱାସ ଆସୁଥିଲା । "ବାହା ହେବି ? ଗାଁର କମଳା, ରମା, ଚମ୍ପା, ସୀତା ବାପ ମା ଭାଇ ଭାଉଜଙ୍କୁ ଛାଡ଼ିଗଲା ପରି ମୁଁ କୁଆଡ଼େ ଯିବି ?" ଏ କଥା ଭାବି ଦେଇ ମୋର ଆଖି ଦୁଇଟି ଲୁହ ଛଳ ଛଳ ହୋଇ ଆସୁଥିଲା । ସେତେବେଳେ ମନ ହେଉଥିଲା – ବାହା ହେବି ନାହିଁ, କି ଆମ ଘରଦ୍ୱାର, ବାପ ମା, ଆମ ବାଞ୍ଛ ବଳେଇ, କଲରାମଧା, ଲେଉଟିଆ ଶାଗ କିଆରି, କାଳୀଗାଈ କାହାକୁ ହେଲେ ଛାଡ଼ି କରି କୁଆଡ଼େ ହେଲେ ଯିବି ନାହିଁ । କେବଳ ଯାଉଥିବି ଇସ୍କୁଲକୁ, ଆସୁଥିବି ଘରକୁ ଏବଂ ଖେଳୁଥିବି ସାଙ୍ଗସାଥି ପିଲାଙ୍କ ସଙ୍ଗେ ।

ସେଦିନ ଭାଉଜ ହସି ହସି ମତେ କହିଦେଇ ଗଲେ, "ଜାଣିଲ କିନ, ତାଙ୍କ ନାଁଟି ହେଉଛି 'ହରିଚରଣ' । କଥାଟା ମୋ ଉପରେ ଫୁଲ ବର୍ଷିଲାପରି ଲାଗିଲା ।

ମୋର କଣେଶଣ ଜୀବନ ହସି ଉଠୁଥିଲା । ଦରଫୁଟା ପଦ୍ମ-ଫୁଲର ରୂପବାସ ଚହଟି ପଡୁଥିଲା । ପିଲାଖେଳରୁ ମନ ଖସି ଆସୁଥିଲା । ଶୋଇଲା ବେଳେ କେଜାଣି କାହିଁକି କେହି କୁଆଡ଼େ ନ ଥିଲେ ମଧ୍ୟ ଦେହଟା ଶୀତେଇ ଉଠୁଥିଲା ।

ଭାଉଜ କହି ଦେଇ ଗଲେ ଗୋଟିଏ ପଦ, 'ହରିଚରଣ' । ଏହି ପଦକ କ୍ରମେ ମୋ ପାଖେ ସାତ ଖଣ୍ଡ ରାମାୟଣ ପୋଥି ପରି ହେଲା । ବୁଝେ ବା ନ ବୁଝେ ସବୁବେଳେ ଯାହାକୁ ଘୋଷିଲି, ସବୁ-ବେଳେ ଏହି କଥା ଭାବି ବସିଲି, ତଥାପି ସରିଲା ନାହିଁ କି ସେଥିରୁ ମନ ଭାଜିଲା ନାହିଁ । ଇସ୍କୁଲରେ ବହି ଧରି ପଢ଼ିଲେ ଏହି ପଦଟି ବେଳେ ବେଳେ ମନେ ପଡ଼େ । କେଜାଣି କାହିଁକି ବହିର ଛପା ଅକ୍ଷର ଗହଳରେ ଏହି ପଦକ ମଧ୍ୟ ଛପା ହେଲାପରି ଆଖିକୁ

ଦିଶିଯାଏ । ସାଙ୍ଗସରିସା ମେଳରେ ସିଲଟରେ ଏହି ନାଁଟି ଲେଖି ଦେଇ ହସ କଉତୁକରେ ପୁଣି ଲିଭାଇଦିଏ । ସେହି ଖେଳ, ସେହି ରହସ୍ୟ, ସେହି ଜୀବନ କଥା ସବୁ ଗୋଟି ଗୋଟି ଏବେ ମନେ ପଡ଼ୁଛି । ମନେ ପଡ଼ୁଛି, ଦିନ ଯେତିକି ଗଡ଼ିଲା, ସେହି 'ହରିଚରଣ' ପଦକ ଗୁଣି, ବୁଝାଣୀ ମୋର ସେତିକି ଆନନ୍ଦ ଓ ବାଙ୍କ ହୋଇ ପଡ଼ିଲା । ଅଳ୍ପଦିନ ମଧ୍ୟରେ ମୋର କଥାବାର୍ତ୍ତା, ଢଙ୍ଗଢାଙ୍ଗ ସବୁ ବଦଳି ଆସିଲା । ସବୁ ବିଷୟରେ ମୁଁ ଓଲଟ ପାଲଟ ହୋଇ ପଡ଼ିଲି ।

ପ୍ରିୟ ରମେଶ,

ଆଶାରେ ଯେ କେତେ ଆନନ୍ଦ, ମୁଁ ଏହି ଘଟଣାରେ ପ୍ରଥମେ ବୁଝିଲି । ମାୟାମୟୀ ଆଶା ମୋତେ ଅମୃତ ଚଖାଇ ପାଗଳ କରି ଦେଲା । ମୁଁ ଆଶା-ମନ୍ଦାକିନୀରେ ଭାସି ଭାସି ଅମରାବତୀରେ ଯାଇ ପହଞ୍ଚିଲି । ସେଠାରେ କବିଙ୍କର କେତେ ପାରିଜାତ ଦେଖିଲି, କେତେ କଳ୍ପଲତା ଦେଖିଲି, ମାତ୍ର କନକଲତାର ଭେଟ ପାଇଲି ନାହିଁ । ତାକୁ ଭେଟିଥିଲେ ହୁଏତ ମୋ ଆନନ୍ଦର ସେଇଠାରେ ପରିଣତି ଘଟିଥାନ୍ତା, ମାତ୍ର ତାହା ହେଲା ନାହିଁ । ମୁଁ ଭାବିଲି, ବୁଲିଲି, ବ୍ୟାକୁଳ ଭାବରେ କେତେ କୁଆଡ଼େ ଖୋଜିଲି । ତାକୁ ମୁଁ ବନ୍ୟ ପଡ଼ାରେ ପାଇଲି ନାହିଁ, କୋକିଳ ସଙ୍ଗୀତରେ ପାଇଲି ନାହିଁ କି ଏ ମୋର ପ୍ରଶସ୍ତ ହୃଦୟ ରାଜ୍ୟରେ ମଧ୍ୟ ଖୋଜି ଖୋଜି ପାଇଲି ନାହିଁ । ସବୁ ମଧୁମୟ ବୋଧ ହେଲା, ସବୁ ଅପୂର୍ଣ୍ଣ ଲାଗିଲା । ମନୁଷ୍ୟ ଚିନ୍ତାର ଗତି କି ବିଚିତ୍ର !

ଲେଖି ଲେଖି ଏସବୁ କଥା ଲେଖି ଯାଉଛି, କ୍ଷମା ଦେବ । ମାଟ୍ରିକୁଲେଶନ ପରୀକ୍ଷା ଆଉ ଅଳ୍ପଦିନ ମାତ୍ର ବାକି ଥାଏ, ମୋ ମନର ଗତି ଏପରି ଅବସ୍ଥାରେ ଆସି ପହଞ୍ଚିଲା । ମୁଁ ଗୁରୁତର ସନ୍ଧି ସ୍ଥାନରେ ଆସି ପଡ଼ିଲି । ପରୀକ୍ଷାଟା ଯେ କୌଣସି ପ୍ରକାରେ ହୋଇ ହେଲେ ରକ୍ଷା, ଭାବି ମନକୁ ଖୁବ୍ ଦୃଢ଼ କରି ବେଲେ

ବେଳେ ପଢ଼ାପଢ଼ିରେ ଲାଗିଯାଏ । କିନ୍ତୁ କିପରି କାହିଁକି ଯେ ସେହି ସ୍ୱପ୍ନ-ପ୍ରତିମା ଚଟ୍ କରି ମୋ ମନ ଅଧିକାର କରି ବସେ, ଜାଣିପାରେ ନାହିଁ ।

ମହାକବି ଭଞ୍ଜଙ୍କର ପଦେ ଗୀତ ମନେ ପଡ଼ିଲା । ଭାବିଲି ସବୁ ପଢ଼ା କରି ସାରି ସେହି କନକ ପ୍ରତିମା କଥା ମନେ ପକାଇବି । ତାହା ହେଲା ନାହିଁ । ସକାଳୁ ଗାଧୋଇ ଯାଏ, ପୋଖରୀରେ ଦରଫୁଟା ପଦ୍ମଫୁଲ ଦେଖି ଘଡ଼ିଏ ଚାହିଁ ବସେ । ଭାବେ, କନକର ମୁହଁଟି ଠିକ୍ ଏହାପରି ବା ଏହାଠାରୁ ଆଉ ଟିକିଏ ସୁନ୍ଦର ହୋଇଥିବ । ମୁଁ ଫୁଲକୁ ଚାହିଁ ବସିଲେ ସାଙ୍ଗ ପିଲେ ମୋର ଚାହାଣୀ ଦେଖି ହସନ୍ତି, ଆଉ କେହି କେହି ବା ମୋତେ 'କବି' ଆଖ୍ୟା ଦେଇ ତାଳି ମାରି ବ୍ୟତିବ୍ୟସ୍ତ କରି ପକାନ୍ତି । ସୁନ୍ଦର ସୁଠାମ ପିଲାମାନଙ୍କ ମଧ୍ୟରେ ମୁଁ ଯେ ଆସନ ପାଇବାକୁ ଯୋଗ୍ୟ-ଥିଲି, ଏବେ ମଧ୍ୟ ଗର୍ବର ସହିତ କହିପାରିବି । ତେଣୁ ସମସ୍ତେ ମୋତେ ଦେଖିଲେ, ମୋ କଥା ଶୁଣିଲେ ଖୁସି ହୁଅନ୍ତି । ବାସ୍ତବିକ ସୌନ୍ଦର୍ଯ୍ୟର କିଗୋଟାଏ ଅପରିହାର୍ଯ୍ୟ ମୋହ ଅଛି । ନ ହେଲେ କି କବି ଗାଇଥାନ୍ତେ —

'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ ।'

କ୍ରମେ ପରୀକ୍ଷା ପାଖେଇ ଆସିଲା । ମନ କ୍ରମେ ଚଞ୍ଚଳ ହେଲା । ସମୟକୁ ବାଣ୍ଟି ଦେଲି, ଅମୁକ ସମୟରେ ପାଠ ପଢ଼ିବି, ବାକି ଅମୁକ ସମୟରେ ଅନ୍ୟାନ୍ୟ କଥା ଭାବିବି—ଅର୍ଥାତ୍ ମୋର ବିବାହ କଥା, ସତ କହିବାକୁ ଗଲେ, ମୋ କଳ୍ପନା-ରାଜ୍ୟର ରାଣୀ ସେହି କନକଲତା କଥା । ଏହିପରି ଭାଗ ଭାଗ କରି ମଧ୍ୟ ପଢ଼ିବା ସମୟର କିଛି ଅଂଶ ଅନ୍ୟ ଚିନ୍ତାରେ ଯାଏ । ଏଥିରୁ ମୋ ମନର ସେତେବେଳର ସାଂଘାତିକ ଅବସ୍ଥା ବେଶ୍ ବୁଝି ପାରୁଥିବ ।

ଭଉଣି,

ଭୁନ ଭୁନ କରି 'ହରିଚରଣ' ଏହି ନାଁଟିକୁ ମନକୁ ମନ କେତେ ଥର କହିଲି । ଦିନକୁ ଦିନ ମନ ଉନ୍ମନ ହେଲା । କେତେ କେତେ ନୂଆ ଭାବ ଆସିଲା । ସାଙ୍ଗ ସାଥି ଖାଇ ପଡ଼ିଶା ପିଲାଏ କାନରେ କେତେ କଥା ଆସି ଫୋଡ଼ିଲେ । ପଡ଼ିଶାଘରର ଭାଉଜ ଥଟ୍ଟାରେ କେତେ କଥା କହିଲେ । ସବୁ ଶୁଣୁଥାଏ ଲୋ ଭଉଣି, ଆଗପରି ଆଉ ଓଠ ମେଲେଇ ହସୁ ନଥାଏ କି ପାଟିକରି କାହା ଜବାବ ଦେଉ ନଥାଏ । ଜବାବ ଦେବାକୁ କି ସେତେବେଳେ ଆଉ ଦମ୍ଭ ଥାଏ ?

ଦିନକୁ ଦିନ ମୋର ଶୁଖିଲା ଦେହ ଚିକଣିଆ ହୋଇ ଆସିଲା । ଖେଳ କଉତୁକରେ ଆଉ ବେଶି ମନ ଲାଗିଲା ନାହିଁ । ସେତେବେଳେ ଭାବି ବସେ, ସେ ଯାଇ କୋଉ ଦୂର ଦେଶରେ ଅଛନ୍ତି; ସେ କିମିତି ? ତାଙ୍କ ଘର କିମିତି ? ତାଙ୍କ କଥା କିମିତି ? ମନକୁ ମନ ଭାବେ, ସେ କଣ ମୋ ପରି ଇମିତି ମଇଳା ଲୁଗା ପିନ୍ଧିଥିବେ, ଇମିତି ଭଙ୍ଗାଘରେ ରହୁଥିବେ । ମନରେ ସତେ କେତେ କଥା ଭାବି ହୁଏ ଲୋ ଭଉଣି ! ମୁଁ ତ ଭାବି ନ ପାରି ମୁହଁ ଫିଟେଇ କହି ପାରି ନ ଥିଲି । ଭାବି ଭାବି କେତେ ଖେଳିଲି, କେତେ ହସିଲି, କେତେ କାନ୍ଦିଲି, ସେ କଥା ଆଉ କଣ ଲେଖିବି ?

ଦିନକରର କୁଆଁର ପୁନଅ ପଡ଼ିଲା । ଖାଇପିଲେ ସୁଲି ପୁଜ ବାଡ଼ି, ଗୀତ ବୋଲି ଖେଳ ବସିଲେ । ମୋତେ ଗୀତ ବୋଲିବାକୁ ଭଲ ଲାଗିଲା ନାହିଁ । ଲାଜ ମୋ ମୁହଁକୁ ମୁଦ ପକାଇଲା ପରି ରଖିଲା । କୁମାରୀଏ ବର ପାଇଁ ପ୍ରାର୍ଥନା କଲେ । ମୁଁ କଣ ପାଇଁ ପ୍ରାର୍ଥନା କରନ୍ତି ? ଗୁରୁଜନ ବତାଇଥାନ୍ତି 'ଗୋଟିଏ ବର ହେଲାନ୍ତ ଆଉ ଗୋଟିଏ ବର କଥା ମନରେ ଭାବିଲେ ସେ ଆଉ ତୁମକୁ ନେବେ ନାହିଁ ।' ଏଇ କେତୋଟି କଥା ମୋ ମନରେ ଲାଗି ମାରିଲା ପରି ଥାଏ । ଭାବୁଥାଏ ମୋ ପାଖରେ ଏ ଚୂଡ଼ାପୂଜ, ଏ ଗୀତ ନାଚ ସବୁ ମିଛ, କେବଳ ସେହି 'ହରିଚରଣ' ସତ । ସେହି ମୋର କୁଆଁର ପୁନଅଁ, ସେହି ଗୀତ ନାଚ, ସେହି ମୋର ଜୀବନର ଅଧିକରୁ ବେଶି ।

ଉପରେ—କେତେ ଉପରେ ଆକାଶରେ ଚନ୍ଦ୍ର ହସୁଥାଏ, ଆଉ ତଳେ ଆମ ଅଗଣାରେ ପିଲାମାନେ ହସି ଖେଳ ଘର ଫାଟାଇ ଦେଉଥାନ୍ତି; ମୁଁ କେବଳ ପିଣ୍ଡାରେ ବସି ତାହା ଦେଖୁଥାଏ । ଉପରେ ଚନ୍ଦ୍ର ଆଡ଼କୁ କୁଆଡ଼ୁ ଖଣ୍ଡେ ଧଳା ମେଘ ଭାସି ଆସିବାର ଦେଖିଲେ ଭାବେ, 'ସେ ମେଘ ଉପରେ ହେଲେ ମୁଁ ଥାନ୍ତି । ମେଘ ମତେ ଭସେଇ ନେଇ ନେଇ କୁଆଡ଼େ ଚାଲିଯାନ୍ତା, ମୁଁ ତା ଉପରେ ବିକଳ ହୋଇ କାନ୍ଦୁଥାନ୍ତି । ସେତିକି ବେଳେ ରଜା ଝିଅକୁ ରଜା ପୁଅ ଉଦ୍ଧାର କଲା ପରି ହରିଚରଣ କୁଆଡ଼ୁ ଧାଇଁ ଆସି ମୋତେ ହାତ ଧରି ଓହ୍ଲାଇ ଆଣନ୍ତେ—ଆଖିରେ ନିଦ ନାହିଁ, ଭାବୁ ଭାବୁ ଆଖି ମୁଦି ହୋଇଯାଏ । ସେତିକିବେଳେ କିଏ ଜଣେ ପିଲା ଆସି ମୋ ପିଠିରେ ଲଦି ହୋଇ ପଡ଼ିଲେ ଚମକି ପଡ଼େଁ,—ମୁଁ ପିଣ୍ଡା ଉପରେ ବସିଛି, ମେଘ ଗୁଡ଼ିଏଁ ମେଘ କୁଆଡ଼େ

ଭସି ଯାଇଛୁ । ଏ କଣ ? ପିଲାଦିନର ସେ ଝରଣ ଖେଳ ଏବେ ତ ଆଉ ଆଖି ଆଗରେ ପଡ଼ୁ ନାହିଁ । ସେତେବେଳେ ମୁଁ ଦିନସାରା ସବୁବେଳେ ସପନ ରାଇଜରେ ଭାସୁଥିଲି ଲୋ ଭଉଣି !

ଏତେ ଏତେ କଥା ସେ କଶୋଣ୍ଟ ଜୀବନରେ କଏ ଶିଖାଇଲା ମୁଁ ଜାଣିଲି ନାହିଁ । ମନ ହେଲା, ସବୁବେଳେ ନଳଚରଣ, ରାମାୟଣ, ମହାଭାରତ ଧରି ପଢ଼ିବି, ସୀତା ହେବି, ସାବିତ୍ରୀ ହେବି, ଦମୟନ୍ତୀ ହେବି, ଦରକାର ହେଲେ ପତିଙ୍କ ପାଇଁ ବଣରେ ଯାଇ ପଶିବି । ସେ ମୋତେ ଫୁଲ ତୋଳି ଦେବେ, ମୁଁ ତାଙ୍କୁ ସୁନାର ହରିଣ ଧରି ଆଣି ଦେବାକୁ କହିବି । ସେ ଆଖି ବୁଜି ଅଚେତା ହୋଇ ପଡ଼ିଲେ ମୁଁ ତାଙ୍କ ପାଇଁ ଯମ ଦେବତା ଆଗେ ଗୁହାରି କରିବି, ସେ ଅନାଥ ପରି ଦେଶେ ଦେଶେ ବୁଲିଲେ ମୁଁ ଅନାଥିନୀ ହୋଇ ତାଙ୍କ ପାଇଁ ଭିକ ମାଗିବି । ଆହା ସେ ସପନ ମୋର ଏ ହୃଦୟର କେଉଁ କୋଣରେ ଲୁଚି ରହିଲା ! ସେ ଦିନ କୁଆଡ଼େ ଗଲା !!

ପ୍ରିୟ ରମେଶ,

ପରୀକ୍ଷା ହେଲା । ପରୀକ୍ଷା ଦେବା ଆଗରୁ ତ ଯେପରି ପଢ଼ାପଢ଼ି କରୁଥିଲି ଜଣାଇଛି । ମନଟା କପରି ପାଠ ଠାରୁ କରଛଡ଼ା ହେଲା ପରି ରହୁଥିଲା, ପରୀକ୍ଷା ହଲରେ ଗୀତାରୁ ପାଦେ ମୋର ମନେ ପଡ଼ିଗଲା—

"—ମା ଫଳେଷୁ କଦାଚନ ।" ବୁଝେଁ ବା ନ ବୁଝେଁ ଏକ ପ୍ରକାର ଅର୍ଥ କରି ନେଲି । ଏତିକି ବେଳେ ଏହା ମୋର ବେଶି ଦରକାରରେ ଆସିଲା । ପରୀକ୍ଷାର ଫଳ ପ୍ରତି ବେଶୀ ଲୋଭ ବଳିଲା ନାହିଁ । କାରଣ, ଆଖି ଆଗରେ ଅନବରତ ସ୍ୱପ୍ନପୁରୀର ଯେଉଁ ସ୍ୱର୍ଣ୍ଣଫଳଟି ଝୁଲୁଥିଲା, ତାକୁଇ ପାଇବା ପାଇଁ ପ୍ରାଣର ବ୍ୟାକୁଳତା ବେଶି ବଢ଼ିଲା । ପ୍ରଦୋଷକାଳୀନ ପକ୍ଷୀ ପରି ମନଟା ଖାଲି ଗାଁ ଆଡ଼କୁ ଧାଇଁଲା । ଯେ କୌଣସି ପ୍ରକାରେ ପରୀକ୍ଷାଟା ଦେଇ ଘରକୁ ଫେରିଲି ।

ସବୁ ଥର ଗାଁକୁ ଆସିଲେ ଯେପରି ଆସେ, ଏଥର ସେପରି ଆସିବାକୁ ମନ କାହିଁକି ଡାକିଲା ନାହିଁ । ମନ ହେଲା, ମୁଁ ମାଟ୍ରିକ୍ୟୁଲେଶନ ଦୁର୍ଗ ଜୟ କରିବାକୁ ସାହସ କରିଛି ବୋଲି

ଲୋକେ ପଛକେ ନ ଜାଣନ୍ତୁ, ମୁଁ ଯେ ହୃଦୟରେ ସକଳ ବାସନା ନେଇ କୌଣସି ଏକ ମୋହମୟୀ ମୂର୍ତ୍ତିର ଯୌବନ-ଦୁର୍ଗ ଜୟ କରିବାକୁ ସବୁ ଯୋଗାଡ଼ କରୁଛି, ଏହା ଚାରିଆଡ଼େ ଲୋକମୁଖରେ ଘୋଷିତ ହେଉ ।

ଗାଡ଼ିରେ ଚଢ଼ିଲି, ଗାଡ଼ିରୁ ଓହ୍ଲାଇଲି, ବାଟ ଚାଲିଲି, ଗାଁରେ ପହଞ୍ଚିଲି; ମାତ୍ର ଏ ସବୁ ଭିତରେ ମୁଁ ସେହି ଦୁର୍ଗଜୟ କଥା ଛଡ଼ା ଆଉ କିଛି ବିଚାରି ପାରିଲି ନାହିଁ । ଷ୍ଟେସନରୁ ବାହାରି ଘର ମୁହାଁମୁହିଁ ହେବା ପର୍ଯ୍ୟନ୍ତ ଯେତେ ଯେତେ ଲୋକଙ୍କୁ ନମସ୍କାର ହେଲି, ସମସ୍ତେ ପ୍ରାୟ ଏକାପରି ପଚାରିଲେ, "ସବୁ ଭଲ ତ, ବାବୁ ?" ଭାବିଲି, ବୋଧହୁଏ ସମ୍ବାଦଟା ମୁଁ ଆସିବା ଆଗରୁ ଏ ଅଞ୍ଚଳରେ ଅନେକ ଲୋକ ଜାଣିଯାଇଛନ୍ତି । ନ ହେଲେ ସଭିଏଁ କିଆଁ ଏକାପରି ପଚାରନ୍ତେ ? ମୋର ପରୀକ୍ଷା ଫଳାଫଳ ବା ଅନ୍ୟ କୌଣସି ବିଷୟ ନେଇ ଯେ ଲୋକେ ଏପରି ପ୍ରଶ୍ନ କରି ପାରନ୍ତି, ସେତେବେଳେ ଏ କଥା ମନରେ ଆଦୌ ସ୍ଥାନ ପାଇଲା ନାହିଁ । ମୁଁ ପରା ସେ ସମୟରେ ଆମ ଜ୍ଞାତି କୁଟୁମ୍ବ ଗ୍ରାମ ମଧ୍ୟରେ ଶିବ-ରାତ୍ରିର ମହାଦେବଙ୍କ ଦେଉଳର ଜାଗର ଦୀପ ପରି ନିରବଚ୍ଛିନ୍ନ ଭାବରେ କ୍ଷୁଦ୍ର ଶିଖା ଟେକି ଜଳି ଉଠୁଥିଲି । ମୋତେ ତ ଲୋକେ ଏପରି ପ୍ରଶ୍ନ ପଚାରିବା କଥା !

ବାଟରେ କାହାକୁ କାହାକୁ ଅତି ଆପଣାର ଲୋକ ଦେଖି ପଚାରେ, "ଆଉ ଏଠାର ହାଲଚାଲ୍ କଣ ?" ପୁଣି ସଙ୍ଗେ ସଙ୍ଗେ ପ୍ରଶ୍ନ କରେ, "ଆମ ଘରର ହାଲଚାଲ୍ କିଛି ଜାଣ ?"

ପ୍ରଥମ ପ୍ରଶ୍ନର ଉତ୍ତର ମୁଁ ଆଦୌ ଆଶା କରୁ ନ ଥାଏ । ଲକ୍ଷ୍ୟ ଥାଏ, ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ । ବଡ଼ ବ୍ୟାକୁଳ ଭାବରେ

ଉତ୍ତର ଆଶା କରୁଥାଏ, କେହି କହିଦେବେ ପଛ, "ଉତ୍ତରର ତ ଆଉ ଅଳ୍ପ ଦିନ ବାକୀ ରହିଲା !"

ମାତ୍ର ସେ ବ୍ୟକ୍ତି ଯେତେବେଳେ କେବଳ ପ୍ରଥମ ପ୍ରଶ୍ନର ଉତ୍ତରଟି ଦେଇ ତୁନି ହୋଇ ରହିଯାଏ, ରାଗରେ ମୋ ମନଟା ପାଚି ଉଠେ । ମନରାଗ ମନରେ ମାରି, ଖୁବ୍ ବିରକ୍ତ ହୋଇ ଆଗକୁ ପାଦ କାଢ଼ି କାଢ଼ି କହେ, "ହଉ, କୁଆଡ଼େ ଯିବେ ଯାଆନ୍ତୁ । ବହୁତ ସମୟ ମୋର ନଷ୍ଟ ହେଲାଣି । ଚଞ୍ଚଳ ଘରେ ପହଞ୍ଚିବା ଦରକାର ।" ସେ କଥା ମନେ ପଡ଼ିଲେ ଆଜି ନିଜ ପ୍ରତି ନିଜର ରାଗ ଆସୁଛି । ସେ ସବୁ ପଲ୍ଲୀର ଅର୍ଦ୍ଧଶିକ୍ଷିତ, ସମ୍ପୂର୍ଣ୍ଣ ଅଶିକ୍ଷିତ ଶୁଭ୍ର-ସ୍ବାମାଯ୍ୟ ସରଳପ୍ରାଣ ବ୍ୟକ୍ତିଗଣ ମୋ ମୁହଁରୁ ଦୂର ପ୍ରବାସର କେତେ କେତେ ବିଚିତ୍ର କଥା ଶୁଣିବା ପାଇଁ ଆଶା କରି ପାଖରେ ଆସି ଠିଆ ହୁଅନ୍ତି । ମୁଁ ସେମାନଙ୍କୁ ମୋର ଅଭଦ୍ର ଧକ୍କାରେ ଦୂରକୁ ଠେଲିଦିଏ ! ବିଦ୍ୟା ଗୌରବରେ ମୁଁ ସେତେବେଳେ ପଥ-ପାର୍ଶ୍ୱର ବୃକ୍ଷମାନଙ୍କ ଠାରୁ ଆହୁରି ଉଚ୍ଚ ବୋଲି ମନେ କରୁଥାଏ ।

ଏହିପରି କେତେ କଥା ଲେଖିବି, ରମେଶ । ଏ ସବୁ ମୋର ଅଙ୍ଗେ ଲଭିଥିବା କଥା । ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ନୁହେଁ, କେତେ ବର୍ଷ କେତେ କେତେ କଥା ଏହିପରି ପ୍ରତି ମୁହୂର୍ତ୍ତରେ ଅନୁଭବ କରିଥିଲି । ଯୁବକ ଜୀବନରେ ଏପରି କେତେ ଯେ ଅଧୀର ବ୍ୟାକୁଳତା, ଅନ୍ଧ ଚପଳତା, ଅସୀମ ବ୍ୟଗ୍ରତା ଘଟୁଥିବ, ଏବେ ମୁଁ ବୁଝି ପାରୁଛି । ବୁଝୁଛି ସମସ୍ତଙ୍କ ଜୀବନରେ ଏହିପରି କେଉଁ ନା କେଉଁ ସନ୍ଧିକ୍ଷଣ ଆସି ପହଞ୍ଚିଥିବ ! ଯୌବନ ରାଜ୍ୟରେ ଏହିପରି ଉନ୍ମତ୍ତ ଝଞ୍ଜା ବହୁଥିବ । ଏବେ ମନେ ହେଉଛି, ସେ ଝଞ୍ଜାମୟ ଜଗତକୁ ଆଉ ଥରେ ହେଲେ ଫେରିଯାଇ ଭୁଲ ବାଟଟାକୁ ସଂଶୋଧନ କରିପକାନ୍ତି । ଆଉ ଥରେ ହେଲେ ଜଗତକୁ

ନନ୍ଦନବନ ସ୍ଥାନରେ ବନ ଗିରି ନଦୀ ବିଲ ପ୍ରାନ୍ତର ସବୁସ ଅମୃତର ଛବି ଦେଖନ୍ତି । ପୁଣି ଥରେ ସେ ଝଞ୍ଜା ଭିତରେ ମୁଣ୍ଡ ଟେକି ସଗର୍ବରେ ଠିଆ ହୁଅନ୍ତି । ଆରକ୍ତ ଉଷାର ଅଧର ବେଶରେ ହାସ କଳ୍ପନା କରି ଅନନ୍ତଭାବରେ ମୁହୂର୍ତ୍ତେ ବୁଡ଼ି ରହନ୍ତି; ଭାବନାର ଝଞ୍ଜାଘାତରେ ନିଜକୁ ଦୋହଲାଇ ଦିଅନ୍ତି । କିନ୍ତୁ ସେ ସବୁ ଆଶା ବୃଥା । ଜୀବନରେ—ଆଖି ପଲକରେ ଥରେ ଯାହା ଯାଏ, ଆଉ ତାହା ସେହି ବେଶରେ ସେହିଠାକୁ ଫେରି ଆସେ ନାହିଁ । ନଦୀର ପ୍ରତି ବୁଦ୍‌ବୁଦ ପାଇଁ ପ୍ରତିମୁହୂର୍ତ୍ତ ନିର୍ଦ୍ଦିଷ୍ଟ ଅଛି । ଫୁଲ ଫୁଟିବା ସ୍ଥାନରେ ଆଉ ଫୁଲ ଫୁଟୁନାହିଁ । ଏକର ଅଧିକାର ସମୟରେ ଅନ୍ୟର ସେଠାରେ ସ୍ଥାନ ନାହିଁ । ମୁଁ ଜୀବନ-ନଦୀରେ ଭାସି ଭାସି ଏଠି ଅର୍ଦ୍ଧ ଯୌବନ ପଥରେ ଆସି ପହଞ୍ଚିଛି । ଜନନୀ କୋଳରୁ ଆସି କେତେ ଦୁର୍ଗମ ଗିରି ମରୁ ପ୍ରାନ୍ତର ଲଘିଛି । ସେ ସବୁକୁ ପୁଣି ଲଘି ଫେରିଯିବା ମୋ ପକ୍ଷରେ ଅସମ୍ଭବ ବ୍ୟାପାର । କେବଳ ସେ ସବୁର ସ୍ମୃତି, ବିସ୍ମୃତି ସକଳ ଚିହ୍ନ କେଳେ ବେଳେ ଇନ୍ଦ୍ରଜାଲ ମାୟା ପରି ମୋ ମନରେ ଭାସି ଉଠୁଛି । ସେ ରହସ୍ୟ ଚିରକାଳ ରହସ୍ୟ ରୂପରେ ହିଁ ଥିବ ।

ଭଉଣି,

ଯୌବନ ମୋତେ ଛୁଇଁଲା—ଏ ଛୋଟିଆ ମାଳତୀ ଲତାଟି ଛନଛନ ହୋଇ ହସି ଉଠିଲା । ମୋତେ ଏତେ କଥା କିଏ ଆଣି ଦେଲା ? ମୋ ଚାହାଣୀ, ମୋ ଚାଲି, ମୋ କଥାବାର୍ତ୍ତା ସବୁଥିରେ ମୁଁ ଝଚଳଚ ହୋଇ ପଡ଼ିଲି । ଆଗେ ଯାହାକୁ ମୁଣ୍ଡ ଟେକି ସରଳ-ଭାବରେ ଚାହୁଁଥିଲି, ଏବେ ତାକୁ ଚାହିଁଲା ବେଳକୁ ଲଜ୍ଜା ସରମରେ ବୁଡ଼ିବାକୁ ପଡ଼ିଲା । ଚାଲି ଅଳସ ହେଲା, କଥା ଅସ୍ଫୁଟ ହେଲା, ମାତ୍ର ମନ କାହିଁକି ବଣୁଆ ପକ୍ଷୀ ପରି ସାମାନ୍ୟ ଶବ୍ଦରେ, ସାମାନ୍ୟ କଥାରେ ଚମକି ଉଠିଲା । ଏବେ ବୁଝୁଛି, ସୁନାର ପଞ୍ଜୁରୀ ହେଲେ ମଧ୍ୟ ପକ୍ଷୀ କାହିଁକି ରହିବାକୁ ଭଲପାଏ ନାହିଁ । ସେ ଖୋଜି ବସେ ତାର ସାଙ୍ଗ ଆଉ କାହା ସାଙ୍ଗେ ଉଡ଼ି ଯିବାକୁ । କଣ ଲେଖିବି ଭଉଣି, ମୋ ମନ ଠିକ୍ ଏହିପରି ହେଲା । ଉଡ଼ି ଉଡ଼ି ଯାଇ କୁଆଡ଼େ ଉଭେଇ ଯିବାକୁ କାମନା କରି ବସିଲି । ଏସବୁ କଣ ସମସ୍ତଙ୍କ ଜୀବନରେ ହୁଏ, ନା ଷଠୀବୁଢ଼ୀ ମୋତେ ନଚାଇବା ପାଇଁ ଏତେ ଏତେ କଥା ଘଟାଇଲା !

ଅଳପ ପାଟଛିଟ ଲୁଗାରେ ଚଳୁଥିଲି । ଏବେ ମୋର ଯୌବନ ଅଙ୍ଗକୁ ଘୋଡ଼ାଇବା ପାଇଁ କେତେ କଣ ଲୋଡ଼ା ହେଲା । ମହା

ଅଡୁଆରେ ପଡ଼ିଲି । ଶାଇ ବୁଲି ବାହାରିଲି ବେଳେ ଆଗ ହାତ ଗୋଡ଼ ଦେହ ମୁଣ୍ଡ ସବୁ ଆଡ଼କୁ ଚାହେଁ । ଦେଖେ ଲୁଗାକାନିଟା କମିତି ଅଛି, ଗୋଡ଼ର ଅଳତା କେଉଁଠି କମିତି ବାଙ୍କ ହୋଇଛି, କପାଳରେ ସିନ୍ଦୂର ବିନ୍ଦୁଟି ଅଛି କି ନାହିଁ, ବେଣୀର ରେଶମୀ କନାଫୁଲ ଝୋପା ଝୁଲୁଛି କି ନାହିଁ । ଏହିପରି କେତେ କଥା ଲେଖିବି ଲୋ ଭଉଣି ! ସବୁ ମତେ ନଖରୁ ଶିଖ ଯାଏ ନଖେଇ ନଖେଇ ଦେଖିବାକୁ ପଡ଼େ । ବେଳେ ବେଳେ ସ୍ୱାକୁ ଦେଖୁ ଦେଖୁ ମୋର ବେଳ ଯାଏ, ଆଉ ବୁଲିପିବା ହୁଏ ନାହିଁ । ମୋର ଏ ସବୁ ବେଶବାସ ସଜବାଜ ଦେଖି ଭାଉଜ ବେଳେ ବେଳେ ହସି ହସି ଥଟ୍ଟା କରନ୍ତି । ତାଙ୍କର ସବୁ ପରିହାସ ବାଣୀ ମୋ ହୃଦୟରେ ଚନ୍ଦନମାଳା ପରି ଲାଗି ରହେ । କେବଳ ବାହାରେ ମୁହଁଟାକୁ ଫଣ ଫଣ କରି ନାକ କାନ ଛୁଆଁଇ ତାଙ୍କୁ ଦ'ପଦ ଟାଣ ଟାଣ କରି ଶୁଣାଇଦିଏ । ହେଲେ, ବାହାରେ କଥାଟାକୁ ଯେତେ ଟାଣ କଲେ ମଧ୍ୟ ଭିତର ତ ଆଉ ଟାଣ ହୁଏ ନାହିଁ । ତା ଭିତରେ ଫୁଲମାଳା ସଜା ଯାଇଥାଏ, ତା ଭିତରେ ମଳୟ ପବନ ବହୁଥାଏ । ସେଥିରୁ କି ଟାଣୁଆ କଥା ବାହାରିବା ସମ୍ଭବ ? କେବଳ ପର ଜାଣିବାକୁ ଟାଣୁଆ କଥା କହେ ଏବଂ ତହିଁ ସଙ୍ଗେ ସଙ୍ଗେ ଓଠ କୋଣରେ ଲଜ୍ଜା ସରମର ହାସ ରେଖା ଫୁଟାଇଦିଏ । ମୋର ଏ ସବୁ ଭାବ ଭାଉଜଙ୍କୁ ଅଛପା ରହେ ନାହିଁ । ସେ ମୋ ହାତ ଚିପି ଧରି, ମୁଣ୍ଡକୁ ବେକ ପାଖରେ ଜାକିପକାଇ ମୁରୁ ମୁରୁ ହସି ଢଗ ମାରନ୍ତି । ସତେ ଲୋ ଭଉଣି, ମନ ଭିତରର ଭାବଟାକୁ ମୁହଁରେ କେବେଁ ହେଲେ ଲୁଚାଇ ହୁଏ ନାହିଁ । କଥାରେ ହେଉ ବା ହସରେ ହେଉ ବା ଚାହାଣିରେ ହେଉ, ଅଥବା କିଛି ନ ହେଲେ ତୁନି ହୋଇ ରହିବାରେ ମଧ୍ୟ ତାହା କମିତି କେଜାଣି ଫୁଟି ଉଠେ ।

ମୁଁ ବାୟାଣୀ ପରି ହେଲି ଲେ ଭଉଣି, ବାୟାଣୀ ପରି ହେଲି । ହରିଚରଣ ମୋ ମନକୁ ନଚାଇ ଦେଲେ । ଆଖିରେ ଦେଖିଲି ନାହିଁ, ମୁହଁରୁ ଶୁଣିଲି ନାହିଁ, ତେବେ କେ ହେଲେ କେବଳ ସେଇ ନାଁ ପଦକ ଶୁଣି ଭାବିଲି ସେ ମୋର ସବୁ ଆପଣାର ଠାରୁ ବେଶି ଆପଣାର । ତାଙ୍କୁ ପାଇ ପାରିଲେ ମୋ ଜୀବନ୍‌ରେ ଆଉ ଦୁଃଖ ଶୋକ ରହିବ ନାହିଁ, ଆଖିରେ ଲୁହ ଦେଖା ଦେବ ନାହିଁ ।

ମାତ୍ର ଭଉଣି, କାନ୍ଦିବାକୁ ଯା'ର କପାଳରେ ଥିବ, ସେ କି ନ କାନ୍ଦି ରହିପାରେ ?

## ପ୍ରିୟ ରମେଶ,

କଥାରେ କହନ୍ତି, "ଦୂର ପରବତ ସୁନ୍ଦର ।" ଏ କଥାକୁ ମୁଁ ଘରେ ଆସି ବେଶ ଅନୁଭବ କଲି । ସତ୍ୟବାଦୀରେ ଥିବା ବେଳେ ଭାବୁଥିଲି, ବିବାହ ବିଷୟ ନେଇ ମୋ ମନରେ ଯେତେ ଆନ୍ଦୋଳନ ଚାଲିଛି, ଘରେ ତହିଁରୁ ମାତ୍ରା କିଛି କମ୍ ନ ଥିବ । ଘରର ଦଶ ପାଞ୍ଚ ମନ ଏକାଠି ହୋଇ ପରିବାର ଭିତରେ ଏକ ସମୁଦ୍ର ମନ୍ଥନ ଆରମ୍ଭ ହୋଇଥିବ । ଏହି ମନ୍ଥନ ଫଳରେ ଯାହା ବିଷ ବାହାରିବ ପଛକେ ଯେଉଁ ଅମୃତ ବାହାରିବ, ସେ ଯେ ମୋର 'କନକଲତା', ଏଥିରେ କିଛି ସନ୍ଦେହ ନାହିଁ । ଭାବୁଥିଲି, ଭାଇ ଭାଉଜ ମାଆ ସମସ୍ତେ ମୋର ବିବାହ ଚିନ୍ତାରେ ଦିନ କାଟୁଥିବେ— ନାନା ଆୟୋଜନରେ ବ୍ୟସ୍ତ ଥିବେ ।

ଏ ଭାବନା ମୋର ସମ୍ପୂର୍ଣ୍ଣ ଅମୂଳକ ହେଲା । ସେମାନେ ମୋର ସମ୍ପର୍କରେ ଭାବୁଥିଲେ ସତ; କିନ୍ତୁ ବିବାହ ବିଷୟରେ ନୁହେ । ପରୀକ୍ଷାରେ କଣ ହେବ ସେହି ସମ୍ପର୍କରେ କାହାର କାହାର ମନରେ ଉଦ୍‌ବେଗ ବଢ଼ିଥିଲା । ମୁଣ୍ଡଝାଳ ତୁଣ୍ଡରେ ମାରି, ଖରା ବର୍ଷା ଶୀତରେ ବିଲରେ ପଡ଼ି ସେମାନେ ଯେଉଁ କଷ୍ଟାର୍ଜିତ ଧନ

ମୋ ପାଇଁ ଖର୍ଚ୍ଚ କରୁଥିଲେ, ସେଥିର ଫଳାଫଳ ବିଷୟରେ ଭାବିବା ସେମାନଙ୍କର ଅଧିକାର ଥିଲା । ମୁଁ ଘରକୁ ଆସି କିଛି ଚାକିରି ସମ୍ବାଦ ଶୁଣାଇବି, ପଚିଶି ଲୁଟେ, ତିରିଶି ଲୁଟେ, ଏକାବେଳକେ ପଚିଶ ଦରମା ଉପରକୁ ଯାଇବି, ଗଡ଼ଜାତରେ ଦେୱାନ ହେବି, ଥାନାରେ ଦାରୋଗା ହେବି, କଚେରିରେ ଓକିଲ ହେବି ବା ସ୍କୁଲରେ ମାଷ୍ଟର ହେବି ଇତ୍ୟାଦି କେତେ କେତେ କଥା ସେମାନଙ୍କର ମନ ବଚନକୁ ଏକସମୟରେ ଅଧିକାର କରିଥିଲା ।

କିନ୍ତୁ ରମେଶ, ଏଥିର ଠିକ୍ ବିପରୀତ ଭାବନା ପୋଷି ମୁଁ ଘରକୁ ଆସିଥିଲି । ଭାବିଥିଲି, ପରୀକ୍ଷାଟାରେ କି ଲାଭ ? ଚାକିରିଟା ମନୁଷ୍ୟ ଉପରେ ଏକ ଘୋର ପରାଧୀନତା ସ୍ୱୀକାର । ବାପା ଗୋସେଇଁ ବାପା କଣ ଚାକିରି କରୁଥିଲେ ? ସେମାନେ ହିଡ଼ମାଟି ହିଡ଼ରେ ଦେଇ ଶାଗ ପେଜ ଖାଇ ଧନୁର୍ଦ୍ଧର ବୀର ହୋଇଥିଲେ । ପରମ ଶାନ୍ତିରେ ପରିବାର ଗଢ଼ି ପଲ୍ଲୀ ଜୀବନକୁ ଉପଭୋଗ କରିଥିଲେ । ମୋ ବିବାହ ପ୍ରସ୍ତାବ ଶୁଣିଲା ଦିନରୁ ଠିକ୍ ଏହିପରି ଭାବିଥିଲି— ବିଭା ହେବି, କନକଲତାକୁ ଧରି ମୋ ଜୀବନ ଏବଂ ପଲ୍ଲୀ ଜୀବନକୁ ମଧୁମୟ କରିବି । ହିଡ଼ ମାଟିକୁ ହିଡ଼ରେ ଲଦି ସୁଖ ଶାନ୍ତିରେ ଚଳିବି । ଇଂରେଜ କବି ଗୋଲ୍ଡ଼ସ୍ମିଥ୍‌ଙ୍କ Deserted Village ବା 'ଉଜନପଲ୍ଲୀ' କବିତା ପଢ଼ି ପଲ୍ଲୀକୁ ମୋ ପରିବାର ନେଇ— ବିଶେଷରେ କନକଲତାକୁ ନେଇ ସ୍ୱର୍ଗପୁରୀ ପରି ପୁନର୍ଗଠନ କରିବି ବୋଲି ବିଚାରିଲି । କାରଣ, ସେତେବେଳକୁ ଅସହଯୋଗ ଗ୍ରାମସଂଗଠନ କାର୍ଯ୍ୟ ପ୍ରବଳ ଭାବରେ ଚାଲିଥାଏ । ସଭା ସମିତି, ବକ୍ତୃତା, ଖବରକାଗଜରେ ସବୁ ଆଡ଼େ ପଲ୍ଲୀକଥାର ଆଲୋଚନା ହେଉଥାଏ । ପଣ୍ଡିତ ଗୋପବନ୍ଧୁ ଗ୍ରାମେ ଗ୍ରାମେ ବୁଲି ଲୋକଙ୍କୁ ପଲ୍ଲୀର ଦୁର୍ଦ୍ଦଶାକଥା ବୁଝାଉଥାନ୍ତି ।

ସେଦିନ ଗାଁକୁ ଯାଇ ଦେଖିଲି, ଗାଁଟା ନିତାନ୍ତ ନୀରସ, ଶୁଷ୍କ, ରୁକ୍ଷ । ସେଠାରେ ସରସତାର ହୋଟେଲ୍ ଗଛ ନାହିଁ, କି ସୌରଭର ହୋସେନ୍ ହେନା ନାହିଁ । କୌଣସିଠାରେ ମୋହନ ଗୋସେଇଁଙ୍କ ଗ୍ରାମୋଫୋନ ରେକର୍ଡର "ଘନବନ ମଦନ ମୋହନଙ୍କୁ ତରତର ହୋଇ ଖୁଜିଁବାର" ଗୀତ ଶୁଭୁ ନାହିଁ, କି ଗାଁ ରମଣୀଙ୍କ କଣ୍ଠରେ ମୋ କଳ୍ପନାମୟୀ କନକଲତାର ସ୍ୱରସମ୍ଭାରର ଗନ୍ଧ ନାହିଁ । ବାଡ଼ିବଗିଚାର ମୁରୁକୁଟିଆ ଫୁଲ ଦେଖିଲେ ମନରେ କଷ୍ଟ ହେଉଛି । ଲୋକେ ନିର୍ଜୀବ, ନିସ୍ତେଜ ଭାବରେ ଚାଲୁଛନ୍ତି ତ ଚାଲୁଛନ୍ତି, ବସିଛନ୍ତି ତ ବସିଛନ୍ତି । ପ୍ରଜାପତି ପରି ହସି ଖେଳି ବୁଲିବାର କୌଣସି ପିଲାକୁ ଦେଖିଲି ନାହିଁ । ମନେ ମନେ ଭାବିଲି, ବାହା ହୋଇ କନକକୁ ଆଣିଲା ପରେ କଣ ଗାଁର ଅବସ୍ଥା ଏପରି ରହିବ ? ପଞ୍ଚାଏତ ବସାଇ ବାଟଘାଟ ସଫାକରି ଦେବି, ଲୋକଙ୍କୁ ମାଲେରିଆ ମଶାର ମାରାତ୍ମକତା ବୁଝାଇ ଗାଁ ମୁଣ୍ଡ ଗିରିଗୋବର୍ଦ୍ଧନ ରୂପ ଖତଗଦାକୁ ନିର୍ମୂଳ କରିଦେବି । ଗାଁର ଭଙ୍ଗା ସଡ଼କକୁ ନୂଆ କରିବି । ଗାଁମୁଣ୍ଡ ଡ଼ିପ ଯାଗାରେ ବସନ୍ତ-ନିବାସ ତୋଳିବି ଏବଂ ନାନା ଆବର୍ଜନା ବିନ୍ଦୁମିଶ୍ରିତ ବିନ୍ଦୁ ସରୋବରର ପଲ୍ଲୀ ସଂସ୍କରଣ ପୁଷ୍କରିଣୀ ଖଣ୍ଡିକୁ କନିକାରାଜାଙ୍କ କଟକ ପୁଷ୍କରିଣୀ ପରି ସ୍ୱଚ୍ଛ ସୁନ୍ଦର କରିଦେବି । ଏ ସବୁ ମୋ ମନର ଭାବନା ହେଲା ସତ; କିନ୍ତୁ ବାହାରେ ଏ ବିଷୟରେ ପଦେ ହେଲେ ଉତ୍ସାହବାଣୀ କାହାଠାରୁ ପାଇଲି ନାହିଁ । ଭାଇ କହିଲେ ବିଲକୁ ଯା, ମା କହିଲେ ଅପାଘରକୁ ଯା । କେହି କହିଲେ ନାହିଁ କନକ ଘରକୁ ଯିବାକୁ । ଏତିକି ଆଶାର କଥା ଶୁଣିଲି ଯେ ବିବାହଟା ନିକଟରେ ହେଉ ବା ବିଳମ୍ବରେ ହେଉ, ହେବ । ମୋ ହୃଦୟରେ ଯେଉଁ ଉଜ୍ଜ୍ୱଳ ତରଳ ଭାବ-ଲହରୀ କୂଳ ଭାଙ୍ଗି ଅନନ୍ତ ବିଶ୍ୱରେ ଖସିଯିବାକୁ ଚେଷ୍ଟା କରୁଥିଲା, ତା ଆଗରେ

ବାଲି ମୁଠାଏ ପରି ଏତିକି ସମ୍ବାଦ କି ଯଥେଷ୍ଟ ? ଏ ସମ୍ବାଦ ପାଇ ମନୁଷ୍ୟ ସମାଜ ମୋତେ ବଡ଼ ନିର୍ଦ୍ଦୟ ନିଷ୍ଠୁର ବୋଧ ହେଲା । ପଥରଗୁଡ଼ାକ ଆହୁରି କଠୋର ଜଣାପଡ଼ିଲେ । ଆକାଶରେ ତରଳ ମେଘଗୁଡ଼ାକ ଭାସିଗଲାବେଳେ ମନେକଲି ନିର୍ଦ୍ଦୟ ଭାବରେ ମୋର ମୁଣ୍ଡ ଉପରେ ସେସବୁ ମୋତେ ଥଟ୍ଟାକରି ବୁଲୁଛନ୍ତି ପରା ! ସତ୍ୟବାଦୀର ଗିରି ଶ୍ୟାମଳଛବି କ୍ରମେ ଆଖି ଆଗରୁ ଲୁଚିଯାଇ ଜଗତ ଶୂନ୍ୟ ବୋଧହେଲା । ମୁଁ ଆସିଥିଲି ଯାହା ପାଇଁ ତାହା ପାଇଲି ନାହିଁ । ପଢ଼ି ବସିଲି ନଭେଲ । ରାଧାନାଥଙ୍କ 'ଯଯାତି କେଶରୀ', 'କେଦାର-ଗୌରୀ' ପଢ଼ିଲି । ତେରଶଅ ବର୍ଷ ତଳର କୁମାର ଯଯାତିଙ୍କ ଜୀବନ ମୋତେ ନିତାନ୍ତ ଆଜିକାଲିର ଆପଣାର ପରି ଜଣାପଡ଼ିଲା । ମୁଁ ତାଙ୍କରି କଥାରେ ଭାବିଲି, ଏବେ—

"କି ଶ୍ରେୟସ୍ତେ ଗୁନ୍ଥିବ ଦୁରାଶାର ସୂତେ
ଆକାଶ କୁସୁମମାଳା ।"

ବର୍ଷାଦିନେ ଆକାଶରେ ସୂର୍ଯ୍ୟ ଥିବାବେଳେ ବଜ୍ର ପଡ଼ିବା ସଙ୍ଗେ ସଙ୍ଗେ ଇନ୍ଦ୍ରଧନୁ ଯେପରି ହସୁଥାଏ, ଆଶା ନିରାଶା ମଧ୍ୟରେ ଘାଣ୍ଟିହୋଇ ମୋର ଅଧେ ହୃଦୟରେ ବଜ୍ର ପଡ଼ୁଥାଏ, ଅଧିକରେ ଇନ୍ଦ୍ରଧନୁ ହସୁଥାଏ । ଯୌବନ ଜୀବନର ସେ ରହସ୍ୟପୂର୍ଣ୍ଣ ସନ୍ଧିସ୍ଥଳରେ ବସି ଝୁରୁଥାଏ, କେଦାର ଗୌରୀଙ୍କ ନିଷ୍ଠୁର ପିତାମାତାଙ୍କ ପରି ଏ ଯୁଗରେ ମଧ୍ୟ ନିଷ୍ଠୁର ଲୋକ ଅଛନ୍ତି । ମୋ ପାଇଁ କାହାର ମନଧ୍ୟାନ ରହୁନାହିଁ । ଛି ! ଏ ସଂସାର ! ଛି ! ଏ ସମାଜ !

ଭଉଣି,

ଗୀତଟିଏ ମନେ ପଡ଼ୁଛି । ଉଦୁଉଦିଆ ଖରାବେଳେ ମାଆଙ୍କୁ ନ କହି ଧାଇଁ ହୋଇ ବାଡ଼ିପଟ ବୁଢ଼ା କଇଁଆ ଗଛମୂଳେ ବସ କଉତୁକ ନହେଲାବେଳେ ତୁ ଗାଉଥାଉ ;—

"ମନ ଲୋ ମନ
ଏତେ କିଆଁ ହେଉ ତୁ ଛନ ଛନ
ବାଟ ଚାଲୁଥିବେ କାହିଁ ଲୋ ସଙ୍ଗାତ
ଦୂରେ ମୋ ଜୀବନଧନ ।"

ଇମିତି କେତେ ଖରାବେଳ ଗଲା; ମାତ୍ର ମନ ଛନଛନ ଗଲା ନାହିଁ । ତୁ ତ ନ ଥିଲୁ ଗୀତ କିଏ ବୋଲନ୍ତା ? ବାଡ଼ିପଟ ପାହାଚ ଉପରେ ଏକୁଟିଆଟି ବସି ଦୂରକୁ ଚାହିଁଥାଏ । ବିଲ ପରେ ବିଲ, ଧାନ ନାହିଁ, ଗଛପତ୍ର ନାହିଁ,—ସାଇଁ ସାଇଁ ତତଲା ପବନ ବହି ଆସୁଥାଏ । ତାକୁ ମୁହଁ ଦେଇ ଚାହିଁଦେଲେ ଆଖିକୁ ଜୁଳୁଜୁଳିଆ ପୋକ ଦେଖାଯାଏ । ଦୂରରେ ଅର୍ଣ୍ଣାପୁର ପଟି ବିଲମାଳ ଖାଲି ପେଟ ଦେଖାଇ ଶୋଇଥାନ୍ତି । ମୁଁ ଘଡ଼ିଏ ଦି'ଘଡ଼ି ଚାହିଁ ରହି ଗାଏ,

"ବାଟ ଚାଲୁଥିବେ କାହିଁଲୋ ସଙ୍ଗାତ
ଦୂରେ ମୋ ଜୀବନ ଧନ ।"

ମୋ ଉପରେ ସେତେବେଳକୁ ବାଡୁଅପାଣି ପଡ଼ି ନ ଥାଏ । ସେତେବେଳର ମନର ଅବସ୍ଥା ଇମିତ ଥିଲ ବୋଲ ଦୋଷିବୁ ନାହିଁ । ବାଡୁଅପାଣି ସିନା ପଡ଼ି ନଥିଲ; ମାତ୍ର ନବ୍ୟ ଦିଆ ପଣ ନ ଥିଲ । ବହି ପଢ଼ୁଥିଲ, ଗୀତ ବୋଲୁଥିଲ । ଖାଲି ପୁରାଣ ପଢ଼ୁ ନ ଥିଲ; ଦେଶକଥା, କୋଇଲ ବନ୍ଦୀର ଆତ୍ମକଥା, ଆଲୋଚିକା, ସମାଜ ଖବରକାଗଜ ସବୁ ପଢ଼ୁଥିଲ । କେତେ ଥାନର କେତେ କଥା ଜାଣୁଥିଲ ।

ସବୁ କୁମାରୀଏ କଣ ଇମିତ ହେଉ ନଥିବେ ଭଉଣି ! ଯାହା ପାଖରେ ମନ ଜୀବନ ବନ୍ଧା ହେବା କଥା ହେଲ ତା କଥା ଭାବିଲେ ଦୋଷ କଣ ? ସତ କହୁଛି, ସେହି ବୟସରେ ମୋତେ ତାଙ୍କ କଥା ଭାବିବାକୁ କିଏ କିଛି ଶିଖାଇ ନଥିଲ; ମାତ୍ର କେଜାଣି କାହିଁକି ମନ ତାଙ୍କର ପାଖକୁ ଧାଉଁଥିଲ । କେତେ କଥା ଭାବୁଥିଲ,— ଜୀବନଟାକୁ କେତେ ସୁଖରେ କଟାଇବି, ପରକୁ ଆପଣାର ବୋଲି ଭାବିବି, ପରଦୁଃଖକୁ ନିଜ ଦୁଃଖ ବୋଲି ମନେକରିବି । ପୁରାଣ ଶାସ୍ତ୍ରରେ ଯାହା ଲେଖାଅଛି, ତାହା ପଦେ ପଦେ ପାଳିବି । ଶାସ୍ତ୍ର କଣ ମିଛ ? ସୀତା କଣ ବାହା ହେବା ଆଗରୁ ମିଥିଳା ଦାଣ୍ଡରେ ରାମଙ୍କୁ ଦେଖି ତାଙ୍କ କଥା ଭାବୁ ନ ଥିଲେ ? ଅର୍ଜୁନ ଧନୁଶର ଧରି ମାଛ ଆଖିକୁ ବିନ୍ଧିଲବେଳେ କଣ ଦ୍ରୌପଦୀ ତାଙ୍କ କଥା ମନକୁ ନେଇ ନ ଥିବେ ? ନଳ ମହାରାଜାଙ୍କ କଥା କଣ ଦମୟନ୍ତୀଙ୍କୁ ଆଗରୁ ଜଣା ନ ଥିଲ ? ଆଉ ସବୁ କଥା ଛାଡ଼, ଶକୁନ୍ତଳା ବଣରେ ରହି ଥରେ ମାତ୍ର ଦୁଷ୍ମନ୍ତଙ୍କୁ ଦେଖି କଣ ନ ହେଲେ ? ସେତେବେଳେ ସତେ ଆମ ଦେଶ କଣ ଥିଲ ଲୋ ଭଉଣି ! ହେଇଚି କେତେ ଶହ ବର୍ଷ ତଳେ ସଂଯୁକ୍ତା ପରା ବର ବାଛି ବାହା ହୋଇଥିଲେ । ଆମ ବାନ ଭାଇ କହନ୍ତି, ଆମ ଦେଶ ଆଗେ ଏପରି

ନଥିଲା । ବଡ଼ ନାଁ ଶୁଣି ଆମେ ଯେପରି ଲାଜରେ ସଢ଼ଯାଏଁ ଆଗେ ଏକଥା ସ୍ୱପ୍ନ ଥିଲା । ଆଗେ ଆମ ଦେଶର କୁମାରୀଏ ବର ଦେଖି ବଡ଼ ହେଉଥିଲେ । ଆଲୋ, ଏବେ ପରା ବର ନାଁ ଧରିଲେ ସାତ ଥର ଜିଭ କାମୁଡ଼ିବାକୁ ପଡ଼େ ?

ଗଛରେ ଫୁଲଟିଏ ଫୁଟିଛି, ଫୁଲ ଦେହରେ ସୁବାସ ଚହଟୁଛି । ଯୌବନ-ଫୁଲ ଫୁଟିଲେ ତାର ସୁବାସ ଚହଟିବ; ସ୍ନେହ, ଭକ୍ତି, ପ୍ରୀତି ନେଇ ପର ଠାରେ ଦୟା, ସ୍ୱାମୀଙ୍କ ଠାରେ ପ୍ରୀତି ନଥିଲେ ଏ ଯୌବନର ମୂଲ୍ୟ କଣ ?

ମୁଁ ଏହିପରି ମୂଲ୍ୟ ଦେଇ ମୋ ଯୌବନ-ଫୁଲକୁ ନିତି ନିତି ସଜାଉଥିଲି ତାଙ୍କର ପାଇଁ । ତାଙ୍କ ଆଖି ମୋ ଉପରେ ପଡ଼ିବ ପଡ଼ିବ ବୋଲି କେତେ ଶୋଷ ଗଲା, ଆଖିରୁ ପାଣି ମଲା । ମୁଁ ଯେତିକି ଆକୁଳ ହେଲି ଆଶା ସେତିକି ପଛକୁ ଘୁଞ୍ଚିଲା ।

ପ୍ରିୟ ରମେଶ,

ଏବେ ଜଗତରେ ପ୍ରେମର ପ୍ରକୃତି କ୍ରମେ ସାଦା ସିଧା ହୋଇ ଉଠୁଛି । ଏ ନବଯୁଗର ଯୁବକ ଜୀବନରେ ଭଲ ଭଲ ପ୍ରେମର ଗୌରବ ବେଶି ବଢ଼ିଛି । ଏ ଦେଶର ଦମୟନ୍ତୀ ପ୍ରେମ ଲାଗି ଆପେ ଗୋପନରେ ହଂସ ସଙ୍ଗେ କଥା ହୋଇଥିଲେ । ଏ ଦେଶର ଯକ୍ଷ କେଉଁ ଅଜଣା ଗିରିଶିଖରରେ ବସି ବିରହତପ୍ତ ହୃଦୟରେ ଧୂମଜ୍ୟୋତିସଲିଳବାୟୁ ରଚିତ ମେଘ ଦ୍ୱାରା ପ୍ରିୟା ପାଖକୁ ସନ୍ଦେଶ ପଠାଇବାକୁ ଚେଷ୍ଟା କରିଥିଲେ । ସେ ଯୁଗ ବଦଳିଛି । ପ୍ରେମର ପରିସର ମଧ୍ୟ ପ୍ରଶସ୍ତ ହୋଇପଡ଼ିଛି । ତେଣୁ ପ୍ରେମ ଲୀଳାର ପୁରାଣପ୍ରସିଦ୍ଧ ଦେଶରେ ଜନ୍ମ ହୋଇ ମୋପରି ଯୁବକ ପ୍ରିୟା ପାଖକୁ ସମ୍ବାଦ ପଠାଇବା କଥା ଶୁଣି ହସିବ ନାହିଁ ବା ଆଶ୍ଚର୍ଯ୍ୟ ହେବ ନାହିଁ । ମୁଁ କିନ୍ତୁ ବିରହୀ ଯକ୍ଷ, ଅବଳା ଦମୟନ୍ତୀଙ୍କଠାରୁ ଅଧିକା ପାଦେ ଆଗକୁ ବଳି ଯାଇଛି । ସେମାନେ ଦୂତ ଦ୍ୱାରା ସମ୍ବାଦ ପଠାଇଥିଲେ, ମୁଁ ନିଜେ ପ୍ରେମିକ ଓ ଦୂତ ହେଲି । ଏବେ ସେ କଥା ମନେ ପକାଇଲେ ମତେ ହସ ଲାଗୁଛି ।

ମୋର ମନ ମୁତାବକ ଚହଳ ଘରେ ନ ପାଇ ବଡ଼ ବିଚଳିତ ହୋଇପଡ଼ିଲି । ଦିନରେ ତ ସୁଖ ଲାଗିଲା ନାହିଁ, ରାତିରେ ମଧ୍ୟ ସେ କଥା ଭାବି ଭାବି ଆଖି ପଲକ ପଡ଼ିଲା ନାହିଁ । କାହିଁକି ମୋର ଏ ପରିବର୍ତ୍ତନ ହେଲା, ସେ ବିଷୟ ମନସ୍ତତ୍ତ୍ୱବିଦ୍‌ମାନେ ଭବିଷ୍ୟତ୍ ବଂଶଧରଙ୍କ ଆଗରେ ବୁଝାଇ ପାରନ୍ତି । ବର୍ତ୍ତମାନ ମୋ କଥା ମୁଁ କହୁଛି । ଘରେ ବସି ଭବିଷ୍ୟତପାଇଁ ଯେତେ ଯେତେ ମଧୁର ଚିନ୍ତା କଲେ ମଧ୍ୟ ସେ ସବୁ ଯଥେଷ୍ଟ ହେଲା ନାହିଁ । ସକଳ ପ୍ରକାର ଚିନ୍ତା ମଧ୍ୟରେ କିଛି ଗୋଟାଏ ଖାଲି ସ୍ଥାନ ରହିଲାପରି ଜଣାପଡ଼ିଲା । କେବଳ କନକଲତା ଛଡ଼ା ସେହି ଖାଲି ସ୍ଥାନ ପୂର୍ଣ୍ଣ ହେବାର ସମ୍ଭାବନା ମଧ୍ୟ ଦେଖିଲି ନାହିଁ ।

ବେଳେ ବେଳେ ବ୍ୟତିବ୍ୟସ୍ତ ହୋଇ ଗାଁମୁଣ୍ଡ ବିଲ ପାଖକୁ ଚାଲିଯାଏ । ସେଠାରେ ଥିବା ଖଣ୍ଡେ ଡ଼ିପଯାଗାକୁ ପାଦରେ ମାପି-ପକାଇ ମନେ ମନେ ଠିକ୍ କରି ନିଏ,—ଏଠି ଘର ହେବ, ଘରର ସେ ଦିଗରେ ଦୁଆର ଏ ଦିଗରେ ଝରକା, ସେ ପାଖରେ କୂଅ,—ସୁବିଧା ହେଲେ ଗୋଟାଏ ପାଣିକଳ, ତା ପାଖକୁ ଲାଗି ଫୁଲ ବଗିଚା । ଏସବୁ କେବେ ହେବ ? ମନକୁ ମନ ଏ ପ୍ରଶ୍ନର ଉତ୍ତରରେ ଯେତେବେଳେ ଚେତନା ଆସେ 'ବିବାହ ହେଲେ', ସେତେବେଳେ ମୋର ଧୈର୍ଯ୍ୟଚ୍ୟୁତି ହୁଏ । ବୁକୁ ଭିତରୁ ଦୀର୍ଘଶ୍ୱାସ ଛାଡ଼ି ସେହି ପଡ଼ିଆ ଭୂଇଁରେ କେତେ କଣ କଥା ଭାବି ବସିପଡ଼େ ।

ହଠାତ୍ ରାତିରେ ଥରେ ମୋ ମୁଣ୍ଡକୁ ଏକ ବୁଦ୍ଧି ଆସିଲା । ଠିକ୍ କଲି, ଛଦ୍ମବେଶରେ କନକକୁ ଦେଖିବାକୁ ଯିବି । ଯଦି ପାରେ, ତା ସହିତ ପଦେ ଅଧେ କଥା ହୋଇ ଆସିବି । ତେବେ ଯାଇ ଏ ପ୍ରାଣର ତରୁଣ ପିପାସା ମେଣ୍ଟିବ—ସକଳ କଳ୍ପନା ସାର୍ଥକ ହେବ ।

ଏ ବୁଦ୍ଧିଟା ମନରେ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ମୁଁ ସୁଖ କଳ୍ପନାରେ ଭାସିଗଲି । କି ରହସ୍ୟ ଲୋକର ରହସ୍ୟଲୀଳା ସେ କଳ୍ପନା ସ୍ରୋତ !—ତରଙ୍ଗ ପରେ ତରଙ୍ଗ, ସେଥିରେ ମୁଁ ହସି ହସି ଭାସି ଭାସି ଯାଉଥାଏ । କେବେ ସେ କୂଳରେ ମଧୁ ନିକୁଞ୍ଜରେ ବୁଲୁଥାଏ, ଲତା କୁଞ୍ଜରେ ଝୁଲୁଥାଏ, କେବେ ବା କନକକୁ ବାହୁବନ୍ଧରେ ଧରି ସଂସାରର ଦୁଃଖଯନ୍ତ୍ରଣା-ରୋଗଶୋକ-ପରିଧି ପାର ହୋଇ ମନ ଆମୋଦରେ ଅନନ୍ତ ଅସୀମ ପଥ ଚାଲିଥାଏ । ରମେଶ, ସେ ସବୁ ଥିଲା ମୋ ଯୌବନର କଳ୍ପନା । ସେ ଅସାର ହେଉ ପଛକେ ଆଉ ଥରେ ଏ ଜୀବନରେ ତାହା ଅନୁଭବ କରି ପାରନ୍ତି କି ? ସେ କଳ୍ପନା ସ୍ରୋତରେ ଭାସି ଭାସି ଯାଇ ଏ ସଂସାରକୁ ଆଉ ନ ଫେରନ୍ତି କି ? ମନେ ହୁଏ, ମନୁଷ୍ୟର ହିଂସା କରିବା ପ୍ରବୃତ୍ତି ଏପରି କିଛି ଜିନିଷ ନ ପାଇ ପ୍ରଥମେ ପ୍ରାଣରେ ସ୍ଥାନ ପାଇଛି— ସେଠି କେତେ ଦିନ ମୋର ଏହାହିଁ ଘଟିଥିଲା ।

ସକାଳୁ ଉଠିଲି । ମାଆଙ୍କୁ କହିଲି, ମତେ ଆଜ ସତ୍ୟବାଦୀ ଯିବାକୁ ପଡ଼ିବ । ମାଆ ଏହି ପ୍ରସ୍ତାବରେ ମଙ୍ଗିଲେ ନାହିଁ । ଭାଇ କାରଣ ପଚାରି ବସିଲେ । ତାଙ୍କୁ ବୁଝାଇ କହିଲି, "ପରୀକ୍ଷା ଫଳ ନିଜେ ଯାଇ ଶୁଣିବା ପାଇଁ ଏବେ ନୂଆ ନିୟମ ହୋଇଛି । ତୁମେ ମଫସଲରେ ରହି ସେ ସବୁ କଥା କଣ ବୁଝିବ ? ମୋତେ ନିଶ୍ଚୟ ଯିବାକୁ ହେବ । ତାର ତାରିଖ କାଲି ।"

ପରୀକ୍ଷା ଫଳ !—ତା ଅର୍ଥ ଚାକିରି !—ତା ଅର୍ଥ ଟଙ୍କା !— ଏକଥା ଭାବିକରି ସେମାନଙ୍କର ମୁଖ ବନ୍ଦ ହେଲା । ପରୀକ୍ଷା ଫଳ ଶୁଣି ଆସିବା ସଙ୍ଗେ ସଙ୍ଗେ ମୁଁ ଯେ ଟଙ୍କା ଫଳେଇ ପାରିବାର ଶକ୍ତି ଅର୍ଜିବି ଏକଥା ଆଗରୁ ବୁଝାଇ ଦେଇଥିଲି ।

ସକାଳ ହେଲା । ଖଣ୍ଡିଏ କମିଜ ପିନ୍ଧି, ହାତରେ ଖଣ୍ଡିଏ ବହି ଧରି ଘରୁ ଅନୁକୂଳ କରି ବାହାରି ପଡ଼ିଲି । ଆଶା, ଉଲ୍ଲାସ, ଉତ୍ତେଜନା ମୋତେ ଆଗକୁ ଆଗକୁ ଠେଲି ନେଲା ।

ଷ୍ଟେସନରେ ଗାଡ଼ିରୁ ଓହ୍ଲାଇଲା ବେଳକୁ ଦିନ ନଅଟା । ଖିଆ ଗୁହାଁ ଗୁହାଁ ମାରି ସାରିଲଣି । ସକାଳୁ ତ ଗାଧୋଇ ନ ଥିଲି, ସେ ପ୍ରସ୍ତାବ ସେ ଦିନକ ପାଇଁ ବନ୍ଦକରି ମୁହଁ ହାତ ଭଲ କରି ଧୋଇନେଲି । ତା ପରେ ମୁସାଫିର୍‌ଖାନାକୁ ଗଲି । ଆଜି ମୋର ଭାରି ଫୂର୍ତ୍ତି ! ଚଞ୍ଚଳ ଖାଇବା ଯୋଗାଡ଼ରେ ଲାଗିଗଲି । ପନ୍ଦର ମିନିଟ କାଳ ଲାଗି ମିଠେଇ ଦୋକାନୀକୁ ସବୁ ଜିନିଷର ମୂଲ୍ୟ ପଚାରି ବୁଝିଲି । ଗୋଟାଏ ପ୍ରକାରର ଜିନିଷ ଧରେ, ସେଟାକୁ ରଖିଦେଇ ଆଉ ଗୋଟାଏ ଧରେ । ପୁଣି ସେଟାର ମୂଲ୍ୟ, ସ୍ୱାଦ ଅସ୍ୱାଦ କଥା ପଚାରି ତାକୁ ବି ଛାଡ଼େ । ମୋର ସେ ପ୍ରହସନ ଦେଖି ସେତେବେଳେ ପାଖରେ ଥିବା କେତେକ ଲୋକ ହସି ଉଠିଥିଲେ । ସେ ହସର ଜବାବ ଦେବା ପାଇଁ ମୋତେ ଫୁର୍‌ସତ୍ ନ ଥିଲା । ପ୍ରେମ ମିଠା କି ମିଠେଇ ମିଠା ବୁଝିବାରେ ମୁଁ ବ୍ୟସ୍ତ ଥିଲି ।

କଳ୍ପନାରେ ଯେ ପ୍ରେମ ଚାଖିଥିଲି ତା ଆଗରେ ମିଠେଇ-ଗୁଡ଼ାକ ନିତାନ୍ତ ପାଣିଚିଆ ବୋଧ ହେଲା । ସାମାନ୍ୟ କିଛି ଦୁଇ ଚାରିଟା ଖାଇ ଦଶଟା ବେଳେ ଷ୍ଟେସନରୁ ବାହାରି ପଡ଼ିଲି । ଆଗରେ ଦୀର୍ଘ ସାତ ମାଇଲ ପଥ—କିନ୍ତୁ ସେ ଦୀର୍ଘପଥ ଶେଷରେ ମୋ ନିତ୍ୟ କଳ୍ପନା-କୁଞ୍ଜର ରହସ୍ୟମୟୀ ଅପ୍‌ସରା !—ମୋତେ ବାଟ ଜଣା ପଡ଼ିଲା ନାହିଁ । ଆଣ୍ଠୁଯାଏ ଧୂଳି ଉଡ଼ୁଥାଏ, ଓଠ ଶୁଖି ଯାଉଥାଏ, ଦେହରୁ ଗମ୍ ଗମ୍ ଝାଳ ବାହାରୁଥାଏ ଏବଂ ତା ସଙ୍ଗେ ସଙ୍ଗେ ସେହି ଶୁଷ୍କ ଓଷ୍ଠ, ଶୁଷ୍କ କଣ୍ଠ ଭେଦ କରି ମର୍ମନ

ନିସ୍ତବ୍ଧ ଗୁମୁଗୁମିଆ ଖରାବେଳେ ହୃଦୟରୁ ପଦେ ପଦେ ଗୀତ ବାହାରୁଥାଏ ।

"ରାଧା ଧର ସଖୀ କର,
ବୋଲନ୍ତି ଆକଟ ଆଜ୍ଞ ନ କର ଗୋ,
ଲାଜ ଭୟ ଛାଡ଼ିଲ ନକର, ସଜନୀ ଗୋ ।"

ବାଟରେ ଯେଉଁଠି ପାଣି ମୁନ୍ଦଏ ଦେଖେ, ସେଠି ମୁହଁହାତ ଧୋଇ ଆଗ ସତେଜ ହୋଇଯାଏ । ଛଦ୍ମ ବେଶରେ ଗଲାବେଳେ ମନ ପ୍ରଫୁଲ୍ଲ ଥିବା ଦରକାର—ଏହା ଭାବି ଯେତେ ଦୂର ପାରେ ଖୁସିରେ କେଶବ ରାମାୟଣରୁ ପଦ ଛାଡ଼ୁଥାଏ—

"ମୁଣ୍ଡରେ ପାନିଆ କରଇ ଗୁନିଆ,
ସବେଁ ଅମାନିଆ, ସନ୍ତ୍ରି ଟରେ ।"

ଏବଂ ଖଦଡ଼ ରୁମାଲରେ ମୁହଁଟାକୁ ପୋଛି ପୋଛି ରକ୍ତବୁହା ପାଖାପାଖି ରଙ୍ଗ ପକାଇ ଦେଉଥାଏ ।

ମୋ କଳ୍ପନା-କୁଞ୍ଜର ସୀମାରେ ପହଞ୍ଚିଲି—ସହରକୁ ଗଲି । ଦେଖିଲି ଘରୁ ବାହାରିଲା ବେଳେ ଯେତେ ଧୈର୍ଯ୍ୟଧରି ଆସିଥିଲି, ସେଇଠି ତହିଁରୁ ଅଧେ ଖସିଗଲା । ପେଟରଙ୍କ ହୃଦୟ ପରି ହୃତପିଣ୍ଡ ସଙ୍କୁଚିତ ହୋଇ ଆସିଲା । ଦରହସା ମୁହଁରେ ସହରର ଗଳିରେ ପଶିଲି ।

ରମେଶ, ଆଜ ବେଶି ଫିଟାଇ କହ ବା କଣ ଲେଖିବି ? ଯେଉଁଠି ମୋର କଳ୍ପନା-କୁଞ୍ଜର ନବସାରିକା ଥିବା ସମ୍ଭବ କରିଥିଲି, ସେଠାରୁ କେତେଟା ଘର ଛାଡ଼ି ଗୋଟାଏ ପାନ ଦୋକାନ । ସେଇଠି ଯାଇ ହାଜର ହେଲି । ମୋର ଢଙ୍ଗଢଙ୍ଗ

ଚାଲିଚଳନ ଏବଂ ଚଞ୍ଚଳ ଚାହାଣୀ ଦେଖି ପାନବାଲୀ ବୋଧହୁଏ ସନ୍ଦେହ କରି ଚାହିଁ ଚାହିଁ ପ୍ରଶ୍ନ କଲା, "ପାନ ନେବ ?"

ମନଟାକୁ ଖୁବ୍ ସାବଧାନରେ ଅନ୍ୟ ଆଡ଼ୁ ଫେରାଇ ଆଣି ଉତ୍ତର ଦେଲି "ହଁ, ଦୁ' ପଇସାର ଦିଅ ।" ସେ ଚାରିଖଣ୍ଡି ପାନ ଭାଙ୍ଗି ମୋ ହାତକୁ ବଢ଼ାଇଦେଲା । ପଇସା ଦେଇ ତାକୁ ଧରିଲି, ତା ପରେ କଣ କରିବି ?

ଏହିଠାରେ ହଠାତ୍ ମୋ ରହସ୍ୟର ଯବନିକା ପତନ ହେଲା । ମୋତେ ସେଠି କିଏ ଚିହ୍ନିଥିବ ବୋଲି ଆଗରୁ ଜାଣି ନ ଥିଲି । ଆଗଦୁଆର ପିଣ୍ଡାରେ ଜଣେ କିଏ ଯୁବକ ବସିଥିଲେ । ସେ ହଠାତ୍ ଠୋ' ଠୋ' ହସି ଉଠିଲେ । ଠିକ୍ ଏହି ସମୟକୁ ଆର ଏକ ଘରୁ ଗୋଟିଏ ବାଳିକା ପାନ ଦୋକାନ ଆଡ଼କୁ ଆସୁଥିଲା । ମୋତେ ଦେଖି ଓ ଯୁବକର ହସ ଶୁଣି ସେ ଫର୍‌କରି ଭୁଲିପଡ଼ି ଘର ଭିତରକୁ ପଶିଗଲା ।—ମୋ ବୁକୁଟା ଧଡ଼୍‌କରି ହୋଇଗଲା ।

ଅନିଚ୍ଛାସତ୍ତ୍ୱେ ସେଠୁ ପାଦ କାଢ଼ି ନାକସିଧା ଚାଲି ଆସିଲି । ଆଜି ସେ ସବୁ କଥା ସ୍ୱପ୍ନ ପରି ଲାଗୁଛି । ଭାବି ବସିଲେ ହସ ସମ୍ଭାଳି ହେଉ ନାହିଁ ।

ଭଉଣି,

ଯିଏ ଯୋଉଥିକି ଡରୁଥାଏ, ସିଏ ସେଇଥିରେ ଆସି ପଡ଼େ । ମୋ ସୁଖ ଦୁଃଖରେ ମୋ କଥା ଭାବି ମୁଁ ଘରେ ଥାଏ । କେତେ ଦିନ ହେଲା ଦାଣ୍ଡକୁ ଯିବାକୁ ଆଦୌ ମନ ବଳୁ ନ ଥାଏ । ସେବେ-ବେଳର ମନର ଅବସ୍ଥା ଏବେ ସଫା ମନେ ପଡ଼ୁ ନାହିଁ । ଦିନେ ଜଣ ଭାଇ ଆସି ମାଆ ଆଗରେ କହିଲେ, "ଆଠଦିନ ମଧ୍ୟରେ ହରିଚରଣ ବାବୁ ଆସି ପାରନ୍ତି ।" ଏହା ଶୁଣିଲା ମୁହୂର୍ତ୍ତରୁ ମୋ ମନଟା ଦାଣ୍ଡ ଆଡ଼କୁ ବରାବର ଟାଣି ହେଉଥାଏ; କିନ୍ତୁ ଗୋଡ଼ ଚଳୁ ନ ଥାଏ ।

ଆଗେ ଆମ ଦାଣ୍ଡଦୁଆରେ କଏ ଡାକିଲେ ମୁଁ ଧାଇଁ ଯାଇ ଦୁଆର ଫିଟାଉଥାଏ । ଜଣଭାଇ ସେ କଥା କହିଲା ଦିନୁ ମୋ ମନ ଦାଣ୍ଡଆଡ଼ୁ ବାହାରେ କରଛଡ଼ା ଦେଲା; ମାତ୍ର ଭିତରେ ଭିତରେ ମୋ ମନ-ମିରିଗ ଆଜି ଏକ ଗହନ କାନ୍ତାର ଖୋଜି ବୁଲି ଛଟପଟ ହେବାକୁ ଲାଗିଲା । ତେଣିକି କଏ ଦାଣ୍ଡପଟେ ଡାକିଲେ ମୁଁ ଲସିଲା ପରି ରହିଯାଏ, ଦୁଆର ଫିଟାଇବାକୁ ନ ଯାଇ ବାଡ଼ିଆଡ଼କୁ ଚାଲି-ଯାଏ । ସେତେବେଳେ ଭାବୁଥାଏ, 'ସେ ଆସିଛନ୍ତି କି ?' ସେ ସମୟର ମନର ଉଦ୍‌ବେଗ ଏବେ ଆଉ ସାରା ଜୀବନରେ କେତେବେଳେ

ହେଲେ ଘଣ୍ଟୁ ନାହିଁ । ମନ ସେତେବେଳେ ବଜୁଳି ପରି ଚଞ୍ଚଳ ଥିଲା । ନିଜେ ନିଜକୁ ଚହ୍ନିବାକୁ ଅବସର ନ ଥିଲା । ବେଳେ ବେଳେ ଦିନରାତି ମଧ୍ୟ ଜଣାପଡ଼ୁ ନ ଥିଲା । ବନର ଫୁଲ, ଗଛର ଡାଳ ମୋ ମନକୁ ନଚାଉ ଥିଲେ । ଫୁଲ ପରି ସବୁବେଳେ ହସୁଥିଲି, ତାରାପରି କାହିଁ କେଉଁ ଅଜଣା ରାଇଜରେ ଯାଇ ମନେ ମନେ ବୁଲି ଆସୁଥିଲି ।

ଭଉଣୀ ଲୋ, ଥରେ ମତେ ବଡ଼ ଲୋକହସା ହେବାକୁ ଥିଲା । ସେ ଦିନ ଉଦଉଦିଆ ଦିପହର, ବରଡ଼ାଳରେ କାପଚା କାପଡି ବସି ଗୁମୁରୁ ଗୁମୁରୁ ବୋବାଉଥିଲେ । ଦୂର ପାହାଡ଼ ତଳର ଶୁଖିଲା ପବନ ବାଜି ହସିଲା ଲୋକ ମୁହଁର ପାଣି ଶୁଖି ଯାଉଥିଲା । ଗାଇରେ ଗହଳ ଚହଳ କିଛି ନ ଥିଲା । ଘରଟା ଭିତରେ ମୁଁ ଅଳସରେ ଶେଯରେ ପଡ଼ି 'ଦାର୍ଢ୍ୟତାଭକ୍ତି' ପଢ଼ୁଥିଲି । ମୋର ସେତେବେଳକୁ ଇସ୍କୁଲକୁ ଯିବା ବନ୍ଦ ହୋଇ ସାରିଥିଲା, କେବଳ ଘରେ ବସି ବାଜେ ବହି ପଢ଼ୁଥାଏ, ସାଙ୍ଗସାଥିଙ୍କ ପାଖକୁ କେବେ କମିତି ଖଣ୍ଡେ ଅଧେ ଚିଠି ଲେଖି ଦିନ କଟାଉଥାଏ । ଦୁଇ ଦିନ ହେଲା 'ଦାର୍ଢ୍ୟତାଭକ୍ତି' ଆରମ୍ଭ କରିଥିଲି । 'ଉପ ଅରକ୍ଷିତ' କଥା ଭାବ ତାର ପ୍ରଣୟିନୀ କଣ ଭାବୁଥିଲା ସେ କଥା ମୁଁ ଥରକୁଥର ଘୋଷୁଥିଲି—

"କୁମାରୀ ବୋଲେ ଶୁଣ ତାତ
ଯିବି ମୁଁ ସ୍ୱାମୀର ସଙ୍ଗତ ।
ସେ ଯୋଗୀ ମୁଁ ତାହାର ଥାଳ
ମୋତେ ରଖିଲେ ଅମଙ୍ଗଳ ।
କେବଳ ନିର୍ମଳ ମନରେ
ଡାକିଲେ ଲକ୍ଷ ଯୋଜନରେ ।

ପାଖେ ରଖିଲି ପ୍ରାଣେ ମଣି
ତାକୁ ରଖନ୍ତୁ ଚକ୍ରପାଣି ।"

କଥାଟି ମତେ ଭାରି ଭଲ ଲାଗୁଥାଏ । ମନ ଯାଇ କୁଆଡ଼େ ଉଡ଼ୁଥାଏ ।

ଏପରି ସମୟରେ ଭାଉଜ ଆସି କହିଲେ, "କନ, ଗଲ, ଭଙ୍ଗାପାନ ଖିଲି ପଇସାଟାକର ଆଣି ଦେବ ।"

ମୁଁ କାହୁଁ ଜାଣିବି ଲୋ ତାଙ୍କ ମନ କଥା ! ସେ ମୁରୁମୁରୁ ହସୁଥିଲେ । ମୁଁ ମୋର ସାଲୁରୁ କାଲୁରୁ ଲୁଗାଟାକୁ ଦେହରେ ଘୋଡ଼ାଇ ଦେଇ ଦାଣ୍ଡକୁ ବାହାରି ପଡ଼ିଲି । ପାହାଚରୁ ଓହ୍ଲାଇ ଚାରି ଛ ପାହୁଣ୍ଡ ଯାଇଛି, ଠୋ'-ଠୋ' ହସ ଶୁଭିଲା । ଚମକି ମୁହଁ ଫେରାଇ ଚାହିଁଦିଏ ତ, ପିଣ୍ଡାରେ ଜଣେ କିଏ ମୁହଁରେ ଲୁଗା ଦେଇ ହସୁଛି । ଆଉ, ପାନ ଦୋକାନ ପାଖରେ ଜଣେ କିଏ ନୂଆ ଲୋକ କାମିଜଟିଏ ଲଗାଇ ମୋ ଆଡ଼କୁ ଏକଦୃଷ୍ଟିରେ ଚାହିଁ ଠିଆ ହୋଇଛି । ଲାଜରେ ମୋ ମନ କଣ ହୋଇଗଲା ଲୋ ଭଉଣୀ, ମୁଣ୍ଡ ଛିଡ଼ିଗଲା ପରି ଲାଗିଲା । ଆଗକୁ ପାଦ ଘୁଞ୍ଚିଲା ନାହିଁ । ସେଇଠୁ ଘରକୁ ଫେରି ଆଇଲି । ଭାଉଜ ଦୁଆରି କୋଣରେ ଠିଆ ହୋଇ ମୁହଁରେ କାନି ଦେଇ ହସୁଥିଲେ । ମତେ ଦେଖି ହସରେ ଭାଜି ପଡ଼ି କହିଲେ, "ହରିଚରଣକୁ ଦେଖିବାକୁ ଯାଇଥିଲ କି ଗୋ ? ଏଡ଼େ ଚଞ୍ଚଳ ଏତେ ପ୍ରେମ ! ଆମକୁ କାହାକୁ କୁହାପୋଛା ନାଇଁ, ଇମିତି କମିତି ଲୁଚି ହୋଇ ପଳାଉଥିଲମ ?"

କଥା ଶୁଣି ଲାଜରେ ମୋ କାନମୁଣ୍ଡା ତାତିଗଲା । କାହାଣୀ ପରି ଇଆଡ଼ୁ ସିଆଡ଼ୁ ଚାରିପଦ କହି ତାଙ୍କୁ ଚାରି ବିଧା ମାଇଲି ।

ସେତେବେଳେ ମୋର ମନ ହେଉଥାଏ, ଭାଉଜ ମତେ ସବୁବେଳେ ଏପରି ପରିହାସ କରୁଥାନ୍ତେ କି ! ଆଜି ଚଷପଟ ପରେ ସେ କଥା ଜଳ ଜଳ ଦିଶୁଛି । ସେ ହସ ଠୋ' ଠୋ' ହୋଇ କାନ ପାଖରେ ଶୁଭ ହେଉଛି ।

ମାତ୍ର ସେଦିନ ଯାଇଛି, ସେ ବୟସ ଏବେ ଖସିଛି ।

ପ୍ରିୟ ରମେଶ,

ମୁଁ ସେଦିନ ଯେତେ ସୁଖ ଅନୁଭବ କରି ଘରକୁ ଫେରିଲି, ବୋଧହୁଏ ମହାରଣା ପ୍ରତାପସିଂହ ହଳଦୀଘାଟ ଯୁଦ୍ଧରେ ଜୟଲାଭ କରିଥିଲେ ସେତେ ସୁଖ ଅନୁଭବ କରି ନ ଥାନ୍ତେ । ମୁଁ କେବଳ ସମାଜର ମାଟି-ପ୍ରାଚୀର ବନ୍ଧା ଲୌକିକ ପ୍ରଥାରୂପ ଦୁର୍ଗ ଜୟ କରି ସେଠାରୁ ଫେରିଲି ନାହିଁ; ଭାବିଲି, ନିଶ୍ଚୟ ମୋର ଭାବୀ ପ୍ରଣୟିନୀର ଅନ୍ତରତମ ପ୍ରଦେଶରେ ସଗର୍ବରେ ପଶି ଯୌବନ-ପାରିଜାତର ଦଳପ୍ରସ୍ଫୁଟିତ ପ୍ରେମସ୍ନିଗ୍ଧ ଦେବଭୋଗ୍ୟ ସୌରଭ ଟିକକ ଲାଭ କରିବାକୁ ସମର୍ଥ ହୋଇଛି ! ମନ କାମନା କେତେକ ଅଂଶରେ ପୂର୍ଣ୍ଣ ହେଲା; ଚକ୍ଷୁର ଲାଳସା ଅନେକ ପରିମାଣରେ କମି ଆସିଲା, ମାତ୍ର ଭାବରେ ଏତେ ଛନ୍ଦାଛନ୍ଦ ହୋଇ ଭାରାକ୍ରାନ୍ତ ହୋଇ ପଡ଼ିଲି ଯେ ସେଠି କେତେ ଦିନ ମୋତେ ବରାବର ଶେଯରେ ଶୋଇ କଳ୍ପନା ଜଗତର ଗୌରୀଶଙ୍କର ଶୃଙ୍ଗରେ ଯାଇ ବସିବାକୁ ହେଲା । କେତୋଟି ବଡ଼ ବଡ଼ ଉପନ୍ୟାସ-ବଣରେ ବାଟ ହରାଇବାକୁ ହେଲା ।

କେତେ ଦିନ ପରେ ଏ ସବୁରେ ମନ ପୂର୍ଣ୍ଣରୂପେ ଲାଗିଲା ନାହିଁ । ପୁରୁଣା ଚିନ୍ତାକୁ ନୂଆ ରସରେ ରଞ୍ଜାଇ ଦେବାପାଇଁ ମୋର ଧୈର୍ଯ୍ୟ ରହିଲା ନାହିଁ । ମନକୁ ସରସ କରିବା ପାଇଁ ଦିନେ କାଗଜ କଲମ ଧରି ଜନକ ପାଖକୁ ଚିଠି ଲେଖି ବସିଲି । କିପରି କଣ ଲେଖିଲେ ମୋ ମନର ଭାବ ସମ୍ପୂର୍ଣ୍ଣ ବ୍ୟକ୍ତ ହୋଇ ପାରିବ,

ହୃଦୟ ଭିତରେ ଯେଉଁ ପ୍ରେମନିର୍ଝରଣୀ ବହୁଛି, ତାହା କପରି ଏଣିକି ଅନ୍ତଃସଲିଳା ସରସ୍ୱତୀ ପରି ନହୋଇ ଚଟ୍ଟଗ୍ରାମ ବିହାରୀ ମହାନଦୀ ପରି ପୁଣ୍ୟଭୂମି ଉତ୍କଳକୁ ଭସାଇ ନେଇ ବହିବ, ଠିକ୍ କରୁ କରୁ ଡେରିଏ ଗଲା । କଣ ବୋଲି ସଂବୋଧନ କରିବି କିଛି ସ୍ଥିର କରି ପାରିଲି ନାହିଁ । ଲେଖିଲି, 'ପ୍ରାଣପ୍ରିୟେ' —ମନ ପାଇଲା ନାହିଁ, କାଗଜ ଖଣ୍ଡିକ ଚିରିଲି । ପୁଣି ଲେଖିଲି, 'ପ୍ରିୟତମେ !' ଦେଖିଲି ଏ ପଦଟା ମୋ ପ୍ରାଣର ଠିକ୍ ଭାବ ବ୍ୟକ୍ତ କରିପାରୁ ନାହିଁ । ସେ ଖଣ୍ଡିକ ଚିରି ଆଉ ଖଣ୍ଡେ କାଗଜ ଧରି, ଖୁବ୍ ସାବଧାନରେ ଗୋଲ ଗୋଲ ଅକ୍ଷର କରିବାକୁ ଚେଷ୍ଟା କରି ଲେଖିଲି, "ଏଣୀନୟନେ !"—ଛି ! ଏଗୁଡ଼ାକ ସବୁ ପୁରୁଣାକାଳିଆ ଅନ୍ଧକାରମୟ ଯୁଗର ଉପମା । ପୁଣି ଥରେ ଆରମ୍ଭ କଲି, "ଗୌରାଙ୍ଗି !"—ଏଟା ବି ମନକୁ ପାଇଲା ନାହିଁ । ଏହାପରେ କେତେ ଲେଖିଲି— 'ହୃଦୟହାରିଣି' ! 'କୁନ୍ଦହାସିନି', 'କରୀନ୍ଦ୍ରଗମନା', 'ମାନସମୋହିନି' ବୋଲି ! ସେ ସବୁକୁ ଏଠାରେ ବର୍ଣ୍ଣନା କରିପାରୁ ନାହିଁ । ଶେଷକୁ ନବ୍ୟଯୁଗର ହାଲ ଫେସନ କାଇଦାରେ ପ୍ରାଣର ଅନ୍ତର୍ନିହିତ ଧୂମାୟମାନ ପ୍ରେମାଗ୍ନିକୁ ପ୍ରଜ୍ୱଳିତ କରିବାକୁ ଯାଇ ଲେଖିଲି ଶେଷରେ, "ପ୍ରାଣର କନକ !" ବେଶ୍ ମନକୁ ପାଇଲା—ଯେପରି ଲୁହାକୁ ଚୁମ୍ବକ; ଆଖିକୁ ଦୁଇଟା ପଦ ଚକ ଚକ୍ ଦେଖାଗଲା । କାଗଜର ଏକଡ଼ ସେକଡ଼ ଓଲଟପାଲଟ କରି ଗୁଡ଼ିଗଲି, ଲେଖାଟା ସିଧା ହୋଇଛି କି ବଙ୍କା ହୋଇଛି । ମନରେ ଅପାର ସନ୍ତୋଷ ଆସିଲା ।

ପ୍ରେମ ପତ୍ର ଲେଖିବା ମୋ ଜୀବନରେ ଏହି ପ୍ରଥମ । ପ୍ରେମରେ ବାତୁଳ ହୋଇ ଭାବୀ ପ୍ରଣୟିନୀକୁ ପ୍ରାଣର କନକ ବୋଲି କାଗଜ କଲମରେ ସମ୍ବୋଧନ କରିବା ମୋର ଏହିଠାରେ ଆରମ୍ଭ । ସେ

ଅମସ୍ୟଟା ମୋ ଜୀବନରେ କାଳୁଳ ହେବାର ସମସ୍ତ ଥିଲା । ଜାଣି ନ ଜାଣିଲା ପରି, ବୁଝି ନ ବୁଝିଲାପରି, ଶୁଣି ନ ଶୁଣିଲା ପରି, ମୁଁ କେତେ କେତେ କଥା କରିଗଲି । ଏବେ ସେ ସବୁ କଥା ଭୁଲିବାକୁ ଚେଷ୍ଟା କରି ସୁଦ୍ଧା ଭୁଲିପାରୁ ନାହିଁ ।

ଏହାପରେ ଚିଠିରେ କଣ ଲେଖିଥିଲି ଠିକ୍ ମନେ ପଡ଼ୁନାହିଁ । ଶେଷ ଦୁଇପୃଷ୍ଠାର ଚିଠି ଭିତରେ ଏହି କେତୋଟା ପଦ ଥିବାର ମନେ ଅଛି—"ତୁମେ ମୋର ସବୁ—ନୟନର ତାରା—ହୃଦୟର ହାର । ତୁମକୁ ଭୁଲି ପାରିବି ନାହିଁ; ଭୁଲି ପାରିବି ନାହିଁ । ସୁଖରେ ଥାଏ, ଦୁଃଖରେ ଥାଏ, ଘରେ ଥାଏ, ବାହାରେ ଥାଏ, ଯେଣେ ଇଚ୍ଛା ତେଣେ ଯାଏ, ମୋ ମନ ତୁମ ପାଖେ ପାଖେ, କନକ ! ମୋ ଆଖିରେ ତୁମେ ନାଚୁଚ, ମୋ ହୃଦୟରେ ତୁମେ ହସୁଚ; ପ୍ରତି ସକାଳେ ସନ୍ଧ୍ୟାରେ ଫୁଲେ ଫୁଲେ ତୁମେ ଆସୁଚ ! କନକ ! କନକ ! ଭଲରେ ରହ, ସୁଖରେ ରହ, ଶାନ୍ତିରେ ରହ, ଏହି ମୋର ଆଶୀର୍ବାଦ । ଯେତେ ଚଞ୍ଚଳ ପାରେ ବାହାଘର ପାଇଁ ଯୋଗାଡ଼ ଲଗାଇବି । କଲେଜରେ ପଢ଼ିବାକୁ ଯାଉଛି । ପୁଣି ଦେଖାହେବ କେତେ ଥର ଦେଖା ହେବ ।" ଏହି ଢଙ୍ଗର କେତୋଟି କଥାରେ ହୃଦୟର ଗାଢ଼ ଭାବକୁ ତରଳ କରି ବୁଝାଇବାକୁ ଚେଷ୍ଟା କରିଥିଲି । ଶେଷରେ ମହାକବି ଉପେନ୍ଦ୍ରଭଞ୍ଜଙ୍କ ଅମର ଲେଖାର ଦୁଇ ଧାଡ଼ି ବସାଇ ଦେଇଥିଲି ।—

'ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଘେନି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ଯାଙ୍କର
ଯେତେ ଦୂରେ ଥିଲେ ସେ ଯାହାର ସେ ତାହାର ।

ଯେତେ ଦୂରେ ପଛ ପଡ଼ିଥିଲେ ରେ ନୟନା
ଚିହ୍ନି କ ନୁହଇ ଆନେ ବୃଷ ନାମ ଘନା
ବନ୍ଧୁ ତେମନ୍ତ ମୁଁ ତୋର,
ସବୁଠାରେ ଲୁଚାଉଛୁ ସୁନ୍ଦରୀ-କୋସ୍ତୁର ।"

ଆଜ୍ ବେଶୀ କଛୁ ମନେ ପଡ଼ୁନାହିଁ ।

ଭଉଣୀ,

ଯା ପରେ, ମୁଁ ଯାହା ଭାବି ନ ଥିଲି ତାହା ଘଟିଲା । ଦିନେ ବେଳ ବୁଡ଼ ଆସୁଥିବା ବେଳକୁ ହରିଭାଇ ଖଣ୍ଡିଏ ଚିଠିଆଣି ମୋ ହାତରେ ଦେଲେ । ମୁଁ ତ କିଛି ଛନ୍ଦ କପଟ ଜାଣେ ନାହିଁ ଲୋ ଭଉଣି, ମା ଭାଉଜ ସଭିଏଁ ଥିଲେ, ଚିଠିଟି ଫିଟାଇ ପଢ଼ି ବସିଲି । ଚିଠି ଖଣ୍ଡିକ ଦେଇଥିଲେ ହରିଚରଣ । ମୁଁ କଣ ସେତେ କଥା ମନକୁ ଆଣିଛି ? ଧାଡ଼ିଏ ଦି'ଧାଡ଼ି ପଢ଼ିଛି, ହଠାତ୍ ମୋ ମନକୁ ମୁଁ ଚମକି ପଡ଼ିଲି । ଚିଠିଟାକୁ ବୁକୁ ଉପରେ ଜାକି ଧରି ଭଣ୍ଡାର ଘର ଭିତରକୁ ଧାଇଁ ପଶିଗଲି । ଭାଉଜ ଥଟ୍ଟା କଲେ, ମା ମୁଚୁ ମୁଚୁ ହସି କିଛି କହିଲେ ନାହିଁ । ଚିଠି ଖଣ୍ଡିକ ଦେଇ ମତେ ସେ ବଡ଼ ଅସୁବିଧାରେ ପକାଇ ଦେଲେ, ଲୋକହସା କଲେ ।

ସାଇପଡ଼ାରେ ଚହଳ ପଡ଼ିଗଲା । ଲାଜରେ ମୁଁ ମୁଣ୍ଡ ପୋତି ରହିଲି । ସାଙ୍ଗ ସରସା ପିଲାଏ ମୋତେ କାଉ କାଉ କରି ପକାଇଲେ । ସେଠି କେତେ ଦିନ, ଦିନକ ଯୁଗକ ପରି ଲାଗିଲା ।

ସେ ରାତିରେ ଦୀପ ଆଲୁଅରେ ଚିଠି ଖଣ୍ଡିକ ପଢ଼ି ବସିଲି । ଏତେ କଥା ସିଏ କେମିତି ଜାଣିଥିଲେ ଲୋ ଭଉଣି ! ମୋର ଚାଲି, ମୋର ଚାହାଣୀ, ମୋର ଢଙ୍ଗ ଢାଙ୍ଗ, ମୋର ମନକଥା ସବୁ ଜାଣିଲା ପରି ଲେଖିଥିଲେ । ସେହି ଚିଠିଖଣ୍ଡ ମୁଁ ଜୀବନର ସାଥୀ କରି

କେତେ ଦିନ ବୁକୁ ପାଖରେ ରଖିଥିଲି । ଏବେ ମଧ୍ୟ ମୋର ହାତ ଟ୍ରଙ୍କରେ ସେଟିକୁ ରଜାପୁଅକୁ ରଜାଝିଅ ଲୁଚାଇ ରଖିଲାପରି ରଖିଛି ।

ଭାବଲି, ସେ ମୋର ସାରା ଜୀବନର ଚିଠି । ସେହି ଚିଠି ଖଣ୍ଡିକ ଉପରେ ମୋ ଜୀବନ ଇତିହାସର କେତେ କେତେ କଥା ଘଟିଗଲା । ସେହି ଚିଠି ମୋ ମନରେ ଆଶା ଢାଳିଲା । ସାଙ୍ଗେ ସାଙ୍ଗେ ନିରାଶା ନିଆଁରେ ପୋଡ଼ି ପକାଇଲା । ସେହି ଚିଠି ଦେଖି ମୁଁ କାନ୍ଦୁଛି, ହସୁଛି । ଏବେ ସଂସାରରେ କାହା ମୁହଁରୁ ଚିଠି ନାଁ ଶୁଣିଲେ ସେହି ଚିଠିକଥା ମୋର ମନେ ପଡ଼ିଯାଏ । ଭାବେ, ସତେ କଣ ମୋର ପରି ସମସ୍ତେ ଚିଠି ପାଉଥିବେ ?

ଚିଠିରେ ଲେଖା ଥିଲା,—ତୁମକୁ ଭଲକରି ଦେଖି ପାରିଲି ନାହିଁ; କଥା ପଦେ ହୋଇ ପାରିଲ ନାହିଁ । ମତେ ମୁହଁ ମୋଡ଼ି ଦେଇ ଚାଲିଗଲ; ତଥାପି ମୁଁ ତୁମକୁ ଭୁଲି ପାରିବି ନାହିଁ । ମୁଁ ଘରେ ଆଉ ଅଳ୍ପ ଦିନ ଅଛି । ଏହା ପରେ କଟକ କଲେଜକୁ ପଢ଼ିବାକୁ ଯିବି । ଯେତେ ଚଞ୍ଚଳ ପାରେ ବାହାଘର ପାଇଁ ଯୋଗାଡ଼ ଲଗାଇବ । ତାପରେ ଦେଖା ସାକ୍ଷାତ୍, କଥାବାର୍ତ୍ତା । ତୁମେ କଣ ମୂର୍ଖଟିଏ ହୋଇଥିବ ? ନା, ନା, ପାଠ ପଢ଼ । ମାଇନର ଖଣ୍ଡିକ ପାଶକରି ସଂସାରର କଥା କଣ ଜାଣିବ ? ଆହୁରି ଟିକଏ ଉପରକୁ ପଢ଼ । ପୁଣି ଦେଖାହେବ; କେତେଥର ଦେଖା ହେବ । ତୁମେ ମୋର ନୟନର ତାରା—ହୃଦୟର ହାର—ତୁମକୁ ମୁଁ ଭୁଲିପାରିବି ନାହିଁ । ଫୁଲ ହସିଲେ ତୁମେ ହସ, ପବନ ବହିଲେ ତୁମେ ଆସ ବୋଲି ମତେ ଜଣାପଡ଼େ । ଇମିତି କେତେ କେତେ କଥା ଲେଖି ଶେଷକୁ ଗୀତଟିଏ ଲେଖିଥିଲେ । ଗୀତରେ ଲେଖିଥିଲେ—"ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର ।"

ପୁରୁଷ ଲୋକେ ଇମିତି କଥା ସବୁ କିମିତି କହନ୍ତି ଲୋ ଭଉଣି ! ଆଜ ଗୋଟିଏ କଥା, ସେମାନେ ଭାବନ୍ତି କେବଳ ତାଙ୍କର ଜୀବନ ଅଛି, ବାକି ସ୍ତ୍ରୀ କୁଳ ମାଟି ପଥରଠାରୁ ନିଦା । ମାଇପିମାନେ କଣ ଖାଲି ଦୁଖ ଅନୁତାପ ପାଇଁ ଜନ୍ମ, ଆଜ ସେମାନେ ଠକିବା ପାଇଁ, ଭୁଲେଇବା ପାଇଁ, ଛଳନା କରିବା ପାଇଁ ଥାନ୍ତି ? ଛି ଲୋ ଭଉଣି, ମୋ ଜୀବନରେ କେତେ ଦିନ ପୁରୁଷ ଲୋକଙ୍କ ନାଁ ଶୁଣିବା ମାତ୍ରେ କମ୍ପ ଆସିଥିଲା । ତାଙ୍କ ନାଁ ଶୁଣିଲେ କାନରେ ହାତ ଦେଉଥିଲି । ମୁଁ ଜାଣିଲି ସେମାନେ ସମ୍ପଦର ସାଥୀ, ବିପଦରୁ ଲୁଚନ୍ତି । ବୁକୁ ଚିରି ସେମାନେ ରକ୍ତ ନେଇ ପାରନ୍ତି, ରକ୍ତ ଦେଇ ପାରନ୍ତି ନାହିଁ । ସେମାନେ କନ୍ଦାଇ ପାରନ୍ତି, କାନ୍ଦି ପାରନ୍ତି ନାହିଁ । ସେମାନଙ୍କ ଲୁହରେ ଛଳନା, କପଟତା ମିଶି ରହିଛି । ବାହାରେ ହସିବା ସେମାନଙ୍କର ବ୍ୟବସାୟ, ପରକୁ ଭୁଲେଇବା ସେମାନଙ୍କର ଜୀବିକା । ମୋ ଭାଗ୍ୟରେ ଇମିତି କେତେ କେତେ କଥା କେତେ କେତେ ଦିନ ଘଟିଥିଲା ବୋଲି ମୁଁ ଲେଖି ବସିଛି । ମୁଁ ପୁରୁଷ ଲୋକର କଠୋର ଧକ୍କା ସହିଛି ବୋଲି ଏତେ ଶିଖିଛି ।

ପ୍ରିୟ ରମେଶ,

କବି ଗାଇଛନ୍ତି—

"କିଏ ନ ଜାଣଇ ସୁଖଠାରୁ ସୁଖ
ଆଶାରେ ସୁଖ ଅଧିକ ?"

ଏହି ସୁଖ ଆଶାରେ, କଳ୍ପନାର ପାରିଜାତ-କୁଞ୍ଜରେ ମୋର ଯୁବକ ପ୍ରାଣ ବିନକୁଦନ ଖେଳ ହୋଇ ଉଠିଲା । ଘନ ଘୋର ବର୍ଷାକାଳରେ କଳାହାଣ୍ଡିଆ ମେଘମାଳା ମଧ୍ୟରେ ବେଳେ ବେଳେ ଯେପରି ସପ୍ତବର୍ଣ୍ଣ ରଞ୍ଜିତ ଇନ୍ଦ୍ରଧନୁ ଦିବ୍ୟ ଶୋଭା ଘେନି ଫୁଟିଉଠେ ମୋର ମନ-ଗଗନରେ ସେହିପରି ଗୃହ ପରିବାରର ସକଳ ଦୈନ୍ୟ ଦୁର୍ଦ୍ଦଶା, ପରୀକ୍ଷାଫଳ, କ୍ଷେତମରୁଡ଼ି, ଋଣଭାବନା ପ୍ରଭୃତି ଅନ୍ଧକାର-ମୟ ନିବିଡ଼ ଯବନିକା ଭେଦ କରି କନକଲତା ଛବିଟି କେବଳ କନକରେ ନୁହେଁ, ହୀରା, ନୀଳା, ମୋତି ମାଣିକ୍ୟରେ ସୁସଜ୍ଜିତ ହୋଇ ହସି ଉଠେ । ସତ କହିବାକୁ ଗଲେ, ସେଦିନ ପାନଦୋକାନ ପାଖରେ ମୁଁ ତାକୁ ମିନିଟିଏ ଖଣ୍ଡେ ଦେଖିଛି କି ନାହିଁ ସନ୍ଦେହ, ସେଠୁ ଆସିଲା ପରେ ପ୍ରଣୟର ଦିବ୍ୟ ନେତ୍ରରେ ଅପ୍ସରା ପୁରୀର ଅଞ୍ଜନ ଘେନି ପୁଣି ତାକୁ ଦେଖିଗଲି । ସେ ସେତେବେଳେ ଲୁଗା ପିନ୍ଧିଥିଲା, କିନ୍ତୁ ଭାବିଲି; ମୋର ସେଠା ସେତେବେଳର ଆଖିର ଦୋଷଃ ନିଶ୍ଚୟ ସେ ବ୍ରହ୍ମପୁରିଆ ଟସରବୁଣା ପାଟ ପିନ୍ଧିଥିବ । ସେ

ଚଟ୍‌କର ବୁଲିପଡ଼ି ବଜାର ପରି ଘରଭିତରକୁ ପଶି ଯାଇଥିଲା; ମୁଁ ତାକୁ କଳ୍ପନା କଲି, ସେ ନିଷ୍ଟୟ ମରାଳ କମ୍ବା କରୀନ୍ଦ୍ର ଗମନରେ ଯାଇଥିବ । ସେ ପାନ ଦୋକାନକୁ ପାନ ନେବାପାଇଁ ଆସୁଥିଲା; ମୋର ମନେ ହେଲା, ନା, ସେ ପାନ ପାଇଁ ଆସୁ ନ ଥିଲା, ଆସୁଥିଲା ତାର ଅପାଙ୍ଗ ଦୃଷ୍ଟାଣୀରେ ମୋର ପ୍ରେମୋଦ୍ବର ହୃଦୟକୁ ଆହୁରି ସରସ କରି ପାରିଜାତ ଫୁଟାଇ ଦେଇ ଯିବାପାଇଁ । ଏହାପରି କେତେ କଥା ଲେଖିବ, ରମେଶ ! ମୋଟାମୋଟି କହିବାକୁ ଗଲେ, ପାନ ଦୋକାନରୁ ଫେରିଲା ପରେ ମୋତେ ବାସ୍ତବ ସଂସାରଟା ଆଉ ଭଲ ଲାଗିଲା ନାହିଁ । ଯେଉଁ ଦିନ ପରୀକ୍ଷା ଫଳ ଖବରକାଗଜ ମୁଖରେ ଦେଶ ବିଦେଶରେ ଘୋଷିତ ହେଲା, ରେଜିଷ୍ଟ୍ରାରଙ୍କ ନାଁର ଠିକ୍ ଉପରକୁ ମୋ ନାଁଟା ଚକ୍ ଚକ୍ କଳା-ସାଇରେ ମାରନ୍ତି ଅବିନ କଳାମେଘ ପରି ଶୋଭା ପାଇଲା, ମୋତେ ତାହା ଦିଶିଲା ସତେ ଯେପରି ତା ମଧ୍ୟରେ କନକର କୁଞ୍ଚିତ କୁନ୍ତଳରାଶି ଖେଳିଯାଇଛି !

ବାସ୍ତବ ଜଗତରେ ସଂସାର ଚିନ୍ତା ନେଇ ବୁଲିବାକୁ ମୋତେ ଆଦୌ ଭଲ ଲାଗିଲା ନାହିଁ । କୃଷ୍ଣ ରାଧାଙ୍କୁ ଗଛ ପତ୍ର ଫୁଲଫଳରେ ଦେଖିଲା ପରି ମୁଁ କନକକୁ ସବୁଆଡ଼େ ଦେଖିବା ପାଇଁ ଚେଷ୍ଟା କଲି । ଏହାଦ୍ୱାରା ରୋଗୀ ହେଲି କି ମାନରୋଗ ହେଲି ନିଜେ ନିଦାନ କରି ପାରିବା ଶକ୍ତି ରହିଲା ନାହିଁ । କାହାକୁ କହିବି ମନର କଥା ? ଶେଯରେ ପଡ଼ିରହିଲି, ଗଛମୂଳେ ବସି ରହିଲି । ଫୁଲକୁ ଚାହିଁ ଚାହିଁ ରହିଲି, ବିଦଗ୍ଧ ଚିନ୍ତାମଣିରୁ ଗୀତ ମଧ୍ୟ ବୋଲିଲି । ଭାବନା ବଢ଼ିଲା ସିନା କମିଲା ନାହିଁ । ମୁଁ ଅଭାଗା ଗୀତ ଲେଖିବାକୁ ବସିଲେ ତର ତରରେ ପଦ ପକାଇବାକୁ ବେଳହେଲା ନାହିଁ; ପଦ ପଡ଼ିଲେ, ଭାବଟା ଛନ୍ଦା ଛନ୍ଦ ଗୋଳମାଳିଆ ହୋଇ ପ୍ରକାଶ

ହୋଇ ପାରିଲା ନାହିଁ । ଏହିପରି ଅନେକ ଅସୁବିଧା ତରୁଣ ଜୀବନରେ ବୋଧହୁଏ ଊଣା ଅଧିକେ ଘଟିଥିବ ।

ଶେଷରେ ମୁଁ କଳ୍ପନା ରାଜ୍ୟର ପଥିକ ହେଲି । କେତେବେଳେ କନକ ମୋର ହାତ ଧରି ରାଜ୍ୟ ବୁଲାଇ ଦେଖାଇଲା । ମୁଁ କେବେ କେବେ ତାର ସାମାଜିକ କୁସଂସ୍କାର ଭ୍ରାନ୍ତ ଧାରଣାକୁ ଦୂର କରାଇଲି । ମୁଁ ଗୀତ ଗାଇଲେ ସେ ତାନ ଧରିଲା, ମୁଁ କାନ୍ଦି ଉଠିଲେ ସେ ଲୁହ ପୋଛିଲା, ମୁଁ ଧାଇଁ ଚାଲିଗଲେ ସେ ମୋ ସାଙ୍ଗ ଛାଡ଼ିଲା ନାହିଁ । ଧାଇଁ ଧାଇଁ କେବେ କେବେ ମୁଁ ସେହି ବାସ୍ତବ ଭୂମି ଶଯ୍ୟାରେ ପଡ଼ିଯାଏ—ମୋର ମୋହ ଭାଙ୍ଗିଯାଏ । ଦେଖେ, ମୁଁ ଆମ ଗାଁରେ,—ଘରପାଖରେ ଖତଗଦା, ଗୋଳିଆ ଗାଡ଼ିଆ, ଅପରିଷ୍କାର ବିଲ ପଡ଼ିଆ, ରୁକ୍ଷ ଗଛପତ୍ର, ମୂର୍ଖ ଅର୍ଦ୍ଧଶିକ୍ଷିତ ଜନ ସମାଜ; କନକ ଏ ସୀମାର ଶତକ୍ରୋଶ ଦୂରରେ ସୁଦ୍ଧା ନାହିଁ । କେବଳ ମୁଁ ମୁହଁ ମାଡ଼ି ପଡ଼ି କାତର ଭାବରେ କାହାର ଆଶ୍ରୟ ଲୋଡ଼ୁଛି । ସ୍ୱେଚ୍ଛାରେ କାହାପାଖରେ ମୋ ହୃଦୟ ଗ୍ରନ୍ଥିଟାକୁ ଦେଇ ଦେବା ପାଇଁ ଅଣ୍ଡାଳୁଛି ।

ଏପରି ସୁଖ ଶୈଳରୁ ଖସି ଯେତେବେଳେ ଏପରି ଗଭୀର କୂପରେ ଆସି ପଡ଼େ, ମୋ ମନରେ ଭଗବାନଙ୍କ ପ୍ରତି ଘୃଣା, ଅବିଶ୍ୱାସ ଜାତ ହୁଏ । ଭାବେ, ଏପରି ସାମାଜିକ ପରିସର ମଧ୍ୟରେ ମୋ ପରି ନବଯୁଗର କଳ୍ପନାପ୍ରିୟ ମୂର୍ତ୍ତିମାନ ଯୁବକକୁ ଜନ୍ମ ଦେବାଟା ତାଙ୍କ ସୃଷ୍ଟି ରଚନାରେ କଳ୍ପନା-କୌଶଳ-ଅଭାବର ପରିଚୟ ଦେଉଛି ।

ଭଉଣି,

ଡଗ ଫଗ ଡାଉ ଥାଉ —
“ମା ପରି କିଏ ହେବ ଲୋ ଆଉ,
ମା ଖୋଉଥିଲେ ଖିରି ଖିରସା
ଆଉ ଖୋଉଥିଲେ କାଉ ।’

ସତ ଲୋ ସତ, ମୁଁ ସବୁ ଦେଖିଗଲି, ସବୁ ଏ ଅଙ୍ଗରେ ଲଭେଇଗଲା । ଆଖିରୁ ଲୁହ ମଲା ନାହିଁ, ମନରୁ କୋହ ଗଲା ନାହିଁ । ମୋ ଆଗରେ ଆଖି ବୁଜି ଦେଇ ମା କୁଆଡ଼େ ଚାଲିଗଲେ । ଭଉଣି, ତେଣିକି ମୋ ଦୁଖର ଆଉ ସୀମା ରହିଲା ନାହିଁ । କୁଆଡ଼ୁ ଆସିଲା ହଇଜା ସେ ଗାଁରୁ ଅଧେ ଲୋକ ନେଇଗଲା । ମା ସଙ୍ଗରେ ମୁଁ ଯାଇଥିଲେ ମତେ ଆଉ ଏ ସଂସାରରେ ଇମିତି ଦିନମାନ ଦେଖିବାକୁ ପଡ଼ି ନ ଥାନ୍ତା ।

ମା ଆଖି ବୁଜିଲା ବାସି ମୋ ଦୁଖ ବଢ଼ିଲା । ଦୁଖ କାହା ଆଗରେ କହିବାକୁ, ସୁଖରେ କାହା ଆଗେ ବସିବାକୁ ମୋର କିଏ ରହିଲେ ନାହିଁ । ମା ପରି ସଂସାରରେ ନିଜର ହୋଇ ଆଉ କିଏ ? ମନେଥିବ ଲୋ ଭଉଣି, ଯେତେବେଳେ ପିଲାଦିନେ ଥରେ ମତେ ଜର ହୋଇଥିଲା, ବଞ୍ଚିବାର ଆଶା ବାପା ଛାଡ଼ି ଦେଇଥିଲେ,

ସେତେବେଳେ ମା ମୋର ବିଷ ଖାଇ ମରିଯିବାକୁ ବସିଥିଲେ । ମୋ ପରି ଅଭାଗିନୀକୁ ସେ ଇମିତି ଭଲ ପାଉଥିଲେ ଲୋ ଭଉଣୀ, କାହିଁକି ଯେ ଭଲ ପାଉଥିଲେ—ଆହା ! ମା ପରା ସେ । ତାଙ୍କୁ ମୁଁ କିମିତି ପାଶୋରିବି ? ରୋଗ ବଇରାଗରେ ସେ, ସୁଖ ଦୁଖରେ ସେ, ଅନ୍ଧାର ରାତିରେ ସେ, ପୁନିଅଁ ଜହ୍ନରାତିରେ ସେ—ସବୁବେଳେ ସେ ମୋର, ମୁଁ ତାଙ୍କର । ଏବେ ମୁଁ ତାଙ୍କର ନୁହେ, ସେ ମୋର, ସେ ମୋତେ ଛାଡ଼ି ଯାଇଛନ୍ତି, ମୁଁ ତାଙ୍କୁ ଛାଡ଼ି ପାରୁନାହିଁ । ସଂସାରରେ କିଏ ମା'କୁ କେବେ ଭୁଲି ହେବ ? ସେ ଗଲା ଦିନୁ ମୋର ସୁଖର ସଂସାରଟି ଛାରଖାର ହୋଇଗଲା—ସଂସାର ଭିତରେ ମୋର ଆପଣାର ହୋଇ ରହିଲେ କେବଳ ହରିଚରଣ । ତାଙ୍କ ସଙ୍ଗେ ମୋର ଚିହ୍ନା ନ ଥିଲା କି କଥା ନଥିଲା, କେବଳ ଥରେ ଅଜଣା-ଭାବରେ ଆଖି ପିଛୁଳାକେ ଦେଖିଥିଲି ମାତ୍ର । ତେବେବି ହେଲେ ମୋ ଜୀବନରେ ମା ପାଖକୁ ସେ ଆପଣାର ହୋଇ ରହିଥିଲେ । ରାତିରେ ଘରେ ଶୋଇଥାଏ, ମା କଥା ଭାବି ଭାବି ଆଖିରୁ ଲୁହ ଝର ଝର ବୋହି ଯାଉଥାଏ ସେତେବେଳେ ବୁକୁ ଉପରେ ତାଙ୍କର ସେହି ଚିଠି ଖଣ୍ଡିକ ଥୋଇ ମୁହୂର୍ତ୍ତେ କେତେ କଥା ଭାବିଯାଏ, ଉଠି ପଡ଼ି ବସେ; ଥରେ ପଢ଼େ, ପୁଣି ପଢ଼େ, ଆଉଥରେ ପଢ଼େ, ଆଉଥରେ ପଢ଼େ,—କେତେ ଥର ପଢ଼େ, କହି ପାରିବି ନାହିଁ । ସବୁ ଥର ସେହି ଏକା କଥା ଲେଖାଥାଏ—'ମୁଁ ତତେ ଭୁଲି ପାରିବି ନାହିଁ, ଭୁଲି ପାରିବି ନାହିଁ ।' କାନ ଭାଁ ଭାଁ ହେଲେ ଯେପରି ଗୋଟାଏ କୁଆଡ଼ୁ ଅଜଣା ଶବ୍ଦ ଶୁଭି ମୁହୂର୍ତ୍ତକେ ଉଭେଇ-ଯାଏ, ସେହି କେତୋଟି ପଦ କେତେ ସମୟ ପାଇଁ ମୋ କାନରେ ସାଇଁ ସାଇଁ ହୋଇ ଗର୍ଜି ଉଠେ; ଚକିତ ସଜଳ ନେତ୍ରରେ ଚିଠିଟାକୁ ଚୁମ୍ବ ଦେଇ ଦେଇ ମୁହଁ ମାଡ଼ି ସେହିଠାରେ ପଡ଼ିଯାଏ । ମୋତେ

ସଂସାର ଅନ୍ଧାର ଦିଶେ, ବୁକୁ ଭିତର ବାଉଁବାଉଁ ଜଳେ, ପଡ଼େ ।

ଲୋକେ କହନ୍ତି, 'ଭାବିଲେ ହୁଏ ସବୁସତ ।' ମୁଁ ଭାବିଛି, କାନ୍ଦି କାନ୍ଦି ଭାବିଛି, ଲୁହ ନ କାନ୍ଦି ରକ୍ତ କାନ୍ଦି ଭାବିଛି; ମାତ୍ର କେବଳ ସ୍ୱପ୍ନ ଦେଖିଛି । ସେ ସ୍ୱପ୍ନ ମୋତେ ନଚାଇଛି, ସେ ସ୍ୱପ୍ନ ମୋତେ ହସାଇଛି, ମାତ୍ର ଧରା ଦେଇ ନାହିଁ । ଏହା କି ସଂସାରର ନିୟମ, ଶାସ୍ତ୍ରର ବିଧି, ଦଇବର ସର୍ଜ୍ଜନା ! ମିଛ—ମିଛ—ସବୁ ମିଛ; ସବୁ ଭୁଲ, ଛଳନାର ଇନ୍ଦ୍ରଜାଲ ! ମୋ ପରି କିଏ ଭୁଲିଛି ? ମୋ ପରି କିଏ କାନ୍ଦିଛି ? ମୋ କଥାର ଅର୍ଥ ବୁଝିବ କିଏ ?

ଛାଡ଼ ସେ କଥା, ଆଉ କହିଲେ କଣ ହେବ ? ଏହା ପରେ ଘରକୁ ପଡ଼ିଲା ବିପଦ । ବାପା କେବେ ବେଙ୍କ୍‌ରୁ ଟଙ୍କା କରଜ ଆଣିଥିଲେ । ଟଙ୍କେ ଦୁଇ ଟଙ୍କା ନୁହେ, କେତେ ହଜାର ଟଙ୍କା । ଦିନେ କୋରଖ ଆସି ଘରୁ ସବୁ ବୁହାହେଲା। ଜମିବାଡ଼ି ଗଲା, ଘରର ପଙ୍କାଳ ଗଲା । ଖାଲି ରହିଲା, ଆମେ ରହିବା ଘରଖଣ୍ଡିକ । ସେତେବେଳେ ମୁଁ ଦେଖିଛି, ବାପା ଆଉ ଭାଇ ସବୁବେଳେ ମୁଣ୍ଡରେ ହାତ ଦେଇ ବସିଥାନ୍ତି । ଚିନ୍ତା ଭାରରେ ମୁହଁ ଶୁଖି ଯାଇ-ଥାଏ । ଦୁଃଖର ସଂସାର ତ ଗଢ଼ିଥିଲେ ଲୋ ଭଉଣି, ସୁଖ ପାଆନ୍ତେ କୁଆଡୁ ? ଦିନେ ବାପା ଭାଇଙ୍କୁ କହିବାର ମୁଁ ଶୁଣିଲି, "କନ'କୁ ହେଲେ ବିଭା କରାଇ ସାରିଥାନ୍ତି, ତାକୁ ହେଲେ ସବୁ ଦେଇ ପକାଇଥାନ୍ତି"—ଏହା କହି ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ିଲେ । ମୁଁ ପାଖରେ ଥାଇ ଚମକିଲା ପରି ହୋଇଗଲି । ଫେର କହିଲେ, "ଏବେ ସେ ଯେବେ ଆଗପଛ ହେବେ ତେବେ ଉପାୟ କଣ ?"

ଏହି ଶେଷ ପଦକ ଶୁଣି ମୁଁ କପରି କଣ ହୋଇ କମିତ ଯେ ଗମ୍ଭୀର ଘରେ ଆସି ପଡ଼ିଗଲି, ଅନୁଭବ ନ କରିବା ଲୋକ

ଜାଣିପାରୁ ନାହିଁ । ମାଆ ମରିବା ଚିନ୍ତା କ୍ରମେ ମନରୁ ଯାଇ ଆଜି ଏକ ଚିନ୍ତା ଘୋଟିଆସିଲା । ଉହୋ ସେଦିନର କଥା ମନେ ପଡ଼ିଲେ ଏବେ ମୋର ବୁକୁ ଭିତରଟା କଣ ହୋଇଯାଉଛି ।

ପ୍ରିୟ ରମେଶ,

ଅଦମ୍ୟ ଉତ୍ସାହରେ ବି. ଏ. ପାସ୍‌କୁ ଧ୍ରୁବ ଲକ୍ଷ୍ୟ ରଖି କଟକ କଲେଜରେ ଭର୍ତ୍ତି ହେଲି । ଆଦର୍ଶ ଯୁବକ, ଆଦର୍ଶ ଛାତ୍ର, ଆଦର୍ଶ ପ୍ରେମିକ ହେବା ମୋର ସେଥି ସହିତ କେତେଗୁଡ଼ିଏ ଆନୁସଙ୍ଗିକ ଲକ୍ଷ୍ୟ ରହିଲା । କଲେଜର ପାଞ୍ଚ ସାତ ଶହ ଯୁବକଙ୍କ ମଧ୍ୟରେ ମୋର କିଛି ଗୋଟାଏ ସ୍ୱାତନ୍ତ୍ର୍ୟ ଅଛି କି ନାହିଁ, ପ୍ରଥମେ ମୋତେ ଛଅ ମାସ କାଳ ଅନୁସନ୍ଧାନ କରିବାକୁ ପଡ଼ିଲା । ମୋର ଚାଲିକୁ ଏକ ଅଭିନବ କଳ୍ପନାପ୍ରସୂତ ସଭ୍ୟଧରଣ ଚାଲିସଙ୍ଗେ ଜଡ଼ିତ କଲି, କଥାବାର୍ତ୍ତାରେ ସରସତା ରଖିବାକୁ ବରାବର ଚେଷ୍ଟା କରି କରି ସହାସ୍ୟ ମୁଖ ଦେଖାଇବାକୁ ଅଭ୍ୟସ୍ତ ହୋଇ ପଡ଼ିଲି । ଏବେ ବୁଝୁଛି, ଅନେକ ଯୁବକ ଜୀବନର ପ୍ରାରମ୍ଭ ଯୁଗରେ ଉଣାଅଧିକେ ଏପରି କୃତ୍ରିମ ହାବଭଙ୍ଗୀ କଥାବାର୍ତ୍ତା ହାସ୍ୟ ଆଳାପକୁ ଅକୃତ୍ରିମ ରୂପରେ ବାହାରକୁ ଦେଖାଇବାକୁ ଯାଇ ସହଜ ସରଳ ସ୍ୱଭାବସୁନ୍ଦର ଜୀବନଟାକୁ ବିକୃତ କରି ଦେଇଥାନ୍ତି ! ଏ କି ମୋହ ।

ସତ୍ୟବାଦୀରେ ଥିଲାବେଳେ କଳ୍ପନାର ଯେ କ୍ଷୁଦ୍ର ରୂପ ଦେଖୁଥିଲି, କଲେଜକୁ ଆସି ତାହାର ବିଶ୍ୱରୂପ ଦର୍ଶନ କଲି ।

ଏ ବିଶ୍ୱରୂପ ଶ୍ରୀକୃଷ୍ଣ ମୁଖନିଃସୃତ ଗୀତାର ବିଶ୍ୱରୂପ ନୁହେ । ଏହା ପ୍ରେମ ଜଗତର ବିଶ୍ୱରୂପ । ଅଳ୍ପ ଦିନ ମଧ୍ୟରେ ଆଶାର ନାଏଗ୍ରା ପ୍ରପାତରେ ମୁଁ ଲମ୍ଫଦେଲି, କଳ୍ପନାର କୋଣାର୍କ, ପୀରମିଡ୍ ତୋଳିଲି, ପ୍ରେମର ନଭଶ୍ଚୁମ୍ବୀ ତାଜମହଲ ଭେଦକରି ତା ମଧ୍ୟରେ ଜଗତର ଅପୂର୍ବ ଅଦୃଷ୍ଟ ପ୍ରଣୟିନୀର କାନ୍ତ କୋମଳ ମୁଖାର-ବିନ୍ଦକୁ ସତୃଷ୍ଣ ନିର୍ନିମେଷ ଲୋଚନରେ ନିର୍ବାକ୍ ଭାବରେ ଚାହିଁ ରହିଲି ।

କେତେ ମାସ ଗଲା । ଦିନେ ହଠାତ୍ ମୁଁ ଆଶ୍ଚର୍ଯ୍ୟ ହେଲି । କଳ୍ପନା ଚକ୍ଷୁରେ କନକ କାହିଁକି ମୋତେ ସାମନ୍ୟ ଜାଲୁଜାଲୁଆ ଦେଖାଗଲା । ଭାବିଲି ଏଟା ମୋର ଚକ୍ଷୁର ଦୋଷ । ପୁଣି ଦେଖାଗଲା, ପୁଣି ସେହି ସାନ୍ତ୍ୱନା ନେଇ ଦିନ କାଟିଲି । ଦିନ ଯେତିକି ଗଡ଼ିଲା, କନକ ମୋଠାରୁ ସେତିକି ଦୂର ଦୂର ଜଣାପଡ଼ିଲା । ମୁଁ ଏଥିର କାରଣ ଖୋଜି ବସିଲି ।

ସେତେବେଳକୁ ମୁଁ ବାବୁ ଜୀବନର ଯୌବନ ଭୋଗ କରୁଥିଲି । ସତ୍ୟବାଦୀରେ ଥିଲାବେଳେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରଭାବରେ ଖଦଡ଼ ପିନ୍ଧିଥିଲି, କଲେଜରେ ଗୋଡ଼ ଦେବା ମାତ୍ରେ ଯେତେ ଶୀଘ୍ର ପାରେ ସେ ସବୁକୁ ବିଦାୟ ଦେଲି । ମୋ ଖଦଡ଼ପିନ୍ଧା ସହାଧ୍ୟାୟୀ-ମାନେ ମୋତେ ଏ ବିଷୟରେ ବ୍ୟତିବ୍ୟସ୍ତ କରନ୍ତି । ମୁଁ ସେ ସବୁକୁ ଗାମ୍ଭୀର୍ଯ୍ୟ ଗୌରବରେ ଖାତିରି କରେ ନାହିଁ । ଖାଲି ସେତିକି ନୁହେଁ, ଅଳ୍ପଦିନ ମଧ୍ୟରେ ଇଂଲିଶ୍ ଟୁଇଲ କାମିଜ, ବନ୍ଧୁକ ମାର୍କା ଧୋତି, ବିଲାତି ମୋଜା, ଜୋତା ମୋର ଶ୍ରୀଅଙ୍ଗର ଯଥାସ୍ଥାନକୁ ମଣ୍ଡନକଲେ । ପାନ ଛାଡ଼ିଥିଲି, ପାନ ଖାଇଲି, ଗୀତ ଗାଇବାର ଅଭ୍ୟାସ ନଥିଲା, ସେଟାକୁ ଅଭ୍ୟାସ କରିନେଲି । ଆଖିରେ ଚଷମା ଦେବାଟା ନିତାନ୍ତ ଦରକାର ମନେକରି ସେଥିରୁ ଯୋଡ଼ାଏ କିଣି ଲଗାଇଲି ।

ମଣିବନ୍ଧରେ ରିଷ୍ଟୱାଚକୁ ସ୍ଥାନ ଦେଲି । ଦିନରେ ପାଞ୍ଚ ଥର ମୁଣ୍ଡ କୁଣ୍ଡାଇବାକୁ ପଡ଼ିଲା । ନାତିଦୀର୍ଘ କେଶଦାମ ଉପରେ ଶତାଧିକ ଥର କରପଲ୍ଲବ ସଂଚାଳନ କରିବାକୁ ହେଲା । ଏହାଛଡ଼ା ଆକାଶରେ ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ପାଞ୍ଚ ସାତ ଥର ଗୁଣ୍ଡାଖୁରେ ଦାନ୍ତ ଘଷିବାକୁ ପଡ଼ିଲା ।

ଏପରି ନବ୍ୟଯୁଗର ସଭ୍ୟ ବାବୁ ମୁଁ ହରିଚରଣ କେଉଁଠି, ପୁଣି, ଦୂର ମଫସଲର ଆନତବଦନା, ମନ୍ଦଗମନା, ହରିଦ୍ରା-ଶୋଭନା କନକଲତା କେଉଁଠି ? ଏ ତ ଆକାଶ ପାତାଳ ପ୍ରଭେଦ! ହିମାଳୟ ସଙ୍ଗେ ପୁଣି କ୍ଷୁଦ୍ର ବରୁଣେଇ ପାହାଡ଼ର ତୁଳନା! ଯେତେବେଳେ ମୁଁ ଅଭିମାନ-ଗୌରବ-ଭୂଷାରମଣ୍ଡିତ ହୋଇ ସୁସ୍କୃତ ମୁଣ୍ଡ ଟେକିଦିଏ, ସେତେବେଳେ ମନଶ୍ଚକ୍ଷୁରେ ଦେଖେ ଖୋରଧାର ଦିଗନ୍ତବ୍ୟାପୀ ଠାଙ୍ଗୀ ଉପରେ ବରୁଣେଇ ପାହାଡ଼ ପରି କନକ ରସହୀନ ଗ୍ରାମ୍ୟ ଜୀବନଟାକୁ ନେଇ ସକୌତୁକ ଖେଳ ରଚିବାକୁ ଯୋଗାଡ଼ କରୁଛି ! ଏହିପରି ଅବସ୍ଥାରେ ପଡ଼ି ମୋ ମନରେ ଶତ ଧକ୍କା ଖାଇଲା; କି ସୂକ୍ଷ୍ମ ଅଜ୍ଞାତ ଅବଜ୍ଞା ନେଇ ସେ ଦିଗରୁ ମୁଖ ଫେରାଇବାକୁ ଇଚ୍ଛା ହେଲା! ବେଳେ ବେଳେ ସେ କଥା ବିଚାରିବାକୁ ମନରେ କାହିଁକି ଆଗ୍ରହ ଜନ୍ମିଲା ନାହିଁ ।

ମୁଁ ନଭେଲ ପଢ଼ିବାକୁ ଯାଇ ଦରପଢ଼ା କରି ଢୋଳେଇ ପଡ଼ିଲାବେଳେ କିମ୍ବା ପଦେ ଦୁଇ ପଦ ଫିଟ୍‌ଫାଟ୍ ଠକ୍‌ଠାକ୍ କରି କହିଲାବେଳେ କଳ୍ପନାରେ ଦେଖେ କନକ ମୋ ପରି ସରସ ହୃଦୟର ନିକଟତର ସ୍ଥାନରେ ଆଦୌ ରହିପାରୁ ନାହିଁ । ଭାବେ, ଆହା, ସେ ମୋ ପରି ନଭେଲ ପଢ଼ି ପାରୁଥିଲେ, ପଢ଼ି ପଢ଼ି ଢୋଳେଇ ପଡ଼ୁଥିଲେ, ସେ ସମୟର ଦୃଶ୍ୟଟା କି ମଧୁମୟ ନ ହୁଅନ୍ତା ! ପଲ୍ଲିଗ୍ରାମ,—ବାହାରେ ଯେତେ ଆବର୍ଜନା ଥାଉ

ପଡ଼ନ୍ତିକି, ସେ ମଧ୍ୟରେ ମୋର ସ୍ୱଚ୍ଛ ସୁନ୍ଦର "ଷ୍ଟଡ଼ିରୁମ୍", ସେ ଭିତରେ ଚନ୍ଦ୍ରକିରଣଭ ପଲଙ୍କ-ଶଯ୍ୟା, କିମ୍ବା ଖଟ, ଅବା ଅନ୍ତ କମ୍‌ରେ ଗୋଟାଏ କାନଭାସ୍ ଖଟ ଅଥବା ସେ ସବୁ କିଛି ନ ମିଳିଲେ ଖାଲି ତଳେ ସୁନ୍ଦର ଶଯ୍ୟା ସଜା ହୋଇଥାନ୍ତା ! ସେଠି ମାଣ୍ଡି ଉପରେ ମୁଣ୍ଡକୁ ରଖି, ଦେହ ଭାରକୁ ଗୋଟାଏ ଆଡ଼କୁ ଅଳସ ଭାବରେ ଝୁଁଲାଇ ଦେଇ, କନକ ଯେତେବେଳେ ଅର୍ଦ୍ଧସୁପ୍ତ ପଲକ ଦୁଇଟିକୁ ଜାଗ୍ରତ କୌତୁକରେ ନଚାଇ ନଭେଲ୍ ଉପରେ ହାତଦେଇ ପଢ଼ୁଥାନ୍ତା, ସେତେବେଳର ତା ମୁହଁଟି ମୋତେ ଦିଶନ୍ତା ଠିକ୍ ଯେପରି ପ୍ରଭାତର ସୂର୍ଯ୍ୟକରୋଜ୍ଜ୍ୱଳ ନବ ଫୁଟା ପଦ୍ମକଳି କିମ୍ବା ଇରାନ୍ ଦେଶର ପ୍ରେମିକ କବି ଓମାର ଖୈୟାମ୍‌ଙ୍କ କଳ୍ପିତ ବସୋରା ଗୋଲାପ ଫୁଲ ! କି ଚମତ୍କାର ସେ ଦୃଶ୍ୟ ନ ହୁଅନ୍ତା ! ସେ ଦୃଶ୍ୟ ଦେଖିବାପାଇଁ ଯୁଗେ ଯୁଗେ, ଦେଶେ ଦେଶେ କବିଙ୍କର ଆବିର୍ଭାବ । ସେହିପରି କିଛି ମୁଖପଦ୍ମ ଦେଖିବାପାଇଁ ସଂସାରରେ କେତେ କବି ପାଗଳ ହୋଇଛନ୍ତି । କେତେ ଜୀବନ କୂଳ ନ ପାଇ ଅକୂଳସାଗରରେ ଭାସିଛି । କେତେ ଉପେନ୍ଦ୍ର ଆସିଛନ୍ତି, କେତେ ଜୟଦେବ ଗାଇଛନ୍ତି, କିନ୍ତୁ ସେ ମୁଖର ବର୍ଣ୍ଣନା ସରିନାହିଁ କି ସରିବ ନାହିଁ । ଏକଥା ଭାବୁ ଭାବୁ ମୋର ମୂକ କଣ୍ଠରେ ମା' ସରସ୍ୱତୀ ଆସି ନିର୍ବିବାଦରେ ଆସନ ମାଡ଼ି ବସନ୍ତି—

"ମୋର, ବ୍ୟଗ୍ର ବ୍ୟଥିତ ଓଠ କମ୍ପନେ
ଆଗ୍ନେୟଗିରି ଉଠେ ଗୋ,
ତରୁଣର ଏଇ ଅରୁଣିତ ହୃଦପଟେ ଗୋ
ତୁମରି ଅଧର ମଧୁର ହାସ୍ୟ
ଚଞ୍ଚଳ ଚୂରୁ ତରଳ ଲାସ୍ୟ

ବିଗଳିତ କରେ ଉପଳିତ ଏଇ—
ନିର୍ମ୍ମମ ଧରା-ବାଟେ ଗୋ ।”

କିନ୍ତୁ କନକ ଯେ ନଭେଲ ପଢ଼ିବ, ଚେୟାରରେ ବସିବ, ନବ୍ୟ ଧରଣରେ ହସିବ, ପରିଚିତ ଅପରିଚିତ ବନ୍ଧୁ ନିର୍ବିଶେଷରେ ଭରସିକରି ଆସିବ, ମୋର ବିଶ୍ୱାସ ହୁଏ ନାହିଁ । ଏହି ଅବିଶ୍ୱାସ କ୍ରମେ କ୍ରମେ ମୋ ହୃଦୟରେ ବିଷାଗ୍ନି ଜାଳିଦେଲା ।

ଭଉଣି,

ମା ଗଲାଦିନୁ ଆଖିରୁ ଲୁହ ତ ଶୁଖିଲା ନାହିଁ, ତା ଉପରେ ପୁଣି ଉକତ କାଢିବାକୁ ପଡ଼ିଲା । ସେ ଦିନ ବାପା କହିଲେ, "ସେ ଯେବେ ଆଗ ପଛ ହେବ ତେବେ ଉପାୟ କଣ ?" ଏ ପଦକ ମୋ କାନରେ ପଡ଼ିଥିଲା । ମୋ ହୃଦରୁ ନିଅ ଯୁଡ଼ିଲା ପରି ହୋଇଗଲା । କିଏ ସେ ଆଗପଛ ହେବ ବୁଝିବାକୁ ବାକି ରହିଲା ନାହିଁ । ହେଲେ, ମୋ ମନକଥା କାହାକୁ ଫିଟାଇ କହିବି ? ସେ ଦିନ ଦେଖିଥିଲି—ଦିନେ—ଦଣ୍ଡକ ପାଇଁ ମାତ୍ର ସେଦିନ ପାଇଥିଲି ଖଣ୍ଡିଏ ଚିଠି—ସେଇ ଧଣ୍ଡିକ କେବଳ । ଏତିକି ତାଙ୍କ ସହିତ ମୋର ସମ୍ପର୍କ । ଏହାଛଡ଼ା ବିଧାତା ଆଉ କି ଭାବରେ ତାଙ୍କ ସଙ୍ଗେ ମୋତେ ବାନ୍ଧିଥିଲା ଯେ ମୋ ମନ ବଚନ କର୍ତ୍ତବ୍ୟ ପ୍ରତି-ଆଖି ପଲକରେ ତାଙ୍କ ଆଡ଼କୁ ଟାଣିହେଲା । ଭାବିଲି, ମରିଗଲେ ଅବା ଏ ସମ୍ବନ୍ଧ ଛିଡ଼ିବ ନ ହେଲେ ଏହା ସମ୍ଭବ ନୁହେଁ ।

ଭାଉଜ ଆସି କହିଲେ, "କିନ, ଏତେ କିଆଁ ମନ ମାରି ଦେଇ ବସୁଚ ମ ? ଯାହା ତ ହେବାର-ହେଲାଣି, ବାପା ଭାଇ ତ ଯାହା କରିବେ, ତୁମେ ଇମିତି ହେଲେ ଦେହ ଆଉ ରହିବନି କି ?

ଘର ଘର ସୁନା ଦେହକୁ ତ ଚୂନା କରି ସାରିଲଣି ! ଆଉ କେତେ ଭାବିବ ?"

ସେ କଅଁ ବୁଝିବେ ମୋ ମନ କଥା ? କଥା ଶୁଣି ମୋ ଆଖିରୁ ଦୁଇ ଟୋପା ତତଲା ଲୁହ ଗଡ଼ିଗଲା । ମୁଁ ତାଙ୍କ କାନ ପଣତରେ ମୁହଁ ଲୁଚାଇ ଦେଲି । ସେ ମୋତେ ଜାକି ପକାଇ କହିଲେ, "କାଲି ତ ମୋ ଜନ ଘରୁ ବାହାରିଯିବ; ଆଉ ଏ ଘରକୁ ମୋର ପାଦ ପକାଇବାକୁ ମନ ହେବ ନାହିଁ । ଆହା, ଜନ ମୋର, ଧନ ମୋର, ଆଉ ଇମିତି ହୁଅନା ।"

ମୋର କୋହ ଉଠିଲା । ଭାବିଲି, ପରମନ ଯେବେ ଜାଣି ହେଉଥାନ୍ତା ମଣିଷ ଏ ସଂସାରରେ କମିତି ରହୁଥାନ୍ତେ କେଜାଣି ? ଲାଜରେ ତ ମୁଣ୍ଡ ସଢ଼ି ଯାଉଥାନ୍ତା । ଭୟରେ ଦେହ ଅଣ୍ଡ ଉଠୁଥାନ୍ତା । ମୁଁ ତ ଏବେ ଭାଉଜଙ୍କ ବୁକୁ ପାଖରେ ମୁଣ୍ଡ ଗୁଞ୍ଜି ମନେ ମନେ କେତେ କଥା ଭାବୁଛି । କାଇଁ, ଭାଉଜ ତ ଜଣେ ହେଲେ ମୋ ମନକଥା କହିପାରୁ ନାହାନ୍ତି । ମୋ ହୃଦୟ ଭିତରେ ଯେ ହାହାକାର ଉଠୁଛି, ସେ କଥା ତ ସେ କଣ୍ଠହେଲେ ଜାଣିପାରୁ ନାହାନ୍ତି । ତେବେ, ହରଚରଣଙ୍କ ମନରେ ଏଠାରୁ କେତେ କୋଶ ଦୂରରେ କଣ ଖେଳୁଥିବ ମୁଁ କେମିତି ଜାଣିବି ? ବାପା, ଭାଇ କମିତି ଜାଣିବେ ? ଉଡ଼ା ଖବରରେ, ଅନୁମାନରେ କଣ ମନ କଥା ବୁଝିହେବ ? ମୁଁ ସିନା ଭାବୁଛି, ଆମର ଧନଦରବ, ମାନ ମହତ୍ତ୍ୱ କିଛି ରହିଲା ନାହିଁ ବୋଲି ସେ ମୋତେ ପାଦରେ ଠେଲି ଦେବେ; ମାତ୍ର ସେ ଯେବେ ତେଣେ କଲେଜ ଘରେ ବସି ଭାବୁଥିବେ—ଧନ ଦରବ ନାହିଁ ? ନ ଥାଉ ମୁଁ ମୋ କନକକୁ ହୃଦୟ ଭିତରକୁ ଟାଣି ନେଇ ଅମୂଲ୍ୟ ଧନରତ୍ନ ଦେବି । ଧନ କଣ ମନକୁ ବଡ଼ କରେ ? ବଡ଼ କରେ ସ୍ନେହ, ସୁଖ, ପ୍ରୀତି । ଏହା

ସେ କ'ଣ ବୁଝୁ ଥିବେ ବା କିଆଁ ? ପାଠ ପଢ଼ିଛନ୍ତି, ଜାଣିବାରେ ବୋଲେଇଛନ୍ତି। ଛି, ମୁଁ ଘର କୋଣରେ ବସି ଏତେ ଏତେ ସନ୍ଦେହ କରିବ କିଆଁ ମ ? ସେ ତ ଲେଖି ପଠାଇଛନ୍ତି, 'ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର।' ସେ କଣ ମୋର ନୁହନ୍ତି କି ?

ଭାଉଜ ମୋ ମୁଣ୍ଡକୁ ଧୀରେ ଧୀରେ ବୁକୁସନ୍ଧରୁ କାଢ଼ି, ମୁହଁରେ ଗୋଟିଏ କଅଁ କଅଁ ଚୁମ୍ବ ଦେଇ କହିଲେ, 'ଥିର ହୁଅ ମା, ଥିର ହୁଅ।'

ଭାଉଜଙ୍କର ଏ ପଦଟି ମୋତେ ସମ୍ପୂର୍ଣ୍ଣ ନୂଆ ଲାଗିଲା। ମା ମଲା ପରେ ଏପରି 'ମା' ଡାକ ମୁଁ କାହାଠାରୁ ଶୁଣି ନଥିଲି। ପଣତ କାନରେ କ ଜାଣିଲା ପରି ଆଖି ମୁହଁ ପୋଛି ପକାଇ ହସିବାକୁ ଚେଷ୍ଟା କରି କହିଲି।

"ନାଇଁ, ଭାଉଜ, ମୁଁ ତ ମନ ଦୁଖ କରୁ ନାହିଁ।"

ସେ ମୋ ହସ ଦେଖି କହିଲେ, "ନାହିଁ ଗୋ କନ, ତୁମେ ଦୁଖ କରିବ କିଆଁ ? ସେ କଣ ଆଜି ଥରେ ପାନ କିଣି ଆସିବେ ନାଇଁ କି ?"

ଲାଜରେ ମୁଁ ମୁଣ୍ଡ ପୋତି ଦେଲି।

ପ୍ରିୟ ରମେଶ,

ମୋ ହୃଦୟରେ ବିଷ ସଞ୍ଚରିଲା—ଦିନେ ଦୁଇ ଦିନରେ ନୁହେଁ, ମାସ ମାସ ବର୍ଷ ବର୍ଷ କଟିଗଲା । କେତେ ଛୁଟି ଗଲା; ଗାଁକୁ ଗଲି, କଲେଜକୁ ଫେରିଲି । ପୁରୀ, କପିଳାସ, ମହେନ୍ଦ୍ର, ମେଘାସନ, ବାଲେଶ୍ୱର, ପାରଳାଖେମୁଣ୍ଡି ବୁଲିଲି । ଏ ଭିତରେ ଜୀବନର ଗୁରୁ ମୁହୂର୍ତ୍ତ ଗଣି ଗଣି କେତେ କେତେ କଥା ଘଟିଗଲା । ଘଟଣାସଙ୍କୁଳ ଜୀବନଟା କ୍ରମେ ମୋତେ ରହସ୍ୟମୟ ବୋଧହେଲା । ସନ୍ଧ୍ୟାବେଳର ଶ୍ୟାମାୟମାନ ନକୁଞ୍ଜ କ୍ରମେ ମାନସ-ଚକ୍ଷୁରେ ନିସ୍ପ୍ରଭ ଦିଶିଲା, କନକ ପିତଳ ଝକୁଟିଲା, ସେ ସେ ପାନ ଦୋକାନ ପାଖ ସ୍ମୃତି ହୃଦୟକୁ ଛୁଞ୍ଚି ମାଇଲା ପରି ବାଧିଲା, ଲଜ୍ଜା ସରମରେ ଦଗ୍ଧ କଲା ।

ଘରୁ ତାଗିଦ୍ ଚିଠିମାନ ଆସିଲା—ଚଞ୍ଚଳ ବିବାହ ଶେଷ କରିବାକୁ ହେବ । —ରୁ ନାନା ସୂତ୍ରରେ ଚିଠି ପାଇଲି ଯେ, ଶ୍ୱଶୁର ଘରର ଅବସ୍ଥା ବଡ଼ ଶୋଚନୀୟ । ଏଇ ଦୁଇ ଦିଗର ମୂଲ୍ୟ ଏବଂ ମୋର ସେ ସମୟର ଅବସ୍ଥାର ମୂଲ୍ୟକୁ ( ଆଇ. ଏ. ପାଶକରି ବି. ଏ.ରେ ଗୋଡ଼ ଦେଇଥାଏ ) ନିକିତିରେ ତୁଳିବାକୁ ହେଲା । ଯେତେ ବୁଦ୍ଧି ବିଗୁଡ଼ି ଓଲଟ ପାଲଟ କରି ଦେଖିଲେ ମଧ୍ୟ ମୋର ମୂଲ୍ୟଟା ସେ ଦୁଇ ମୂଲ୍ୟଠାରୁ ଢେର ବେଶି ହେଲା । ସମଗ୍ର

କନକକୁ ଏକ ପାଖରେ ପକାଇ ମଧ୍ୟ ମୋର ଭ୍ରମ ଦୂର ହେଲ ନାହିଁ ।

ସମୁଦ୍ରରେ ଜୁଆର ଯୋଗେ ନଦୀବକ୍ଷ ଫୁଲି ଉଠେଥାଏ, ଭଟ୍ଟାହେଲେ ପୁଣି ତାହା ଖାଲି ପଡ଼ିଯାଏ । ମୋ ହୃଦୟ ସେହିପରି ହେଲା । ଜୁଆରପରି ମୋ ହୃଦୟ-ନଦୀରେ କନକ ପ୍ରତି ଯେ ଅସମ୍ଭବ ବ୍ୟାକୁଳତା ଜାଗି ଉଠିଥିଲା, ଭଟ୍ଟା ଆରମ୍ଭ ହୋଇ ତାହା ନିଃଶେଷ ହେବାକୁ ଲାଗିଲା । କେତେ ମାସ ତଳର ଅତଳ ହୃଦୟ-ନଦୀଟା ନିଦାଘ ତପ୍ତ ମହାନଦୀ ପରି କଙ୍କାଳ-ବକ୍ଷ ମେଲାଇ ଦେଇ ଶୂନ୍ୟକୁ ଚାହିଁ ଖାଲି ହାହାକାର କଲା । ଗତ ସ୍ମୃତିଗୁଡ଼ାକ ମନରେ ରଖିବାକୁ ଇଚ୍ଛା ହେଉ ନ ଥିଲା, ପୁଣି ନ ରଖିବାକୁ ଶକ୍ତି ନ ଥିଲା । ମହାନଦୀର ତପ୍ତ ବାଲୁକା ପରି ସେ ଭାବନା ମୋର ଶୂନ୍ୟ ହୃଦୟଟିକୁ ଉତ୍ତପ୍ତ କରି ଦେଉଥିଲା । ହୃଦୟଟା ଶୂନ୍ୟ ରହି ତୃପ୍ତ ହେଲା ନାହିଁ । ଆଉ ଏକ ଜୁଆର ପ୍ରତୀକ୍ଷାରେ ରହିଲା । ଏଥର କିନ୍ତୁ କନକ ଉଦ୍ଦେଶ୍ୟରେ ନୁହେଁ । ଆଉ କେଉଁ ଅଜ୍ଞାତ ମୂର୍ତ୍ତିର ଉଦ୍ଦେଶ୍ୟରେ ।

ଆଚ୍ଛା କହିଲ Love ଜିନିଷଟା କଣ ? ଏଟା ହୃଦୟ ସହିତ ହୃଦୟର ମିଳନ, ଅନ୍ଧକାରମୟ ଦୁଇଟି ହୃଦୟର ମହାଭାବର ଏକତ୍ର ସମାବେଶ ନା ଅସମାନ ଦୁଇଟା ପ୍ରାଣର ଏକତ୍ର ମିଳିବାର ବିଫଳ ପ୍ରୟାସ ? Love ଶାଶ୍ୱତ, ନିତ୍ୟ, ସବୁ ଦେଶ ସବୁ କାଳରେ ସମାନ । ସେ କାଳର ତପସ୍ୱିନୀ, ବନବାସିନୀ, ଏକାକିନୀ ଶକୁନ୍ତଳାଙ୍କ Love ଏବଂ ଏ କାଳର ଲକ୍ଷ୍ମୀସ୍ୱରୂପିଣୀ, ବୀଣାପୁସ୍ତକଧାରିଣୀ, ଚଟିଚରଣମାଳିନୀ, କୁଞ୍ଚିତକୁନ୍ତଳିନୀ ବାଳିକାଙ୍କ Love ଭିତରେ ପ୍ରଭେଦ ତ କିଛି ନାହିଁ । ଯାହା କିଛି ପ୍ରଭେଦ ବାହାରେ । କୁମାରୀ ଶକୁନ୍ତଳା ଲୁଗାକାନି କଣ୍ଟାବୁଦାରେ ଲଗାଇ, ମୁହଁକୁ ଉଅଁରି

ଉତ୍ତାଳ Loveରେ ଆଗ୍ରହ ଦେଖାଇଥିଲେ, ଏମାନେ ଉନ୍ମୁକ୍ତ ଗଗନ ତଳେ ହସ ହସ ମୁହଁରେ ବନ୍ଧୁ ସମ୍ବର୍ଦ୍ଧନା କରି, ସିନେମା ହଲ୍‌ରେ ପ୍ରତ୍ୟକ୍ଷ ସାକ୍ଷାତ ଦେଇ କିମ୍ବା ରାଜରାସ୍ତାରେ ରୁମାଲ ଉଡ଼ାଇ ଦେଇ Loveର ଆଗ୍ରହ ଦେଖାଉଛନ୍ତି । ଏଠାରେ ଲୁଚ ଛପର କିଛି ନାହିଁ । ଲଭ୍ ଜିନିଷଟା ବିକୃତ ହେବାର ନୁହେଁ । ତାହା ଦଶ ହଜାର ବର୍ଷ ତଳେ ହୃଦୟରେ ଫୁଟିଥିଲା, ଏବେ ମଧ୍ୟ ହୃଦୟରେ ଫୁଟୁଛି । ଆବରଣ ଭିତରେ ପ୍ରକୃତ ଆତ୍ମା ରହିଛି । ଯୁଗେ ଯୁଗେ କେବଳ ଏ ଆବରଣ ବଦଳିଛି, ବଦଳିବ । କିନ୍ତୁ ଆତ୍ମା ଅଜର ଅମର । ଶତ ସହସ୍ର ଯୁଗର କଙ୍କାଳସାର ସମାଜ ମୁହଁରେ ଏହାର କଦର୍ଥ ହୋଇ ଯାହା କିଛି ବ୍ୟତିକ୍ରମ ଘଟୁଛି ମାତ୍ର । ସମାନ ସମାନର ମିଳନ ପାଇଁ ତ ଜଗତରେ ନିତ୍ୟ ଚହଳ ପଡ଼ିଛି । ସମୁଜ୍ଜ୍ୱଳ ବୈଦୁର୍ଯ୍ୟର ସଙ୍ଗେ ସ୍ୱର୍ଣ୍ଣ ଖଣ୍ଡ, ଭଗବାନ ଶ୍ରୀକୃଷ୍ଣଙ୍କ ସଙ୍ଗେ ଭାବମୟୀ ରାଧା, ପରମ ତପସ୍ୱୀ ଶିବଙ୍କ ପାଖେ ତପସ୍ୱିନୀ ପାର୍ବତୀ ଥିବା କଥା କିଏ ନ ଜାଣେ ? ସମାଜ କଣ ଏ କଥା ମାନିବାକୁ ନାରାଜ ? ଭାବିଲି, ପ୍ରକୃତ ଲଭ୍ ସ୍ରୋତରେ ଭାସି ଭାସି ହସୁଛି । ମନୁସନ୍ତାନ ପ୍ରକୃତିରୁ ଅନ୍ତର ନୁହେଁ । ଆଜି କନକ ଓ ମୋ ମଧ୍ୟରେ ଯେ ମିଳନଚେଷ୍ଟା ହାତଗଢ଼ା ସମାଜ ନିୟମରେ ହେବାକୁ ବସିଛି ସେପରି ଅସମାନ ମିଳନ ତ ପ୍ରକୃତିରେ ନାହିଁ । ଜଗତରେ କେତେ ଧାତୁ ନାହିଁ; କିନ୍ତୁ ଚୁମ୍ବକ ଲୁହାକୁ ଟାଣେ । ମୋ ହୃଦୟ-ଚୁମ୍ବକ ଯେ କାହାକୁ ଟାଣିବ ଏଥିପାଇଁ ସମାଜ ଏତେ ବ୍ୟସ୍ତ କାହିଁ ? ଉପଯୁକ୍ତ ଉପଯୁକ୍ତର ମିଳନ ସିନା ଜଗତରେ ସମ୍ଭବ ! ତା ନହେଲେ ଜଗତଟା ଭାଙ୍ଗିରୁଜି ଗୁଣ୍ଡା ହୋଇ ଯାଆନ୍ତା ।

ଭାବି ଭାବି ଖଟ ଉପରେ ଚିତ୍ ହୋଇ ପଡ଼ିଗଲି । ବୁକୁ ଭିତରୁ ଗୋଟାଏ ଦୀର୍ଘ ନିଶ୍ୱାସ ବାହାରି ସେ କ୍ଷୁଦ୍ର କୋଠରୀଟାରେ ଖେଳେଇ ହୋଇଗଲା । ହୃଦୟ ଭିତରେ ଆଜି କନକର ସ୍ଥାନ ଦେଖିଲି ନାହିଁ; ଆଜି କିଏ ଯେ କେତେବେଳେ ଆସିବ ତାର ଆଭାସ ଅସ୍ପଷ୍ଟ ଛାୟା ପରି ଜଣାପଡ଼ିଲା । ହୃଦୟ ଶୂନ୍ୟ, ଘରଟା ଶୂନ୍ୟ, ଜଗତଟା ଶୂନ୍ୟ ବୋଧ କଲି ।

ମୋ ଚାରିପାଖରେ ଧଳା ଧଳା କାନ୍ଥ ଚାରିଟା, ଚେପ୍ଟା ଧଳା ଛାତଟା ହେରି ରହିଥିଲେ । ଭାବିଲି, ମୋତେ ସେହିମାନେହିଁ ଲଭ୍ କରି ରହିଛନ୍ତି । ନ ହେଲେ ସେମାନେ ପଡ଼ିଯାଆନ୍ତେ । ମୁଁ ଗଲାପରେ ଆଜି ଏ ଘରେ ଯିଏ ରହିବ, ତାକୁ ମଧ୍ୟ ଏମାନେ ଲଭ୍ କରି ରହିବେ । ଲଭ୍‌ର ଜାତି ବିଚାର ନାହିଁ । ଯେଉଁ ଦିନ ଏ ଘରେ ଛାତ୍ରର ଅଭାବ ହେବ, ଏ କଲେଜ ହତା ଜନଶୂନ୍ୟ ହୋଇପଡ଼ିବ, ସେ ଦିନ ଏ ଘରର ସାର୍ଥକତା, କଲେଜର ସାର୍ଥକତା ଯିବ ସତ, ଏସବୁ ଗୁଣ୍ଡା ହୋଇ ତଳେ ପଡ଼ିଯିବ ସତ, ତଥାପି ଲଭ୍ ଅମର; ଲୋକେ ଏ ସ୍ଥାନର ସ୍ମୃତିକୁ ପୂଜା କରିବେ— ଭୁଲି ପାରିବେ ନାହିଁ । ମୋ ପରି ସାତ ସହ ଛାତ୍ରଙ୍କ ପ୍ରତି ଏ ସବୁ ଘରର ଲଭ୍ ଅଛି ଏହା ଭାବି କାନ୍ଥର ଚୂନ ଇଟାକୁ ନିବିଡ଼ ଆଲିଙ୍ଗନରେ ଆପଣାର କରି ଧରିଲି ପରି ପାଖରେ ଥିବା ଖଣ୍ଡେ ବହିକୁ ବୁକୁରେ ଧରି, ଖୁବ୍ ଜାକିପକାଇ କହିଲି, ବେଶ୍ ବେଶ୍ ବେଶ୍, ଏ ବହିକୁ ମଧ୍ୟ ମୁଁ ଲଭ୍ କରୁଛି ।

ବାହାରର ଦୀର୍ଘ କୃଶ ପଞ୍ଜରର ପିଞ୍ଜରିକାଠି ଭେଦ କରି କାହାର ଶୀତଳ ନିଶ୍ୱାସ ଘନ ଘନ ବହିଆସୁଥିଲା । ଦୂର ଦିଗ୍-ବଳୟ ସୀମାରେ ଖଣ୍ଡେ କଳାମେଘ ତଳେ ଦୁଇଚାରିଟି ତାରା କ୍ଷଣେ ମୁହଁ ଲୁଚାଇ ପରକ୍ଷଣରେ ହସି ଉଠୁଥିଲେ; —ଘଣ୍ଟା ବାଜିଲା, ଠଣ୍

ଠଣ୍ ଠଣ୍, ଚମକ ପଡ଼ିଲା । ପଢ଼ିବାକୁ ବହି ଧରିଲି, ମାତ୍ର ପଢ଼ିବ କଣ ? ଏତେ ଦିନ ସତ୍ୟବାଦୀର ବକୁଳ ନିକୁଞ୍ଜରୁ ଆରମ୍ଭ କରି କଲେଜର ଧଳା ମେଘନାଦ ପାଚେରି ଡେଇଁଲା ପାଖାପାଖି ଯାହାକୁ ପଢ଼ିବାକୁ ଚେଷ୍ଟାକରି କେତେକ ପରିମାଣରେ କୃତକାର୍ଯ୍ୟ ହୋଇଥିଲି, ଆଜି ତାହା ପ୍ରେତଚ୍ଛାୟା ପରି ମୋତେ ବୋଧ ହେଉଛି, ବାଷ୍ପ ପରି ମୁହୂର୍ତ୍ତେ ଦେଖା ଦେଇ କୁଆଡ଼େ ଉଭେଇ-ଯାଉଛି । ଯାହାକୁ ଅଭ୍ରାନ୍ତ ସତ୍ୟ ବୋଲି ଭାବିଥିଲି, ଆଜି ଦେଖୁଛି ସେ ଉତ୍ତପ୍ତ ବୈଶାଖର ମଧ୍ୟାହ୍ନ ମରୀଚିକା । ଅବସ୍ତୁରେ ବସ୍ତୁ ଜ୍ଞାନ କରି ମୁଁ ଜନକ ପଛରେ ଗୋଡ଼େଇଥିଲି । ମୋ ଲଭ୍ ଜନକ ପରି ଅଟହ୍ନପାଳିତା ବାଳିକା ପ୍ରାଣରେ ସମ୍ଭାଇବା ଅସମ୍ଭବ!

ଭାବନାର ଏ ଘଣ୍ଟାରକଣ୍ଠା ସନ୍ଧିକ୍ଷଣରେ ମୋତେ କିଏ ଉଦ୍ଧାର କରିବ ? ବ୍ୟଥିତ ଜୀବନକୁ ଆହୁରି ଚହଲାଇ ଦେଇ ନୈରାଶ୍ୟର ମହାକାଳ ଛାୟା ହୃଦୟକୁ ଘୋଡ଼ାଇ ଦେଲା । ପଞ୍ଜରର ଦୁଇଟା ପଞ୍ଜରା ହାଡ଼କୁ ଧରି ବାହାରକୁ—ନିବିଡ଼ଅନ୍ଧକାର ରାଜ୍ୟକୁ ଆଖି ଫେରାଇଲି । ସେ ଦିନ ତମସାବୃତ ଧରଣୀର ନିବେଦ ଆହ୍ୱାନ ଯେପରି ମୋ ପ୍ରାଣର ପ୍ରତି ଅଣୁ ପରମାଣୁ ଚମକାଇ ଭେଦ କଲା । କବି ରବୀନ୍ଦ୍ରଙ୍କ ପଦେ ଗୀତ ମନେ ପଡ଼ିଲା :—

"ଡାକ, ଡାକ, ଡାକ ଆମାରେ
ତୋମାର ସ୍ନିଗ୍ଧ ଶୀତଲ ମଧୁର ପବନ ଆଁଧାରେ
ଦେଖା ଦିକ୍ ମମ ଅନ୍ତରତମ
ଅଖଣ୍ଡ ଆକାରେ ।"

ଏହି ଅଖଣ୍ଡ ଆକାର ଜନକର କି ଆଉ କାହାର, କିମ୍ବା ସେହି ଅନାଦି ପୁରୁଷଙ୍କର, ସେତେବେଳର ସେହି ସୁସ୍ପଷ୍ଟ ଧାରଣା ଏତେବେଳେ ନାହିଁ ।

ଏହିପରି କେତେ ଚିନ୍ତା ଯେ ଦିନକୁ ଦିନ ମୋ ପ୍ରାଣକୁ ଘାରି ପକାଇଲା ସେ ସବୁର କେବଳ ସଂକ୍ଷିପ୍ତ ଅଂଶ ଏ ପତ୍ରରେ ଲେଖି ବସିଲେ ପୁଣି ଅଠର ପର୍ବ ମହାଭାରତ ରଚନା କରାଯାଇ ପାରିବ । ମୋର ପଢ଼ାପଢ଼ି ଗଲା, ଘର ଚିନ୍ତା ଗଲା, ଦେଶ ଭାବନା ଗଲା—କ୍ରମେ କ୍ରମେ କନକ ଚିନ୍ତା ଗଲା,—ସେ ସ୍ଥାନରେ କି ଏକ ଅନିନ୍ଦ୍ୟ ସୁନ୍ଦର ମୋହିନୀ ମୂର୍ତ୍ତିର ଜ୍ୟୋତ୍ସ୍ନାପୁଲକିତ ତନୁ କଳା ମେଘ ଭିତରେ ପୂର୍ଣ୍ଣ ଚନ୍ଦ୍ରର କ୍ଷୀଣ ଆଭାସ ପରି ଅଚିହ୍ନା ଅଜଣା ଭାବରେ ହୃଦୟ ଗଗନରେ ଦେଖାଦେଲା । ସେ ଛବିକୁ ମୁଁ ଚିହ୍ନି ପାରିଲି ନାହିଁ । ଧରିବାକୁ ଚେଷ୍ଟା କରି ଧରିପାରିଲି ନାହିଁ—କପାଳରେ ହାତ ଦେଇ ବସିପଡ଼ିଲି । ଲଭ୍ ! ଲଭ୍ ! ଲଭ୍ ! ଭାବିଲି, ମୋ ପ୍ରାଣକୁ ଲଭ୍ ନଚାଉଛି, ଜଗତକୁ ଲଭ୍ ନଚାଉଛି, ଏହା ବ୍ୟତୀତ ଜଗତ ଅସମ୍ଭବ – ମୁଁ—କି ଭୁଲ !

ଭଉଣୀ,

ଯାହା କହନ୍ତି, "ଭୁଣ୍ଡିବାଦ୍ୟ ସହସ୍ର କୋଶ"— ସତକୁ ସତ ସେଇ କଥା କେତେ ଲୋକଙ୍କ ମୁହଁରୁ ଶୁଣାଗଲା । କଥା ଯେତିକି ଶୁଣାଗଲା, ଦିନ ଯେତିକି ଗଡ଼ିଲା, ମୋ ମନରେ ସେତିକି ସନ୍ଦେହ ବଢ଼ିଲା । ଗାଁଲୋକ ଏକାଠି ବସି କଥା ହେଲେ ଭାବେ, ମୋରି କଥା ପକାଇଛନ୍ତି କି ? ବାପା, ଭାଇ ଭୁନ ଭୁନ କଣ କଥା ହୋଇ ବସିଲେ ମୋ ମନକୁ ସେଇ କଥା ଛୁଏଁ । ନ ଖାଇ ନ ପିଇ ମୁଁ କଣ୍ଟାପରି ହୋଇଗଲି । ମନ ଦମ୍ଭରେ ସବୁ ଶୁଣୁଥାଏ; ବେଳେ ବେଳେ ଭାବୁଥାଏ, "କଥାଟା ସତ ହୋଇ ନ ଥିବ ପରା !"

ମୋର ଏପରି ସମୟ ନ ଥିଲା, ଯେତେବେଳେ କି ତାଙ୍କରି କଥା ଭାବୁ ନ ଥିଲି । ପହିଲି ଆଷାଢ଼ ରାତିରେ ଥରେ ବାଡ଼ିଦୁଆରେ ବାହାରକୁ ଗୁଣ୍ଡି ମୁଣ୍ଡରେ ହାତ ଦେଇ ବସିଥିଲି । ବାପା ଭାଇ ଖାଇସାରି ଦାଣ୍ଡକୁ ଯାଇଥିଲେ । 'ରାଉଜ ସବୁ ରାତିରେ ଆସି ମୋ ସଙ୍ଗେ କଣହେଲେ ଦି'ପଦ କଥା ହୋଇଯାନ୍ତି, ସେ ରାତିରେ ସେ ଆସି ନ ଥିଲେ । ମୁଁ ଏକୁଟିଆ ହୋଇ କେତେ କଥା ଭାବି ଯାଉଥିଲି, ତେଣେ ବରୁଣେଇ ପାହାଡ଼ର ମୁଣ୍ଡ ଉପରକୁ କଳା-ହାଣ୍ଡିଆ ମେଘ ଘୋଟି ଆସୁଥାଏ । ଆକାଶରେ ଯେତେ ତାରା

ହସୁଥିଲେ, ସବୁ କୁଆଡ଼େ ଲୁଚିଗଲେ । ଘଡ଼ ଘଡ଼ ରବରେ ମେଘ ଗର୍ଜିଉଠିଲା । ବିଜୁଳି ଚମକରେ ମୋ ବେଶ ଦେଖି ମୁଁ ଚମକି ପଡ଼ିଲି । ଲୁଗାପଟାକୁ ଦେହରେ ଭଲକରି ଜଡ଼ାଇ ଦେଇ, ବାଳକୁ ମୁହଁ ଉପରକୁ ଆଡ଼େଇ ଦେଇ ପୁଣି ଗାଲରେ ହାତ ଦେଇ ବସିଲି । ସେ କଟିମିଟି ଅନ୍ଧାର ରାଜ୍ୟରେ କେବଳ ତାଙ୍କର ରୂପଟି ମୋ ଆଖିକୁ ଦିଶୁଥାଏ । ଜଗତ ସଂସାର ସବୁଆଡ଼ ଅନ୍ଧାର, କେବଳ ମୋ ଆଗରେ ଗୋଟିଏ ମାତ୍ର ଉଜ୍ଜ୍ୱଳ ମୂର୍ତ୍ତି—ସେ ମୂର୍ତ୍ତିକୁ ମୁଁ କେବେ ପାଶୋରି ପାରିଲି ନାହିଁ ଲୋ ଭଉଣି !

ସେହି ଅନ୍ଧାର ସଂସାରକୁ ଚାହିଁ ମୋର ଚେତା ବୁଡ଼ିଗଲା । ସେହି ମୂହୂର୍ତ୍ତରେ ମୋତେ ଦିଶିଲା—ବରଯାତ୍ରୀ ଚାଲିଛନ୍ତି, ଆଲୁଅ ମାଳ ମାଳ ହୋଇ ଆକାଶରେ ତାରାପରି ଫୁଟି ଅନ୍ଧାର ରାଜ୍ୟକୁ ଆଲୋକିତ କରୁଛନ୍ତି । ବାଣଫୁଟା ଶବ୍ଦରେ ବଜ୍ରଶବ୍ଦ ଶୁଭୁ ନାହିଁ । ହୁଳହୁଳି, ଶଙ୍ଖଧ୍ୱନିରେ ପବନ ଥରିଉଠୁଛି । ଏସବୁ ପହଞ୍ଚିଆର ଆମରି ଦୁଆରେ ଆସି ଜମା । ·····ଘରୁ ମୋତେ ଖୁଣ୍ଟଉଜି ଧରିନେଲେ, ଲୁଗା ଘୋଡ଼େଇଦେଲେ, ବେଦୀରେ ବସାଇଦେଲେ । ମୋ ଗଳାରେ କର୍ପୂର ଚନ୍ଦନମାଳା ଦିଆହେଲା, ବେଣୀରେ ବଉଳମାଳା ଓହଳାଇ ଦିଆଗଲା, ପାଦର ଅଳତା ରଙ୍ଗରେ ଚାଲିବା ବାଟ ପାଦ ପାଦ ରଙ୍ଗହୋଇ ଉଠିଲା । ବେଦୀରେ ବସିଲି । କିଏ କିଏ ଗାଇଲା, "ଯଥା ନଳସ୍ୟ ଦମୟନ୍ତୀ ।" କାହାର ଉଷ୍ମ କର ପଲ୍ଲବଟିଏ ମୋର ଥର ଥର ଶୀର୍ଣ୍ଣ ହାତ ଉପରେ ଥୁଆହେଲା !—ବିଜୁଳି ଖେଳିଲା ପରି ମୋର ସର୍ବାଙ୍ଗ କମ୍ପି ଉଠିଲା ! ମୁଁ ଚମକି ପଡ଼ି ଦେଖିଲି, ସବୁ ମିଛ ।—ମୁଁ ସେହି ପାରିଜାତ ଖେଳାରୁ ଖସି ରସାତଳରେ ପଡ଼ିଛି । ପାଖରେ କେହି କେଉଁଠି ନଥିଲେ । କେବଳ ସେତେବେଳେ ଖେଳୁଥିଲେ ଆକାଶରେ ବିଦ୍ୟୁତ୍ ଓ କଳାମେଘ ଏବଂ

ଆମ ବାଡ଼ିଦୁଆରେ ମୁଁ ଏକାକମା ରହି ତାହା ଦେଖୁଥିଲି । ଗୋଟାଏ ଘୋର୍ଘ ନିଶ୍ୱାସ ପକାଇ ସେଠାରେ ମୁଁ ଲେସି ହେଲପର ବସି ରହିଲି ।

ଏତିକବେଳେ କାହାର ଗୋଟିଏ ହାତ ମୋର କପାଳ ଦେଶରେ ବାଜିଲା । ଭଉଜଙ୍କ ମୁହଁର କଥା ଧୀରେ ଧୀରେ ଶୁଭିଲା—"କନ, ବସିଚ ?"

ମୁଁ ଚମକିଲା ପରି ହୋଇ ତାଙ୍କ ଉପରକୁ ଆଉଜି ପଡ଼ିଲି । ସେ ମୋ ମୁଣ୍ଡଟିକୁ କିଛି ସମୟ ଆଉଁସି ଆଉଁସି କହିଲେ, "ରାତି ବେଶି ହେଲାଣି, ଶୋଇପଡ଼ କନ !"

ସେତେବେଳେ ତାଙ୍କର ସେ କଥାରେ ମୋର ମନ ନଥିଲା । ମୁଁ ଭାବୁଥିଲି ସେହି ସ୍ୱପ୍ନ କଥା । ମୋ ମନରେ ଘନ ଘନ ନାଚୁଥିଲା—

"ନ ଛୁଇଁଲେ ଆଉ ଗତି ନାହିଁ
ଛୁଇଁଲେ ତ ଛୁଇଁ ହେଲା ନାହିଁ
ଚୂଡ଼ୁଆକୁ ନାଗ ଧଇଲା ଦୁର୍ଯୋଗ
ଦଇବ ସମ୍ପାଦିଥିଲା କାହିଁ
ଆଗୋ ପ୍ରାଣସହି !"

ଏ କଣ ସେହିପରି କଥା ଲୁହେ କି ଭଉଜଣି !

ପ୍ରିୟ ରମେଶ,

କଲେଜର ପଶ୍ଚିମପଟ ବ୍ଲକ୍‌ର ଦକ୍ଷିଣ ଦିଗକୁ ପ୍ରକାଣ୍ଡ ପଡ଼ିଆ; ସେ ମଧ୍ୟରେ ଦୁଇ ଚାରିଟା ଗଛ ବ୍ରହ୍ମ ରାକ୍ଷସ ପରି ମୁଣ୍ଡ ଟେକି ଉଠିଛନ୍ତି । ରାତି ପ୍ରାୟ ନଅଟା ହେବ, ଆମେ ଚାରି ଛଅ ଜଣ ଯୁବକ ପ୍ରେତପାର୍ଶ୍ୱୀ ପରି ପଡ଼ିଆର ଏକ କୋଣରେ ବସି ଗପ କରୁଥିଲୁ । ବିବାହ ଧର୍ମ ସମ୍ବନ୍ଧରେ ଆଲୋଚନା ଚାଲିଥିଲା । ଦୁଇ ଘଣ୍ଟା କାଳ ତର୍କ ବିତର୍କ ବିତଣ୍ଡା ପରେ ବୟୋବୃଦ୍ଧ ଜ୍ଞାନବୃଦ୍ଧ ଏମ୍. ଏ. ପରୀକ୍ଷାର୍ଥୀ କିଶୋର ବାବୁ ଚଷମାଟାକୁ ଆଖିରୁ କାଢ଼ି ହାତରେ ଧରି କହିଲେ, "ମୋର ଯେତେ ଦୂର ବିଶ୍ୱାସ ବିବାହ ସହିତ ସଂଭୋଗର କିଛି ସମ୍ବନ୍ଧ ନାହିଁ । ବିବାହ କିଛି ନୁହେଁ, କେବଳ ଗୋଟାଏ ପାରମ୍ପରିକ ସାମାଜିକ ମିଳନର ବନ୍ଧନ । ସେ ବନ୍ଧନର ଦୃଢ଼ତା ଓ ଶିଥିଳତା ମାପକାଠି ଉପରେ ଶାସ୍ତ୍ର ଲୋକଙ୍କୁ ଉଚ୍ଚ ନୀଚ ଆସନ ଦେଉଛି । ବିବାହ ଯେ ଦୁଇଟି ଅପୂର୍ଣ୍ଣ ପ୍ରାଣର ଅନନ୍ତ ପରିପୂର୍ଣ୍ଣତା ପାଇଁ, ଏହା ଆଉ ଆଜିକାଲି ଲକ୍ଷ୍ୟ ନାହିଁ— ଲୋକେ ମଧ୍ୟ ଏହା ବୁଝି ପାରନ୍ତି ନାହିଁ । ସମାଜ ସେ ଲକ୍ଷ୍ୟ ଭୁଲିଛି । ଓହୋ, ଈଶ୍ୱରଦତ୍ତ ହୃଦ୍‌ଗତ ଭାବକୁ ସୀମାବଦ୍ଧ କରିବା ପାଇଁ ପୂର୍ବ ଶାସ୍ତ୍ରକାରଗଣ କି କଠୋର ପ୍ରୟାସ ବା କରି ନ ଥିଲେ ?

ପ୍ରେମକୁ ବାନ୍ଧି ରଖିବା ପାଇଁ ବିବାହକୁ ଗଢ଼ିଥିଲେ; କିନ୍ତୁ ମୋର ଧାରଣା, ପ୍ରେମ ଜିନିଷଟାକୁ ବାନ୍ଧି ରଖିବାକୁ ଚେଷ୍ଟା କରିବା ଋଷି-ଯୁଗର ଶାସ୍ତ୍ରକାରମାନଙ୍କର ଏକ ମସ୍ତବଡ଼ ଭୁଲ୍ । ପ୍ରେମଟା ବିନା ବିବାହରେ ମଧ୍ୟ ପବିତ୍ରତମ ଅବସ୍ଥା ପାଇପାରେ । ଫୁଲ ସଙ୍ଗେ ଫୁଲକୁ ଗୁନ୍ଥିଲେ ତାକୁ ଫୁଲମାଳ କୁହାଯାଇ ପାରିବ; ମାତ୍ର ଫୁଲ ସଙ୍ଗେ ଯେବେ ପଥର ଗୁନ୍ଥାଯିବ ତେବେ ତାକୁ ଫୁଲମାଳା କୁହାଯିବ କିପରି ? ଆମର ଏଇ ସମାଜ ପ୍ରେମକୁ ବର୍ତ୍ତମାନର ବିକୃତ ବିବାହ ସଙ୍ଗେ ଏପରି ପଥର ମିଶା ଫୁଲମାଳା କରିବାକୁ ଚେଷ୍ଟା କରୁଛି । ଆଜିକାଲି ବିବାହକୁ ପ୍ରଣୟ-ମିଳନ କୁହାଯାଇ ପାରିବ ନାହିଁ । ଏହା ପ୍ରଣୟର ଅତ୍ୟାଚାର, ସଂସ୍କାରର ଅନ୍ଧକୂପ ! ଜଣେ ସନ୍ତରଣପଟୁ ବ୍ୟକ୍ତିର ଗଳାରେ ଏକ ଗୁରୁଭାରବିଶିଷ୍ଟ ଜଡ଼ବସ୍ତୁ ବାନ୍ଧି ଛାଡ଼ିଦେଲେ ସେ ଯେପରି ମଝି ସମୁଦ୍ରରେ ବୁଡ଼ି ମରିବା ସମ୍ଭବ, ଆମ ସମାଜର ବିବାହ ଧର୍ମରେ ସଂସାର-ସମୁଦ୍ର ପାରି ହେବାପାଇଁ ଯାତ୍ରୀ ବେକରେ ଏହିପରି ଏକ ଜଡ଼ ସାଥୀ ବନ୍ଧା ଯାଇ ଜୀବନବ୍ୟାପୀ ଅଶାନ୍ତି ଆବାହନ କରାଯାଉଛି । ସାଥୀ ଯଦି ପହଁରି ପାରୁଥାନ୍ତା ତେବେ ଦୁଇଟି ଯାତ୍ରୀ ଅନନ୍ତ ସମୁଦ୍ର ପାରି ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁଥାନ୍ତେ । ତାହା ହେଉ ନାହିଁ, ଜଣକ ପାଇଁ ଦୁଇ ଜଣ ବୁଡ଼ି ମରୁଛନ୍ତି । ମାଟିଟାକୁ ମନୁଷ୍ୟ ଗଢ଼ିଛି, ଆଜି କେହି ନୁହେଁ । ଶାସ୍ତ୍ରଟା ଅପଟୁ ହସ୍ତର ଲେଖା ବୋଲି କହିବାକୁ ଯେପରି ସଂକୋଚ ବୋଧ ହେଉଛି, ସୁପଟୁ ହସ୍ତର ଲେଖା ବୋଲି କହିବାକୁ ସେପରି ଇଚ୍ଛା ମଧ୍ୟ କରୁ ନାହିଁ । ସେ ଭିତରେ କେତେ ନା କେତେ ଗଲ୍‌ତି ଅଛି । ତାହା ସବୁ ଯୁଗକୁ ସମାନ ଖାପ ଖାଉ ନାହିଁ । ତେଣୁ ଯୁଗ ପରିବର୍ତ୍ତନ ସଙ୍ଗେ ସେଟାର ପରିବର୍ତ୍ତନ ଦରକାର । ଜୀବନର ଖାଇବା, ପିଇବା, ବସିବା,

ହସିବା ପରି ସଂଭୋଗେଚ୍ଛା ମଧ୍ୟ ଏକ ପ୍ରବୃତ୍ତି । ତେଣୁ ମୁଁ କହେ, ନାରୀଗୌରବର ସମ୍ମାନକୁ ଯେଉଁମାନେ ପ୍ରେମରେ ସ୍ଥାନ ନ ଦିଅନ୍ତି ସେମାନେ ନାରୀକୁ ଚିହ୍ନନ୍ତି ନାହିଁ । ଯୁବକ ଯଦି ଏ ରହସ୍ୟ ଯବନିକାର ଅନ୍ତରାଳ ଭେଦ ନ କରିବ ତେବେ କଣ ବୃଦ୍ଧ କରିବେ ? ଜୀବନର ଚୁମ୍ବନାସକ୍ତ ଅଧର ଦେଇ ଯଦି ଯୁବକ ଏ ରହସ୍ୟ ଗୀତି ନ ଗାଇବ, ତେବେ ଏଥିର ଭୁଲ ଭ୍ରାନ୍ତି ବୁଝାଯିବ କିପରି ? ଜୀବନକୁ ଏ ବିଷୟରେ ସରଳ ସୁନ୍ଦର ରହସ୍ୟମୟ କରି ଗଢ଼ିବାକୁ ହେବ, ସକଳ ବନ୍ଧନରୁ ମୁକ୍ତ କରିବାକୁ ହେବ, ସଂକୋଚ ସଂକୀର୍ଣ୍ଣତା ଦିଗରୁ ଫେରାଇ ଆଣି ଦିଗ୍‌ଭ୍ରାନ୍ତ ସ୍ତ୍ର ସମାଜର ଜଡ଼ତା ଘୁଞ୍ଚାଇବାକୁ ହେବ, ରହସ୍ୟର ବିଜୟ ସାଫଲ୍ୟରେ ମହିମାନ୍ୱିତ ହେବାକୁ ହେବ ।”

ଏକା ଦମ୍‌କେ କିଶୋର ବାବୁ ଏ ବକ୍ତୃତା ଶେଷ କରି ଚଷମାଟାକୁ ପୁଣି ଆଖିରେ ଦେଇଦେଲେ ।

ମାଧବ ବାବୁ ଏମ୍. ଏ. ର ପ୍ରଥମ ସୋପାନରେ ଚଢ଼ିଥିଲେ । କିଶୋର ବାବୁଙ୍କ ବକ୍ତୃତା ପରେ ସେ ଚଢ଼ାଗଳାରେ ଆରମ୍ଭ କଲେ, “ନା, ଏହା—ସଂପୂର୍ଣ୍ଣ ସତ୍ୟ ନୁହେ । ଥାଇପାରେ, ସମାଜ ମଧ୍ୟରେ ନାନା ଆବର୍ଜନା, ଅଶାନ୍ତି ଥାଇପାରେ । ଏହା ବୋଲି ସମାଜକୁ ଲଙ୍ଘି ସମାଜ ବାହାରେ ରହିବା ଉଚିତ, ନା ତାକୁ ସଂଗଠନ କରି ସୁସ୍ଥ ସବଳ ସମାଜର ଏକ ସ୍ତମ୍ଭ ରୂପେ ନିଜକୁ ପ୍ରସ୍ତୁତ କରିବା ଉଚିତ ? ଖାଲି କଲେଜରୁ ଫେରି ଚେୟାରରେ ବସି ନଭେଲ ପଢ଼ିପାରୁଥିବା ଯୁବତୀଙ୍କୁ ଯେଉଁମାନେ ଅର୍ଦ୍ଧାଙ୍ଗିନୀ ରୂପେ ଖୋଜି ବସନ୍ତି, ସେମାନଙ୍କ ଠାରେ ମଧ୍ୟ ଭୁଲ ଥାଇପାରେ । ବର୍ତ୍ତମାନର ବିବାହରେ ପ୍ରେମ ବାଧା ପାଉଛି ବୋଲି ତାକୁ ସୀମାହୀନ ଭାବରେ ଛାଡ଼ି ଦେବା ମଧ୍ୟ ମଙ୍ଗଳଜନକ ନୁହେ ।

ସେଥିରେ ମଧ୍ୟ ଅପାୟରେ ପଡ଼ିବାର କମ୍ ଆଶଙ୍କା ନାହିଁ । ଦେଶ, ସମାଜ ଏବଂ ଜାତିର ସ୍ୱାର୍ଥ ଦୃଷ୍ଟିରେ ନିଜକୁ ଏକ ସୀମାରେ ରଖିବାକୁ ହେବ । ସମାଜ ସେହି ସୀମାର ଏକ ରୂପାନ୍ତର । ଶାସ୍ତ୍ର ବନ୍ଧନରେ ସମାଜ ତଥା ବ୍ୟକ୍ତିଗତ ଜୀବନକୁ ଏକପ୍ରକାର ବାନ୍ଧି ରଖା ଯାଇଛି । ପ୍ରାଚୀନ ସମାଜର ସେହି ଗଳିତ ରୂପକୁ ବଦଳାଇ ନବ କଳେବର ସୃଷ୍ଟି କରିବାକୁ ହେଲେ ହଠାତ ସମାଜରୁ ଅଲଗା ହୋଇଯିବା ମୋ ମତରେ ଉଚିତ ନୁହେଁ । ସେଥିପାଇଁ ଆଜି ଏକ ନୂତନ ସମାଜ ଗଢ଼ିବାକୁ ହେବ । ବନ୍ଧନହୀନ ଗଙ୍ଗାନଦୀର ମଧ୍ୟ ସୀମା ଅଛି । କୂଳପ୍ଲାବିନୀ ମହାନଦୀର ମଧ୍ୟ କୂଳ ଅଛି । ଅସୀମ ଅନନ୍ତ ନୀଳ ଆକାଶକୁ ମଧ୍ୟ ମନୁଷ୍ୟ କୌଣସି ନା କୌଣସି ଢଙ୍ଗ ମଧ୍ୟରେ ପୂରାଇ ରଖିବାକୁ ଇଚ୍ଛା କରୁଛି । ଏ ସକଳସ୍ଥାନରେ ମନୁଷ୍ୟ କେତେ ମାତ୍ର ? ଆମେ ଶିକ୍ଷିତ ବୋଲାଇ ଶିକ୍ଷିତାଙ୍କୁ ଅର୍ଦ୍ଧାଙ୍ଗିନୀରୂପେ ଲୋଡ଼ିବାରେ ଦେଶ ବା ଜାତିର ପ୍ରଭୂତ ମଙ୍ଗଳ, ହେବ, ଏଥିରେ କିଛି ସନ୍ଦେହ ନାହିଁ; ମାତ୍ର ଶିକ୍ଷାବିବର୍ଜିତା ବାଳିକାକୁ ଶିକ୍ଷା ଦେଇ—ଜୀବନ୍ୟାସ ଦେଇ ଯୁଗୋପଯୁକ୍ତା କରି ଗଢ଼ିବାରେ ଯେ କି ମହତ୍ କାର୍ଯ୍ୟ ହେବ, ଏଥି ସଙ୍ଗେ ସଙ୍ଗେ ମଧ୍ୟ ସେ କଥାର ବିଚାର କରିବାକୁ ହେବ ।

ନାରୀଶକ୍ତିର ମହିମୋଜ୍ଜ୍ୱଳ ଗୌରବକୁ ଖାଲି ପ୍ରେମ ଚକ୍ଷୁରେ ଦେଖିଲେ ଚଳିବ ନାହିଁ । ଏହି ଦେଶର ଶକ୍ତିମାନ୍ ପୁରୋଧାଗଣ ନାରୀକୁ ଯୁଗଯୁଗାନ୍ତରର ପ୍ରେମମୟୀ ପତ୍ନୀ ରୂପେ ଯେପରି ପୂଜା କରିଛନ୍ତି, ସେହିପରି ସାକ୍ଷାତ କରୁଣାରୂପିଣୀ ମାତୃରୂପେ, ମମତାମୟୀ ଦୁହିତୃରୂପେ ଏବଂ ସ୍ନେହମୟୀ ଭଗିନୀରୂପେ ଚିତ୍ରିତ କରି ଜଗତ୍ ସମକ୍ଷରେ ସ୍ୱର୍ଣ୍ଣାକ୍ଷରରେ କାଳଗର୍ଭରେ ଲେଖିଯାଇଛନ୍ତି ।

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତା ।'

ନିତାନ୍ତ ପରିତାପର ବିଷୟ ଯେ, ନାରୀଶକ୍ତିକୁ ବାହାରକୁ ଯଥାର୍ଥ ଫୁଟାଇବାପାଇଁ ତଥାକଥିତ ଶିକ୍ଷାସଭ୍ୟତାଭିମାନୀ ଯୁବକଗଣ ଚେଷ୍ଟା ନ କରି ପ୍ରାଚ୍ୟପାଶ୍ଚାତ୍ୟ ଭାବର ବିକଟ ସଂଘର୍ଷରେ ନିଜକୁ, ଜାତିକୁ, ଦେଶକୁ ନିଷ୍ପେଷିତ କରି ଏକ ଅଦ୍ଭୁତ ଜୀବ ହୋଇ ତିଆରି ହେଉଛନ୍ତି । ନବ ଜୀବନର ଆଶାର ଆଲୋକ ଯେଉଁ-ମାନଙ୍କ ହୃଦୟପୁରେ ଅଛି, ସେମାନେ ସମାଜର ବର୍ତ୍ତମାନ କୁହେଳିକାର ପ୍ରଳୟ ଅନ୍ଧକାର ଭେଦ କରିବାକୁ ଯିବା ସର୍ବାଦୌ ଉଚିତ । ତା ନ ହେଲେ ସେମାନେ ଦେଶଦ୍ରୋହୀ, ଜାତିଦ୍ରୋହୀ ଏବଂ ଆତ୍ମଦ୍ରୋହୀ !"

ଶୀତ ଦିନେ ପିଲାମାନେ ନିଆଁ ପୋଇଁଲାବେଳେ କିଛି ସମୟ ନିଆଁକୁ ଚାହିଁ ଆଖି ଖୁବ୍ ଜୋର୍‌ରେ ବୁଜି, ସେ ଅନ୍ଧାର ରାଜ୍ୟରେ ଚକାକାଉଁରେ ନାନା ରଙ୍ଗ ବେରଙ୍ଗର ଛବି ଦେଖି ଯେପରି ଆନନ୍ଦରେ ମାତି ଉଠନ୍ତି, ଏ ତର୍କ ଶୁଣି ମୋର ବିହ୍ୱଳ ପ୍ରାଣରୁ ସେହିପରି ପଲ୍ଲୀବାସିନୀ କନକର ନିରାଭରଣ ମୋହିନୀ ମୂର୍ତ୍ତି ଶତସହସ୍ର ବିଚିତ୍ର ବର୍ଣ୍ଣରେ ପ୍ରେମୋଜ୍ଜ୍ୱଳ ରୂପରେ ଦେଖାଗଲା । ସେଠି କିଛି ସମୟ ଜାଣି ପାରିଲି ନାହିଁ—ମୁଁ କଲେଜରେ ଅଛି, ନା ସତ୍ୟବାଦୀରୁ ଫେରି ଗାଁରେ ଅଛି କମ୍ପା କନକକୁ ଦେଖିବା ପାଇଁ ପାନଦୋକାନ ପାଖରେ ଉତ୍କଣ୍ଠିତ ପ୍ରାଣରେ ପା'ଚାରି କରୁଛି ।

ପର ମୁହୂର୍ତ୍ତରେ ମୋର କଲେଜ ପ୍ରକୃତି ମୋତେ ଧକ୍କାମାରି ଚେତାଇ କହିଲା—"ତୋର ଆସନ କନକ ଆସନଠାରୁ ଢେର୍

ଉଚ୍ଚରେ । ସେଠାରେ ତୋର ପ୍ରେମ ଦେବା ଅପାଙ୍ଗରେ ଅମୃତ ଦାନ କରିବା ପରି ହେବ ।”

ସଙ୍ଗେ ସଙ୍ଗେ ମୋ ଆଖି ଆଗରେ ଆଉ ଏକ ମୋହିନୀ ମୂର୍ତ୍ତିର ଆବିର୍ଭାବ ହେଲା । ସେ କଳ୍ପନାମୟୀ ମୂର୍ତ୍ତିର ହାତରେ ବହି, ହାରମୋନିୟମ୍; ଗୋଡ଼ରେ ଯୋତା, ଆଖିରେ ସୁବର୍ଣ୍ଣ ଚଷମା, ଅଧର କୋଣରେ ହାସ୍ୟ ଏବଂ କଟାକ୍ଷରେ ଛୁରୀ । ସେ କନକ ପରି କୁନ୍ତଳମା ନୁହେ—କୁଞ୍ଚିତକୁନ୍ତଳା । ସେ ‘ଦସ୍ମିତ-ବିଲୋକିତ-ଲଜ୍ଜିତ-ହସିତା’ ନୁହେ—ମୁଖର-ହସିତା ।

ସେ ‘କଜ୍ଜ୍ୱଳ-ମଳିନ-ବିଲୋଚନ-ଚୁମ୍ବନ-ବିରଚିତମାଳିମ-ରୂପିଣୀ, ନୁହେ—

‘କୁଚ-କଳଶୋପରି ତରଳିତ-ହାର
ଚଞ୍ଚଳ-କୁଣ୍ଡଳ-ଲଳିତ-କପୋଳା ।

ହଠାତ୍ ମୁଁ କନକ ନାମରେ ନାକ ଟେକି ତାହା ଆଡ଼କୁ ହାତ ବଢ଼ାଇବାକୁ ଚେଷ୍ଟାକଲି । ହାତ କିଶୋରି ବାବୁଙ୍କ ପିଠିରେ ବାଜିଲା । ଚମକି ଚାହିଁଲି—ମୋର ସେ ସ୍ୱପ୍ନ । ମୋର ହାତ ବାଜିବାରୁ ‘ହଉ, ଉଠ ଯିବା’ କହି ସେ ଉଠିପଡ଼ିଲେ । ତା ନ ହୋଇଥିଲେ ଆଉ କେତେ କେତେ ବକ୍ତୃତା କରିଥାନ୍ତେ ।

ସମୁଦ୍ର ମନ୍ଥନ ପରି ମୋର ଅକୂଳ ଅନନ୍ତ ହୃଦୟ-ସାଗର ସେ ତର୍କ ବିତର୍କରେ ମନ୍ଥି ହୋଇଗଲା । ସେଥିରୁ ଅମୃତ ବାହାରିବ କି ବିଷ ବାହାରିବ ଜାଣି ନପାରି ଏକ ପ୍ରକାର ଠିକ୍ କରିନେଲି ଯେ, ଅଶିକ୍ଷିତାଙ୍କୁ ଧରି ସେମାନଙ୍କ ଦ୍ୱାରା ଅଶିକ୍ଷିତାଙ୍କୁ ମନୁଷ୍ୟ କରିବା ସବୁଠାରୁ ସୁବିଧା ।

ଫେରି, କନକ ବିଷୟରେ ମୋର ଶେଷ ଚିଠି ଲେଖିବା ପାଇଁ କାଗଜ କଲମ ଧରି ବସିଗଲି । ସାଙ୍ଗେ ସାଙ୍ଗେ ମୋ ମନ

ଆଗରେ କନକର ଲୀଳା-ଲହରିତ ଲଳିତ ରୂପଟି କେଜାଣି କାହିଁକି ଦେଖାଗଲା । ଜଣା ପଡ଼ିଲା, ସେ ଯେପରି ତାର ଶଙ୍କା-ପରିପ୍ଳୁତ, ଛଳନାଶୀଳ କର ଦୁଇଟି ମୋ ଆଡ଼କୁ ବିସ୍ତାର କରି ସେହି ପୁରାତନ ଚିଠି ମେଲାଇ ଦେଖାଇଦେଉଛି, "ମୁଁ ତୁମକୁ ଭୁଲି ପାରିବି ନାହିଁ, ଭୁଲି ପାରିବି ନାହିଁ !" ମୋର କଲମମୂନ ଗତିହୀନ ହୋଇ ପଡ଼ିଲା । କନକ ମୋତେ ଆଲିଙ୍ଗନ କଲା । ତାର ଲୋତକାପ୍ଳୁତ ବଦନ ମୋର ବକ୍ଷଦେଶରେ ବାଜି ସିକ୍ତ କଲା । ପର ମୁହୂର୍ତ୍ତରେ ଦେଖିଲି, ଏ ସବୁ ମିଥ୍ୟା; ଏ ସବୁ ଛଳନା । ପୁଣି ଦମ୍ଭ ଧରି ଲେଖି ବସିଲି । ପୁଣି କନକର ରୂପଟି ସିନେମାର ଛବି ପରି କ୍ଷଣେ କ୍ଷଣେ ନବ ନବ ବେଶରେ ମୋ ଆଖି ଆଗରେ ନାଚିଲା । ଖୁବ୍ ସାହସରେ ମୋର କଳ୍ପଲୋକର ନଭେଲପଢ଼ା ପ୍ରଣୟିନୀର ଚୂଆ-ହରିଦ୍ରା-ବିବର୍ଜିତ, ଲାଭେଣ୍ଡର-ଚନ୍ଦନ-ଚର୍ଚ୍ଚିତ କଳେବରକୁ କଳ୍ପନା ନେତ୍ରରେ ଆଗରେ ଥୋଇ ଚିଠି ଲେଖାରେ ଯେତିକି ଅଗ୍ରସର ହେବାକୁ ଲାଗିଲି, କନକର ଛବି ତାର ପାଦ-କଙ୍କିଣୀର କିଣି କିଣି ଧ୍ୱନି, ତାମ୍ବୁଲ-ରଞ୍ଜିତ ଓଷ୍ଠାଧରର ମଧୁର ହାସ୍ୟ କ୍ରମେ କ୍ରମେ ବି ଧୂସରେ ଆସି ମୋର ଭାବନା ରାଜ୍ୟ ଅଧିକାର କରି ବସିଲା ! ରାତି ଦଶ ବାଜିଲା, ସାଢ଼େ ଦଶ ବାଜିଲା, ଏଗାର ବାଜିଲା, ମୋର ମୋହ ଭାଙ୍ଗିଲା ନାହିଁ । ରାତିର ଝିଲ୍ଲିରବ ମୋତେ ଦୂରାଗତ ପଲ୍ଲି-ବାଳାର ଅଭିସାର ସଙ୍ଗୀତ ପରି ଜଣାପଡ଼ିଲା । ପର ମୁହୂର୍ତ୍ତରେ ମୋର ମନୋଗତ ଭାବରେ ମୁଁ ବିଚଳିତ ହୋଇ ପଡ଼ିଲି । ବଡ଼ ସନ୍ତର୍ପଣରେ ତର ତର ହୋଇ ଖଣ୍ଡେ ଚିଠି ଭାଇଙ୍କ ପାଖକୁ ଲେଖି-ଦେଲି—"ମୋର ସେ ପ୍ରସଙ୍ଗରେ ଆଦୌ ସମ୍ମତି ନାହିଁ । ତୁମ କଥା ରକ୍ଷା କରିପାରୁ ନାହିଁ । ଏହି ସମ୍ପର୍କରେ ମୋ ପାଖକୁ ଆଉ କିଛି ଲେଖିବ ନାହିଁ— ଇତ୍ୟାଦି—

ସେ ରାତିରେ ମୋତେ ନିଦ ହେଲା ନାହିଁ । ସଂସାରର କି ମୋହନ-ମାଦକତା-ପୂର୍ଣ୍ଣ ଜ୍ୱଳନ୍ତ ଉନ୍ମାଦନାରେ ମୋତେ ଘାଣ୍ଟି ହେବାକୁ ପଡ଼ିଲା । ଏହା ଜୀବନର ସତ୍ୟପ୍ରତି ଆବାହନ କି ଯୁଦ୍ଧ ଘୋଷଣା କରୁଛି ସ୍ଥିର କରି ପାରିଲି ନାହିଁ । ଜୀବନଟାକୁ ମୂଳରୁ ସେ ପର୍ଯ୍ୟନ୍ତ ବରାବର ପଢ଼ିବାରେ ଲାଗିଲି । ଦେଖିଲି, ସବୁ ନିର୍ଭୁଲ, ହିସାବପତ୍ର ଠିକ୍ ରହିଛି ।

କେତେ ଥର ଶେଯରୁ ଉଠି ବସିଲି । କେତେ ଥର ପିଣ୍ଡାରେ ବୁଲିଲି । ଦାମ୍ପତ୍ୟ ଜୀବନର ନିଗୂଢ଼ ତତ୍ତ୍ୱ ଆଲୋଚନାରେ ମନ ଦେଲି । ତେବେକେ ହେଲେ ମନ ଶାନ୍ତ ହେଲା ନାହିଁ । ଝରକା-ବାଟେ ବାହାରକୁ ଚାହିଁଲି । ସେ ନିବିଡ଼ ଅନ୍ଧକାର ମଧ୍ୟରେ କ୍ଷୀଣ-ଛାୟା ଗଛଗୁଡ଼ାକ ସଗର୍ବରେ ମୁଣ୍ଡ ଟେକି ଠିଆହୋଇ ମୋତେ ଅବା ଇଙ୍ଗିତ ଦେଉଥିଲେ—'ତୁ ସତ୍ୟଭଙ୍ଗ କଲୁ, ଆମରିପରି ଅଟଳ ରହି ପାରିଲୁ ନାହିଁ—ଏତେ ଦୁର୍ବଳ ତୋର ଚିତ୍ତ !"

ମୋ ଭାବନାରେ ମୁଁ ଚମକି ପଡ଼ିଲି । କ୍ଷଣକାଳ ହୃଦୟ ଭିତରେ ରକ୍ତ ଯେପରି ଥଣ୍ଡା ହୋଇ ଆସିଲା । ପିଞ୍ଜରାର ଲୁହାବାଡ଼ ପରି ଠିଆ ହୋଇ ନିର୍ବାକ୍ ଭାବରେ କେବଳ ଚାହିଁ ରହିଲି ।

ଭଉଣି,

ଦିନକୁ ଦିନ ମୋ ଅବସ୍ଥା ବଡ଼ ଅସମ୍ଭାଳ ହେଲା । କେତେ କଣ ଭାବନା ବୁକୁ ଭିତରକୁ ଘାଣ୍ଟିଚକଟି ପକାଇଲା । ବେଳେ ବେଳେ ମୁଣ୍ଡକୁ ପୋତି ବସେ, ହସିବାକୁ ଚେଷ୍ଟାକରି କାନ୍ଦିପକାଏ । ଏ କାନ୍ଦ ବଡ଼ ବିଚିତ୍ର କାନ୍ଦ । ପିଲା ଦିନୁ କେତେ କାନ୍ଦିଛି; କିନ୍ତୁ ଏ କାନ୍ଦର କଥା କଣ କହିବି ! କାନ୍ଦିଲା ବେଳେ କିଏ ଆସି ପହଞ୍ଚିଗଲେ ଲାଜରେ ମାଟିସଙ୍ଗେ ମିଶି ଯିବାକୁ ଇଚ୍ଛା ହୁଏ; ପୃଥିବୀଟା ମୋ ଗୋଡ଼ତଳେ ଘିରି ଘିରି ହୋଇ ବୁଲେ । ବିଚାରେ, ମଣିଷ ଜୀବନଟା ଯେବେ ବୁଲା ପକ୍ଷୀଙ୍କ ଜୀବନ ପରି ହୋଇଥାନ୍ତା, ତେବେ ଏତେ ଭାବନା କାହିଁକି ଆସନ୍ତା ? ପକ୍ଷୀ ହୋଇ ଏ ଗଛରୁ ସେ ଗଛ, ଏ ଦେଶରୁ ସେ ଦେଶ ବୁଲି ହେଉଥାନ୍ତା । କାନ୍ଦିବାକୁ ବେଳ ନଥାନ୍ତା ।

ଦିନେ ଏକ ସାହସ ବାନ୍ଧିଲି । ସେ ସାହସ କଥା ଏ ପର୍ଯ୍ୟନ୍ତ ମୋ ହୃଦୟ ଛଡ଼ା ଆଉ କେହି ଜାଣି ନ ଥିଲେ । ଆଜ ଏତେ ଦିନ ପରେ ସେ କଥା ତୋ ପାଖକୁ ଲେଖି ବସୁଛି । ବାର ଲୋକଙ୍କ ମୁହଁରୁ ବାର କଥା ଶୁଣି ଦିନେ ରାତିରେ କାଗଜ କଲମ ଧରି ବସିଲି......ସେ ରାତି ମୋର କିମିତି କଟିଛି କଣ ଲେଖିବି ? ଆଖିର ପଲକ ପଡ଼ିଲା ନାହିଁ,-କି ହାତରେ କିଛି ଲେଖି ହେଲା ନାହିଁ । କାନ୍ଦ କାନ୍ଦ ଲୁହରେ କାଗଜ ଖଣ୍ଡିକ ସହିତ ଲୁଗା ମଧ୍ୟ ଓଦା ହୋଇଗଲା ।

……ତୁନି ହୋଇ ବସିରହିଲି; ମନଭିତରେ ଯାହା ଲେଖିବାର ଲେଖିଲି । ଭାବିଲି, ହରିଚରଣ ଯେବେ ନାହିଁ କରି ଚିଠି ଲେଖିବାକୁ ବସୁରହନ୍ତି, ତେବେ ମୁଁ ଆଗରୁ ତାଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖି ଦେଇ ତାଙ୍କ ମୋହ ଭାଙ୍ଗିଦେବି— ନିଷ୍ଠୁର ପୁରୁଷ ଜାତିକୁ ମୋ ମନକଥା ଜଣାଇଦେବି । ସେତେବେଳର ମୋ ସାହସ ସକଳ ଧର୍ମ୍ମଶାସ୍ତ୍ର, ସକଳ ସମାଜଗତ ବନ୍ଧନ ଭାଙ୍ଗି ଦେବାକୁ ବସିଥିଲା…… କିନ୍ତୁ ଲେଖିବାକୁ ବସି ଲେଖି ପାରିଲି ନାହିଁ ।

ଭାବିଥିଲି, ଲେଖିଦେବି— ତୁମେ ଦୂରରେ ରହ, ମୁଁ ଦୂରରେ ରହୁଛି, ତୁମେ ବଞ୍ଚାହୁଅ, ମାତ୍ର ମୋତେ ନୁହେଁ; ତୁମେ ଚିଠି ଲେଖ, କିନ୍ତୁ ମୋ ବିଷୟରେ ନୁହେଁ, ତୁମେ ଭୁଲିବାକୁ ଚେଷ୍ଟା କର, ତୁମେ ହସ, ଖେଳ ବା କାନ୍ଦ; କିନ୍ତୁ ଏ ଅନାଥା କନକ ଯିମିତି ସେ ସବୁ କଥା କିଛି ନଜାଣେ; ଦୟାକରି ଏଇତିକି ବନ୍ଦୋବସ୍ତ କର 'ମୁଁ ନିଶ୍ଚିନ୍ତରେ ରହିବି, ସୁଖରେ ରହିବି, ଏ ସାହସ ବୁକୁରେ ବାନ୍ଧି ଏ ପତ୍ର ଲେଖୁଛି; କିନ୍ତୁ ତୁମେ ପ୍ରତିଜ୍ଞା ଭାଙ୍ଗି ଶାନ୍ତିରେ ରହିପାରିବ ଯେବେ ରହ । ଭୁଲରେ ହେଲେ ମୋ ନାଁ ଆଉ କାହାକୁ କହିବ ନାହିଁ, ସ୍ୱପ୍ନରେ ହେଲେ ମୋ ପାଖକୁ ଆଉ ଚିଠି ଦେବାକୁ ଭାବିବ ନାହିଁ । ମୁଁ କନକ ନୁହେ, ମୁଁ ଏଣିକି ବଧିରା ମାଟି । ଏ ମାଟି ଉପରେ ପାଦ ଦେଇ ଚାଲିଯାଅ, ଭୁଇଁ ବୋଲି ବିସ୍ମରି ଦଳିଦିଅ—ମୁଁ ଭିତରେ ବନ୍ଧା ହୋଇ ସାରିଛି, ଆଉ ବାହାର ବଞ୍ଚାକୁ ଇଚ୍ଛା କରେ ନାହିଁ……

ସବୁ କଥା କି ଲେଖିହୁଏ ନା କହିହୁଏ ? ରାତି ସେହିପରି ମୋର କଟିଗଲା; ଆଖିର କଜଳମିଶା ଲୁହଧାରରେ ମନମୁନରେ ବୁକୁଭିତରେ ସେ ଚିଠି କେବଳ ଲେଖି ରଖିଲି, କାହାକୁ ପଢ଼ିବାକୁ ଦେଲି ନାହିଁ ।

ଏଣିକି ମୋର ଏକ ରୋଗ ହେଲା । ଦିନରେ ସେ ରୋଗର ଲକ୍ଷଣ କିଛି ଜଣାଗଲା ନାହିଁ, ରାତିରେ ସେ ରୋଗ ବାଢ଼ିବାରୁ ଶେଯରେ ମୁଁ ଶୋଇ ପାରିଲି ନାହିଁ । ଆଗରୁ ଲେଖିଛି, ଥରେ ଆଷାଢ଼ ମାସ ରାତିରେ ବାଡ଼ିଦୁଆରେ ବସିଥିଲି, ଚାହୁଁ ଚାହୁଁ ଆଖି ପଲକ ପକାଇ କେତେ କଣ ସ୍ୱପ୍ନ ଦେଖିଗଲି । ଏବେ ସେହିପରି ଦଶା ମୋର ହେଲା । ସବୁ ଆଡ଼ର କଥା ଭାବ ଏ ପଲ୍ଲି ବାସିମାର ଘରକୋଣର ମନ ଅନନ୍ତ ଆକାଶରେ କୁଆଡ଼େ ଲୁଚିପିବାକୁ ଇଚ୍ଛା କଲା !

ଭଉଣି, ଥରେ ନୁହେ, କେତେ ରାତି, କେତେ ଥର କେତେ ସ୍ୱପ୍ନ ଦେଖିଛି, କେତେ ରାତି ଶଠି ଲେଖିବାକୁ ବସିଛି, କେତେଥର ବଉଳମାଳରେ ମଣ୍ଡିହୋଇ ରାମାୟଣର ଦଣ୍ଡକ ବଣରେ ବୁଲିଛି, ଗୋପପୁରର ଗୋପୀମେଳରେ କାନ୍ଦିଛି, ବୃନ୍ଦାବନରେ ଖୋଜିଛି··· ମୁଁ ସେ ଯୁଗର ରାଧା ହୋଇଛି, ଏ ଯୁଗର ଏ ଅନାଥିନୀ ମଧ୍ୟ ହୋଇଛି ।

ସ୍ୱପ୍ନ ଦେଖିବାମାତ୍ରେ ମୋ ନିଦ ଭାଙ୍ଗିଯାଏ । ଶେଯରେ ବସେ । ଦୁଆରମୁହଁରେ ବସି ବାହାରକୁ ଚାହେଁ । କେବେ ଆକାଶରେ ଚନ୍ଦ୍ର ଚାହିଁଥାଏ, କେବେ ବା ତାରାଗୁଡ଼ାକ ଛଳ ଛଳ ହୋଇ ଚାହିଁଥାନ୍ତି । ଏତିକିବେଳେ କୁଆଡ଼େ ଗୋଟେ ପକ୍ଷୀ ତା ବସା ଭିତରେ ଶବ୍ଦ କରି ଉଠିଲେ ମୁଁ ଚମକି ପଡ଼ି ମୋ ବସା ଭିତରକୁ ପଳିଯାଏ । ଖାଲି ବସାରେ ମୁଁ ଶୋଇପାରେ ନାହିଁ କି ବସିପାରେ ନାହିଁ; ପାଟିକରି କାହାକୁ ମଧ୍ୟ ଡାକିପାରେ ନାହିଁ ।

ମନେ ରଖିବୁ ଭଉଣି, ଗୋଟିଏ କଥା—ସବୁବେଳେ ସବୁ କଥା ରହୁ ନାହିଁ । ଫୁଲଟିଏ ଫୁଟିଲେ ପାନ୍ଗୁଡ଼ାଗୁଡ଼ିକ ଝଡ଼ି ପଡ଼ୁଛି, ଚନ୍ଦ୍ର ହସିଲା ବେଳେ ମଧ୍ୟ ମେଘ ଆସି ଘୋଡ଼େଇ ଦେଉଛି,

ଗୋଡ଼ର ଅଳତା କେତେ ଦିନେ ଫିକା ପଡ଼ି ଯାଉଛି···ଏହିପର ସବୁ କଥା । ହସୁଥିଲ, କାନ୍ଦିଲ । କାନ୍ଦିଲେ ଯେ ନ ହସିବ, ଏକଥା କିଏ କହିବ ?

**ପ୍ରିୟ ରମେଶ,**

ତୁମେ ହୁଏତ ମୋତେ ପାଗଳ ବୋଲି ଭାବି ସାରିବଣି । ମୋର ଚିଠିକୁ ପାଗଳର ପ୍ରଳାପ ବୋଲି ମନେ କରିବଣି । ସତକଥା, ଏ ସବୁ ପ୍ରେମ-ପାଗଳ ହତଚରଣର ପ୍ରଳାପ ଛଡ଼ା ଆଉ କଣ ହୋଇପାରେ ?

ମୁଁ ଭାବିଲି, ଏ ପୃଥିବୀଟା ଗୋଟେ ବଡ଼ ପାଗଳଖାନା । ସରକାରୀ ପାଗଳଖାନାରେ କାନ୍ଥ ଅଛି, ପହରାବାଲା ଅଛନ୍ତି; କିନ୍ତୁ ଏ ପୃଥିବୀ ପାଗଳଖାନାର ଚାରିଆଡ଼ ମେଲା । ଏ ବିଶାଳ ବିରାଟ ପାଗଳଖାନାରେ ଗୋଟିକୁ ଗୋଟିଏ ବଳି ପାଗଳ । ପାଗଳ ନୁହେ କିଏ ? କିଏ ଧନ ପାଇଁ, କିଏ ମାନ ପାଇଁ, କିଏ ଧର୍ମ ପାଇଁ, କିଏ ବା ପ୍ରେମ ପାଇଁ ପାଗଳ । କୃଷ୍ଣ ଥିଲେ ପାଗଳ, ଅର୍ଜୁନ ଥିଲେ ପାଗଳ, କିଏ ପ୍ରେମ ନେବାପାଇଁ ପାଗଳ ହେଲେ କିଏ ମଧ୍ୟ ପ୍ରେମ ଦେବାପାଇଁ ପାଗଳ ହେଉଛି । ନରନାରୀ ସମସ୍ତେ ପୃଥିବୀ-ପାଗଳଖାନାର ଗୋଟିଏ ଗୋଟିଏ ଜୀବ । ଏ କଲେଜ ହତାର ଶହ ଶହ ପାଗଳଙ୍କ ଭିତରେ ମୁଁ ମଧ୍ୟ ଏକ ପାଗଳ । କିଏ ଚାକିରିପାଇଁ ବ୍ୟାକୁଳ, କିଏ ଜ୍ଞାନପାଇଁ ଅଧୀର, କିଏ ଗୌରବ ପାଇଁ ବ୍ୟସ୍ତ— ଆଉ ମୁଁ··· ।

କିନ୍ତୁ ଏହିଠାରେ ମୋର ପଥ ଠିକ୍ ରହିଲା ନାହିଁ । ନଈ ହେଉ ବା ନାଳ ହେଉ, ହୃଦୟ ଭିତରେ ପ୍ରଣୟ-ପିପାସାର ଆବିଳ ଝରଣା ବହିଲେ ତାହା କି ଉପଭୋଗ୍ୟ ହୋଇପାରେ ? ମୋ ପ୍ରାଣରେ ବିରହ ନାମରେ ଯେ ଅନୁଭୂତି ଆସୁଥିଲା, ତାହା ପୁଣ୍ୟ ଅନୁରାଗରେ ତଳ ତଳ ହୋଇପାରୁ ନ ଥିଲା । ରୂପତୃଷ୍ଣାରେ ମୁଁ ମରୁଥିଲି । ଅନ୍ତଃଚକ୍ଷୁ ନ ଫିଟାଇ ବହିଶ୍ଚକ୍ଷୁରେ ପ୍ରଣୟିମାର ଛବି ଆଙ୍କୁଥିଲି । ମୁଁ ଧରଣୀବକ୍ଷର ଉନ୍ମୁକ୍ତ ପ୍ରାଙ୍ଗଣରେ ଅନନ୍ତ ଆକାଶର ଉଦାର ଆଲୋକ ଧରି ନାଚିକୁ ଚାହିଁବାକୁ ନପାଇ ଭୁଲିକରି ବସିଲି । ପ୍ରେମର ବିକାଶରେ ହୃଦୟର ପରିପୂର୍ଣ୍ଣତା —ଏ ଏ ତତ୍ତ୍ୱ କବି ଗାଇଛନ୍ତି । ତେଣୁ ପ୍ରେମର ପଥ ଜଗତରେ ସବୁଠାରୁ ମଧୁମୟ ଯେପରି, କଠୋର ମଧ୍ୟ ସେହିପରି । ପ୍ରେମପାଗଳକୁ ଏ କଥା ମାଲୁମ ଥିବା ଉଚିତ ଥିଲା ।

ଏ ସବୁ ଅତୀତ ଦିବସର କଥା । ରମେଶ, ସେ ରାତିରେ ମୁଁ ଶୁହିଁ ଶୁହିଁ ଶେଯରେ ପଡ଼ି ରହିଲି । ନିଦ ନାହିଁ, ଅଥଚ ଆଖିପତା ଦୁଇଟା ମଞ୍ଜେଇ ହୋଇପଡ଼ିଲା । କେତେକାଳ ସେପରି ରହିଲି ଜାଣେ ନାହିଁ । ପରେ ଆଖି ଫିଟାଇ ଦେଖେ ତ, କଲେଜ-ପାଗଳଖାନାରେ ଚହଳ ପଡ଼ିଛି । ସମସ୍ତେ ଯେଝା କାର୍ଯ୍ୟରେ ବ୍ୟସ୍ତ । କିଏ ବହି ପଢ଼ୁଛି, କିଏ ଉପାସନା କରୁଛି, କିଏ ବା ଚାରି ପାଞ୍ଚ ଜଣ ସାଙ୍ଗ ଧରି ରାତିସ୍ୱପ୍ନର ଆଲୋଚନା ଚଳାଇଛି ।

କିଏ ସାରା ଅହୋରାତ୍ରରୁ ରାତିରେ କେବଳ ଚାରି ପାଞ୍ଚ ଘଣ୍ଟା ସ୍ୱପ୍ନ ଦେଖିଲା; ମାତ୍ର ମୁଁ ଦିନରାତି ଘଣ୍ଟା ଘଣ୍ଟା କାଳ ସାରା ଜୀବନଟା ସ୍ୱପ୍ନ ଦେଖିବାରେ ଲାଗିଛି । କିଏ କେତେପ୍ରକାର ନୂଆ ନୂଆ ସ୍ୱପ୍ନ ଦେଖୁଛନ୍ତି; ମାତ୍ର ମୁଁ ଦେଖୁଛି କେବଳ ଗୋଟିଏ ସ୍ୱପ୍ନ !

ରାତିରେ ଯେ ଚିଠିଟା ଲେଖିଥିଲି, ତାକୁ ପୁଣି ଆଉଥରେ ପଢ଼ିବାକୁ ଇଚ୍ଛା ବଳିଲା । ଡାକରେ ଦେବା ପୂର୍ବରୁ, ଭୁଲ କରିଛି କି ଠିକ୍ କରିଛି, କେତେ ଥର ଭାବିଲି । ନିଜକୁ ନିଜେ ପଚାରି, ବୁଝି, ନିଜ ହାତରେ ଚିଠିଟା ନେଇ ଡାକରେ ପକାଇ ଆସିଲି ।

ଭାବିଲି, ଏଣିକି ଏକ ପ୍ରକାର ନିଶ୍ଚିନ୍ତ । ଆଉ ତ ଚିଠି ଫେରି ଆସିବ ନାହିଁ, କି ମଫସଲ କନକର ସ୍ପୃହା ଏ କଲେଜଗତ-ହୃଦୟ ହରଚରଣର ହାର ମାନିବ ନାହିଁ —ଆଉ ଭାବନା କାହିଁକି ? ଯାହା ହୋଇଛି, ଭୁଲ ହେଉ ବା ଠିକ୍ ହେଉ, ଠିକ୍ ହୋଇଛି ବୋଲି ଧରିନେଲି ଏବଂ ଏ ନିଷ୍ପତ୍ତି ସଙ୍ଗେ ସଙ୍ଗେ କନକକୁ ଏକାବେଳକେ ମୋ ମନ-ପଟରୁ ପୋଛି ପକାଇବାକୁ ଚେଷ୍ଟାକଲି ।

ରମେଶ, ଏଇଠାରେ ଆସି ବିଷମ ସମସ୍ୟା ପଡ଼ୁଥିଲି । ଯାନଖିଲ କଣିଲା ବେଳେ କେବେ କେବେ ପୂର୍ବ ଯାନଖିଲ୍ କଥା ମନେ ପଡ଼ିଲା, କାହା ପାଖକୁ ଚିଠି ଲେଖିଲେ ବସନ୍ତ ପୂର୍ବର ପ୍ରେମ ଚିଠିଟା ଦର୍ପଣ ପରି ଆଗରେ ଆସି ଥୁଆ ହୋଇଗଲା···ଓହୋ, ଦ୍ୱାପର ଯୁଗର କୃଷ୍ଣ ଯେ ଯମୁନାର ପାଣି ଦେଖି, ତମାଳର ପତ୍ର ଦେଖି ଏବଂ ବ୍ରଜର ଧୂଳି ଦେଖି ଏହିପରି ପାଗଳ ହୋଇ ପଡ଼ୁଥିଲେ । ତାଙ୍କର ସୁବିଧା ଥିଲା—ରାଧାଙ୍କୁ ପାଇବେ ବୋଲି ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଥିଲା; କିନ୍ତୁ ମୋ ଜୀବନର ପଚିଶି ବର୍ଷ ଗଡ଼ିଗଲା; ମୋର ଯେ ହୃଦୟ-ରାଧା କିଏ, ଏ ପର୍ଯ୍ୟନ୍ତ କିଛି ଜଣାଗଲା ନାହିଁ— ଏହି ହେଲା ମୋର ବିଷମ ବିପଦ !!

ଭଉଣି,

ହିନକର କଥା ପଥରରେ ଗାର ପଡ଼ିଲାପରି ମୋ ହୃଦୟରେ ରହିଛି । ଚିଠି ଆସିଲା, ହରିଚରଣ ମୋତେ ବିଭା ହେବେ ନାହିଁ । ଗତ କେତେ ହିନର ବାପା ଭାଇଙ୍କ ମନର ଅବସ୍ଥା ଦେଖି ମୁଁ ଏହିପରି କିଛି ଆଶଙ୍କା କରୁଥିଲି । ଏ ସବୁ କଥାରେ ମୋର ଯେତେବେଳେ ଆଶଙ୍କା ଥିଲା, ସେତେବେଳେ ଭାବୁଥିଲି, କଥା ଯେବେ ସତ ହେବ, ତେବେ ଆଉ ଏ ଜୀବନ ଧରି କି ଲାଭ ? ହୃଦୟ ଯେବେ ଦେବତାଙ୍କ ଆସନ ପାଇଁ ଉପଯୁକ୍ତ ନହେଲା, ତେବେ ହୃଦୟଟାକୁ ଖଣ୍ଡ ଖଣ୍ଡ କରି ନଷ୍ଟ କରିଦେବାରେ କିଛି କ୍ଷତି ନାହିଁ । କିନ୍ତୁ ଭଉଣି, ପାରିଲି ନାହିଁ । ସତକୁ ସତ ଯେଉଁ ହିନ ଏ ସଂବାଦ ଶୁଣିଲି, ମନଟା ପଥରପରି ଟାଣ ହୋଇଗଲା । ଆଉ, ସେ ପଥର ଉପରେ ହରିଚରଣଙ୍କ ଚିଠି ଖଣ୍ଡିକର କେତୋଟି ପଦ ଲେଖି ହୋଇଗଲା—

"ଯେତେ ଦୂରେ ପର ପଡ଼ିଥିଲେ ରେ ନଗାନା
ଚହ୍ନି କି ନୁହଇ ଆନେ କୃଷ୍ଣ ନାମ ବିନା !"

ଗଛରୁ ଝଡ଼ ପଡ଼ି ଉଡ଼ିଯାଇଥିବା ପତ୍ରପରି ମୁଁ ହେଲି । ଖଣ୍ଡିଆଭୂତ ମୋତେ ଉଡ଼େଇନେଲା । ସେଠୁ ହିନାକେତେ ମୁଁ କେଉଁ ଗଛର ପତ୍ର, ଜାଣି ପାରିଲି ନାହିଁ ।

ଏ ସମ୍ବାଦ ଶୁଣିଲାବେଳକୁ ବସି ଖୋଷା ବାନ୍ଧୁଥିଲି । ଆଗରେ ଦର୍ପଣ ଥୁଆ ହୋଇଥିଲା । ସଜ ବଉଳଫୁଲ ମାଳା, ଦକ୍ଷିଣୀ ସିନ୍ଦୂର-ଫରୁଆ ଥାଳିଟିକରେ ଥୋଇଥିଲି । ମୋର ସଫା ମନେ ଅଛି, ସମ୍ବାଦଟା ମୋତେ ବଜ୍ର ପଡ଼ିଲା ପରି ଲାଗିଲା—କିନ୍ତୁ ସେ ବଜ୍ରରେ ମୁଁ ସଂସାର ଛାଡ଼ିପାରିଲି ନାହିଁ ଲୋ ଭଉଣି ! ଆଖିରୁ ଟୋପେ ଲୁହବୋହିଲା ନାହିଁ । କେବଳ ହାତଯୋଡ଼ାକ ଖୋଷାରୁ ଖସି ଆସିଲା—ଖୋଷାବନ୍ଧା ସେତିକି ହେଲା; ଫୁଲ ସେହିଠାରେ ଶୁଖିଲା; ସିନ୍ଦୂର ସେହିଠାରେ ଫିକା ପଡ଼ିଲା ଜନକ ସେହିଦିନ-ଠାରୁ ଜୀଇକରି ମଲାପରି ରହିଲି ।

ଯେତେବେଳେ ଅଗ୍ନିଅଗ୍ନି ବନସ୍ତଭିତରେ କାନରୁ ଖଣ୍ଡିଏ କାଟିନେଇ ନଳ ମହାରାଜା ଦମୟନ୍ତୀଙ୍କୁ ଛାଡ଼ି କୁଆଡ଼େ ଚାଲିଗଲେ ସେ କଥା ମୋର ମନେ ପଡ଼ିଲା । ପୁଣି ଯେତେବେଳେ ଦମୟନ୍ତୀ-ଙ୍କର ସ୍ୱୟଂବର ହେଲା, ସେ କଥା ମଧ୍ୟ ଆଖି ଆଗରେ ନାଚିଲା । ଭାବିଲି—ସଂସାରର ଦୁଃଖମୟ ବଣଭିତରେ ମୋ କାନରୁ ଖଣ୍ଡେ ନୁହେ, ମୋ ଜୀବନରୁ ଖଣ୍ଡେ ନେଇ କିଏ କୁଆଡ଼େ ଚାଲିଯାଇଛି ! ସତେ କି ମୋର ଆଉ ସ୍ୱୟଂବର ହେବ ! ଏ ଖଣ୍ଡିଆ ଜୀବନ ପୂର୍ଣ୍ଣ ହେବ ! ଏ ଭଙ୍ଗାଜୀବନ ଚଢ଼ା ହେବ !

କିଛି ଗୋଟେ ଜିନିଷ ପାଇବା ଆଶା କରିଥିଲେ ମନ ଅଧୀର ହୁଏ । ସେପରି ଆଶା ନ ରହିଲେ ମନ ଅଧୀର ହେବାର କିଛି କାରଣ ରହେ ନାହିଁ । ମୋ ମନ ସେଠି କେବେ ହେଲେ ଆଦୌ ଅଧୀର ହେଲା ନାହିଁ । ବସ୍ତୁରାଣୀ, ଏ ଜନ୍ମରେ ତାଙ୍କର ମୋର ନବନ୍ଧ ହେଲା; ଆର ଜନ୍ମରେ—ତାଙ୍କର ବି.ଏ. ସରିଲେ ମୋତେ ଦେଖାହେବେ । ସମୟର ଦୂରତା ସେତିକି ବଢ଼ାଇ ଦେଲା ମନଟା ସେତିକି ବାଞ୍ଛାଶୂନ୍ୟ ହୋଇ ପଡ଼ିଲା ।

ଏ ସବୁ କିଛି ଦିନ ହେଲା ସତ; ମାତ୍ର ମନ ରହିଲା ତାଙ୍କ ପାଦତଳେ । ଦିନରେ ଗୃହ ପାଞ୍ଚ ଥର ସେ ଈଠାକୁ ଖୋଜି ପଡ଼େ; କେତେଥର ଚୁମ୍ବ ଦିଏ, ଭାବି ଭାବି ମୁଣ୍ଡତଳେ ମାଣ୍ଡିପାଖେ ରଖି ଶୋଇପଡ଼େ । ଭାଉଜ ମୋର ସବୁ କଥା ଜାଣି ପାରନ୍ତି କେତେ ଥର କେତେ କଥା ଆସି ବୁଝାନ୍ତି ।

ଭଉଣି ମନ ଭିତରେ ଯାହା ପାଇଁ ଏତେ ଜାଗର ଜାଳୁଥିଲି, ଯାହା ଛବିଟି ଗଣ୍ଠିଧନ କରି ରଖିଥିଲି, ତାକୁ କି ସହଜରେ ଭୁଲି ହେବ ? ସେ ତ ଭୁଲିବାର ଜିନିସ ନୁହେଁ ।

ଏହାପରେ ଦିନେ ମନ ହେଲା, ପୁରୁଷ ବେଶ ପିନ୍ଧି ବାଣ୍ଡକୁ ବାହାରି ପଡ଼ିବି । ଜୀବନର ଯାହା ସବୁ ଭ୍ରାନ୍ତି ଘଟି ଆସିଛି, ତାକୁ ପଛକୁ ପକାଇ କେଉଁ ନ ଜାଣିବା, ନ ଶୁଣିବା ଦେଶରେ ଯାଇ ଗୋଠଛଡ଼ା, ଜାତିଛଡ଼ା ଚଢ଼େଇଟି ପରି ବସା ବାନ୍ଧି ରହିବି— କିନ୍ତୁ ଏ ଷୋଡ଼ଶୀ ହୃଦୟରେ ସେପରି ବଳ କିଛି ପାଇଲି ନାହିଁ । ଦୁଃଖ ହେଲେ ମଣିଷ କି ଏହା ଭାବିପାରେ ନାହିଁ ?

ଦିନେ ମୋ ମନକୁ ଖୁସି କରାଇବାକୁ ଯାଇ ଭାଉଜ ହସି ହସି କହିଲେ—"ରାଇଜରେ ତ କେତେ କେତେ ନିର୍ବନ୍ଧ ଭାଙ୍ଗୁଛି, ଆମ ନିର୍ବନ୍ଧ ଭାଙ୍ଗଗଲେ ବଡ଼ କଥା କଣ ହେଲା ଯେ ଏମିତି ହେଉଛ । ଆଉ କଣ— "

ଏତିକି ମାତ୍ର କହି ସେ ଚୁପ ହୋଇ ରହିଗଲେ । ତାଙ୍କ କଥାଟା ମୁଁ ବୁଝିପାରି କହିଲି, "ଏକାଠି ରହି ଘରଦ୍ୱାର କଲେ କଣ ବିଭା ହୁଏ କି ଲୋ ଭାଉଜ ? ବିଭା ହୁଏ ମନରେ । ମନରେ ନ ହେଲେ ଆଉ କେଉଁଥିରେ ତା' ହୁଏ ନାହିଁ । ପୁରାଣ କଣ ଶୁଣି ନାହୁଁ ? ଚୈତନ୍ୟ ମହାପ୍ରଭୁ ପରା ନିଜକୁ ରାଧା ବୋଲି ଭାବି ଶ୍ରୀକୃଷ୍ଣଙ୍କୁ ମନେ ମନେ ବିଭା ହୋଇଥାନ୍ତି; ତାଙ୍କ ଭାବରେ ଭାସି

ଜଗତକୁ ହସାଉଥାନ୍ତି, ନଚ୍ଚଉଥାନ୍ତି । ଜଣେ ଜଣକୁ ଛାଡ଼ିଲେ ମଧ୍ୟ ସେ ଜଣକ ତାକୁ ଭଲ ପାଇବାରେ କଣ ଆପତ୍ତି ଅଛି ? ବେଦୀରେ ବସି ହାତ ଧଇଲେ କଣ ବାହା, ମନରେ ବସାଇ ପୂଜା କଲେ କଣ ବାହା ନୁହେ ? ଶକୁନ୍ତଳା କଣ ବେଦୀରେ ବସି ବାହା ହୋଇଥିଲେ ?” ଭଜନ କଥାକୁ ଫେରାଇ ନେଲାପରି ଆଉକଥା ପକାଇ ଦେଲେ ।

ନିର୍ଜନ ଖରା ସମୟ । ବାଡ଼ିପଟ ପାଳଧୂଆ ଗଛ ଗହଳରେ ବସି କଟପୋଷ୍ଟି ଗାଇଲା, ଉଁହୁଁ ହୁଁ—ହୁଁ ଉଁ—ହୁଉଁ । ମୋତେ ଶୁଭିଲା—ଭୁଲ ନାହିଁ—ଭୁଲ ନାହିଁ ।

ପ୍ରିୟ ରମେଶ,

ନବନ୍ଧ ପ୍ରଥା ଆମ ସମାଜକୁ ଏପରି ବାନ୍ଧିଛି ଯେ ତାର ବ୍ୟତିକ୍ରମରେ ସମାଜର ବାହାରେ ଭିତରେ ତୁମୁଳ ଝଡ଼ ସୃଷ୍ଟି ହୁଏ । ମୁଁ ବିବାହ ପ୍ରସଙ୍ଗ ଭାଙ୍ଗିବା ପାଇଁ ଯେଉଁ ଚିଠି ଲେଖିଥିଲି, ତାର ପରିଣାମରେ ଏପରି କିଛି ଝଡ଼ର ଆଶଙ୍କା କରିଥିଲି । ଦେଖିଲି ଆଶଙ୍କା ଠିକ୍ ଉପସ୍ଥିତ ହେଲା । ମୁଁ ଥିଲି ଘଟଣା ସ୍ଥଳର ଶହ ଶହ କୋଶ ଦୂରରେ । ମୋ ଅନୁପସ୍ଥିତିରେ ଘରେ ଏବଂ— ଠାରେ ଯେତେ ଯେତେ କଥା ହେଲା ମୁଁ ତାହା ଜାଣିବାର କିଛି ଉପାୟ ନ ଥିଲା । ବେଳେ ବେଳେ ଅବକାଶ ସମୟରେ ଘରକୁ ଯାଇ ଏସବୁ କଥାର ଆଲୋଚନା ପାଇଁ ମୁଖଲଜ୍ଜା ଭୋଗିବାକୁ ପଡ଼େ । ତେଣୁ ମୁଁ କଲେଜ ବୋର୍ଡ଼ିଂରେ ଦୃଢ଼ରୂପେ ଅଣ୍ଟାଭିଡ଼ି ବସିଲି । ଭାବିଲି, ସମାଜର ଯେତେ ଝଡ଼ ତୋଫାନ ଆସୁ ପଛକେ, ଶାସ୍ତ୍ରର ଆଇନବନ୍ଧନ ଉତ୍ଫଣ ନାଗ ପରି ମୋତେ ଦଂଶନ କରିବାକୁ ଉଦ୍ୟତ ହେଉ ପଛକେ, ତିଳେ ହେଲେ ସେ ସବୁକୁ ଖାତିର କରିବି ନାହିଁ । ମୁଁ ମୋର Psychology ବା ମନସ୍ତତ୍ତ୍ୱ ବ୍ୟାଖ୍ୟାନରେ ନାଗପାଶ ବନ୍ଧନକୁ ଖଣ୍ଡ ଖଣ୍ଡ କରି ପକାଇବି । ଦରକାର ପଡ଼ିଲେ ଆଜିକାଲିର ପାଶ୍ଚାତ୍ୟ ଆମଦାନୀ Love ର ମଜ୍ଜାଗତ ରୂପ ସଙ୍ଗେ ଉଷ୍ଣୀଯୁଗର ବାସରଗୃହର

ପୁରୁଣା କାଳିଆ "ମନଭୋନାଭୋନ"କୁ ତୁଳନା କରି, ଏକ ଚମତ୍କାର ରଚନା ଲେଖି ଓଡ଼ିଶାବାସୀଙ୍କୁ ଚମକାଇ ଦେବି । ଏ କଥାଟା କେବଳ ଭାବିଲି ନାହିଁ; ସାହିତ୍ୟରେ ଏପରି ଅଭିନବ ରଚନାର ସ୍ଥାନ ଅଛି କି ନାହିଁ ବୋଲି ଜଣେ ସମ୍ପାଦକଙ୍କ ପାଖକୁ ଦଉଡ଼ିଗଲି । ତୁମେ ବୋଧହୁଏ ଜାଣ, ରମେଶ, ଆମ ଦେଶର ଅନେକ ଲୋକ ଦିନେ ଭଞ୍ଜ କବିତାର "ଭୋନାଭୋନ" ଭାବକୁ ଶନିଦୃଷ୍ଟିରେ ଦେଖୁଥିଲେ । ଏବେ ସେ ଯୁଗ ଯାଇଛି । ଏବେ "ଯୌବନେ ବୈରାଗୀ ପୁଣି ବାର୍ଦ୍ଧକ୍ୟେ ରସିକ" ହେଲା ପରି, ସେହିମାନେ ପଲ୍ଲିର ବଟ ବକୁଳ ତଳେ ପଲ୍ଲିବାଳାର ଅଭିସାରକୁ କବିତା ଆକାରରେ ଆଦରରେ ଅଭିବାଦନ କରୁଛନ୍ତି । ଏହିପରି ଏବେ ପାଶ୍ଚାତ୍ୟ Love ର କପଟ ଭାବ ଓଡ଼ିଆର "ଭୋନାଭୋନ" କୁ ଛଡ଼ାଇଛି କରିବାକୁ ଲାଗିଛନ୍ତି ! ମୋ ପରି ଯୁବକ୍ ତ ସେଥିରେ ଆତ୍ମହରା ହେବାର କଥା ! ମୋର ସେଇଟା ହେଲା ଆଦର୍ଶ । Love ହେଲା ମୋ ଜୀବନର ଖାଦ୍ୟ—ଖାଦ୍ୟର ଭିଟାମିନ୍ !

ବହୁତ ଆନ୍ଦୋଳନ ପରେ ଯେଉଁ ଫଳ ଫଳିବାର ଆଶା କରିଥିଲି, ହଠାତ୍ ତାହା ଚିଠିର ଉତ୍ତରରେ ଏବଂ ବିରାଟ ରୂପରେ ଆସି ପହଞ୍ଚିଗଲା । ଦିନେ ପିଅନ ଏକ ଲଫାପା ଦେଇଗଲା । ସେଇଟାକୁ ଧରି ଚମକି ପଡ଼ିଲି—ଉପରେ ମୋହରରେ ଆମ ଗାଁ ପୋଷ୍ଟଅଫିସର ନାମ ଅଛି । ଖୋଲିବାକୁ ସାହସ ହେଲା ନାହିଁ, ନ ଖୋଲିବାକୁ ଇଚ୍ଛା ବଳିଲା ନାହିଁ । ତା ଭିତରେ କିଏ ଅଛି,—କନକ ଅଛି କି ଆଉ କିଏ ଅଛି, ଜାଣିବାକୁ ମୁହୂର୍ତ୍ତକ ମନ ନାଚିଲା । ବଡ଼ ସନ୍ଦେହରେ ଚିଠିଟାକୁ ଖୋଲିଲି । ତା ଭିତରେ ଖଣ୍ଡିଏ ଚିଠି ଓ ଖଣ୍ଡିଏ ଫଟ ଥିଲା । ମୋତେ ହଠାତ୍ ସବୁ

ଜାଲୁଜାଲୁଆ ଦିଶିଲା । ଛବିଟି ଜଣେ ଷୋଡ଼ଶୀର ଢଳ ଢଳ ଲାବଣ୍ୟମୟ ରୂପ ।—ତା ତଳେ ଲେଖା ଥିଲା 'ଚଞ୍ଚଳା' । ଚିଠିରେ ଭାଇ ଲେଖିଥିଲେ, "ସେ ପ୍ରସଙ୍ଗ ବନ୍ଦ ହେଲା । ଆଉ ବେଶି ବ୍ୟସ୍ତ ହେବାକୁ ପଡ଼ିଲା ନାହିଁ । ସେ ଗାଁରେ ଆଉ ଠାଏ ଠିକ୍ ହୋଇଛି, ପାତ୍ରୀଟିର ନାଁ ଚଞ୍ଚଳା । କଟକରେ ପାଠ ପଢ଼ୁଛି । ତାର ଖଣ୍ଡିଏ ଫଟୋ ଏଥି ସଙ୍ଗେ ପଠାଇ ଦିଆଗଲା । ବାହା ଆର ମାସରେ ।"

ଚିଠିଟାକୁ ଥରେ ପଢ଼ିଲି, ଆଉ ଥରେ ପଢ଼ିଲି, ଆଖିକୁ ମନକୁ ପୁଣି ଥରେ ପଢ଼ିଲି । ସେହି ଏକା କଥା ଲେଖା ଯାଇଥିଲା । ଚଞ୍ଚଳା ସ୍ଥାନରେ ବା ପାଖରେ 'କନକ' ଶବ୍ଦ ଲେଖା ଯାଇ ନ ଥିଲା । ମୁଁ ତାହା ହାଉ ଯେ ଆଶ୍ୱସ୍ତ ହେଲି ତାହା ନୁହେଁ, ବରଂ ଶତଗୁଣେ ବିଚଳିତ ହୋଇ ପଡ଼ିଲି । ମୋର ଅକୂଳ ଅନନ୍ତ ଦିଗ୍‌ଶୂନ୍ୟ ଭାବନାରାଜ୍ୟର ପଛପଟେ ବିଶୀର୍ଣ୍ଣା କନକର ଉତ୍ତପ୍ତ ନିଶ୍ୱାସ ଝଞ୍ଜା ବହିବାକୁ ଲାଗିଲା ଏବଂ ଆଗରେ ନବାଗତା ଚଞ୍ଚଳାର ନବଯୌବନ-ପ୍ରାପ୍ତ ଅଙ୍ଗଲତା ଫୁଟି ଉଠିଲା । ଆଖି ବୁଜି ଚଉକିରେ ବସିପଡ଼ିଲି । ଆଲୁଅ ମୋତେ ଭଲ ଲାଗିଲା ନାହିଁ, ଅନ୍ଧାରରେ ଶାନ୍ତି ଆସିଲା ନାହିଁ । ଏକ ଶକ୍ତି ମୋତେ ପଛକୁ ଭିଡ଼ିଲା, ଅନ୍ୟଟି ଆଗକୁ ଟାଣିଲା ! କନକର ଭାବନା ମୋତେ ଚେତାଇଲା, "ସାବଧାନ, ପଥଭ୍ରାନ୍ତ ଯୁବକ ! ସତ୍ୟ ଭୁଲୁଛ । ଅର୍ଥ ପିପାସାରେ, ବାହ୍ୟକ ସୌନ୍ଦର୍ଯ୍ୟ ପିପାସାରେ ଏପରି ହେଉଛ । ମନେ ରଖ, ଏ ତୁମର ଉପଯୁକ୍ତ ହେଲା ନାହିଁ ।"

ଏ ପର୍ଯ୍ୟନ୍ତ ଯେଉଁ "ଆଉ ଏକ ମୋହିନୀ ମୂର୍ତ୍ତି"ର କଳ୍ପନା କରୁଥିଲି, ସେ ହଠାତ୍ ଚଞ୍ଚଳା ରୂପରେ ଦେଖାଗଲା । ଆହା !

ମୋ ଗଳାକୁ ବାହୁବନ୍ଧରେ ବାନ୍ଧି ଜନକ ପାଖରୁ ଫେରାଇ ନେଇ କହିଲା, "ଆସ, ପ୍ରେମ ଦେବ ଏବଂ ଯାହା ଲୋଡ଼ିବ, ତାହା ଦେବ । ଅର୍ଥ ? ପାଇ ପାରିବ । ମୋତେ ଗ୍ରହଣ କର, ମୋତେ ଗ୍ରହଣ କର । ତୁମର ପଥ ଠିକ୍ ଅଛି —ଆଗେ ଭୁଲ୍ ଥିଲା ।"

ଭଉଣି,

ହରିଚରଣ ନାହିଁ କରିବା ଫଳରେ ମୋର ଯେ କେବଳ ନିର୍ବନ୍ଧ ଭାଙ୍ଗିଲା, ତାହା ନୁହେଁ; ଜଣା ପଡ଼ିଲା, ସତେ ଅବା ମୋ ଜୀବନଟା ଅଧାରୁ ହଠାତ୍ ହୋଇ ଛିଡ଼ି ପଡ଼ିଲା । ଏକୁଟିଆ ବସି ମନକୁ ମନ ଯେତେବେଳେ ପଛକୁ ବୁଲି ଚାହେଁ, ସେହି ମନ-ରାଇଜରେ ଦେଖେ, ଅତୀତ ବର୍ଷର ସବୁ ଖେଳ କଉତୁକ ମୋର ଭାଙ୍ଗିଚୁରି ଗୁଣ୍ଡା ହୋଇଯାଇଛି । ବର୍ଷ ବର୍ଷ ଧରି ଯେଉଁ ବାଟେ ବାଟେ ମୁଁ ଯିବା ଆସିବା କରିଥିଲି, ତାହା ଅପନ୍ତରା ହୋଇ ପଡ଼ିଛି । ସେହି ଅପନ୍ତରା ବାଟରେ ଅତୀତର କ୍ଷୀଣସ୍ମୃତି ପରି ମୋର କେତୋଟି ପାଦଚିହ୍ନ ମାତ୍ର ଦେଖାଯାଉଛି । ଏଣେ ଆଗକୁ ଚାହିଁଦେଲେ ଖାଲି ଶୂନ୍ୟ···ମହାଶୂନ୍ୟ, ସେଥିକି ଆଖି ଯାଏ ନାହିଁ, ମନ ଯାଏ ନାହିଁ, ଏ ଦେହରେ ମଧ୍ୟ ରକ୍ତ ଆଉ ରହେ ନାହିଁ ।

ନିର୍ବନ୍ଧ ଭାଙ୍ଗିଲା—ରାଇଜରେ ଚହଳ ପଡ଼ିଲା, ଜ୍ଞାତି କୁଟୁମ୍ବଙ୍କ ମଧ୍ୟରେ ଭାଲେଣି ପଡ଼ିଲା । ଏହା ପରେ ମୋର ମନକୁ ବଦଳାଇବା ପାଇଁ ଯେତେ ଯେତେ କଥା ହେଲା, ଲେଖୁଛି ।

ହରିଚରଣଙ୍କ ବିରୁଦ୍ଧରେ ମୋ ଆଗରେ କିଏ କେତେ କଥା ଆସି କହିଲେ । ବୁଝିଲି, ମୋ ମନକୁ ଖୁସି କରାଇବା ପାଇଁ, ହରିଚରଣଙ୍କୁ ଆଉ ନ ଭାବିବା ପାଇଁ ଏସବୁ ଜାଲ ଛନ୍ଦା ହୋଇଛି ।

ଯେଉଁ ଭାଉଜ ମୋତେ ହରିଚରଣଙ୍କ ନାଁରେ କେତେ କେତେ ମନଭୁଲାଣିଆ କଥା କହି ଦିନରାତି ହସାଉଥିଲେ, ସେ ଏଣିକି ତାଙ୍କ ନାଁ ପଡ଼ିଲେ ନାକ ମୁହଁ ମୋଡ଼ିଲେ । କହିଲେ, "ନାରୀ ଜନମ ପାଇ ପୁଣି ଇମିତି ପୁରୁଷର ହାତ ଧରିବ ? ଅନ୍ତୁଡ଼ିଶାଳରେ ପଛେ ଟୋଟିଚିପା ହୋଇ ମରିଥିବ, ଇମିତି ବଇର ହାତ ଧରିବ ନାହିଁ ।"

ତାଙ୍କର କଥା କଥାକେ ହରିଚରଣଙ୍କ ବିରୁଦ୍ଧରେ ଏହିପରି ବିଷ ବାହାରିଲା । ପ୍ରଥମେ କେତେ ଦିନ ମୁଁ ଏ କଥାକୁ ଭଲ କରି ମନକୁ ନେଲି ନାହିଁ । ତା ପରେ ମନକୁମନ ବୁଝେଇଲି । ଏସବୁ ନିନ୍ଦା ଅପମାନକୁ ମାନିବି କି ନାହିଁ, ଏଥିପାଇଁ ହୃଦୟ ଭିତରେ ଭାରି ଘଣ୍ଟାଚକଟା ଆରମ୍ଭ ହେଲା । ଯେତେ ବିଚାରିଲେ ମଧ୍ୟ ତାଙ୍କ ପ୍ରତି ମୋର ଅଭିମାନ ସିନା ଆସିଲା, ରାଗ ଆସିଲା ନାହିଁ । ଯେତେ ତାଙ୍କର ଦୁର୍ଗୁଣ ଶୁଣିଲେ, ପ୍ରଭୁ ତାଙ୍କୁ ସୁଗୁଣ ଦିଅନ୍ତୁ ବୋଲି ମନେ ମନେ ଜଣାଣ କଲି ସିନା, ତାଙ୍କ ନାଁରେ ନାକକାନ ଛୁଣାନ୍ତି ଛୁଁ ବୋଲି ପଦେ ହେଲେ କହି ପାରିଲି ନାହିଁ ।

ହସ୍ତର ବନ୍ଧର ଯେତେବେଳେ ଭାରି କାଉଳି ବାଉଳି ଲାଗେ, ସେହି ଶଠ ଝଣ୍ଡିକ କଥା ବସି ଭାବେ । ତାହା ଭାବିଲେ ମନଟା କୁଆଡ଼େ ବଦଳିଯାଏ । ଭାଉଜଙ୍କ ମୁହଁରୁ ବା ଆଉ କାହାଠାରୁ ହରିଚରଣଙ୍କ ବିରୁଦ୍ଧରେ ଯେତେ କଥା ଶୁଣିଥାଏ, ସେ ଶଠକଥା ମନେ ପକାଇଲେ ସବୁ କୁଆଡ଼େ ପାଣିଫୋଟକା ପରି ଉଭେଇଯାଏ । ମନଟାକୁ ତାଙ୍କର ପାଦତଳେ ପୂଜା ବାଡ଼ି ଦେଇ ଟିକିଏ ନିଶ୍ଚିନ୍ତ ରହେ ।

ଏହି ହେଲା ମୋର ସେହି ସମୟର ଅବସ୍ଥା ।

ପ୍ରିୟ ରମେଶ,

ଘରୁ ଚିଠି ଆସିବାର ଦୁଇ ତିନି ଦିନ ପରେ କନକଙ୍କର ଗାଁରୁ ଖଣ୍ଡିଏ ଚିଠି ପାଇଲି । କନକ ସହିତ ମୋର ସକଳ ରଫା ଦଫା ଶେଷ କରିପାରିଛି ବୋଲି ବେଳେ ବେଳେ ନିଜକୁ ଧନ୍ୟ ମନେ କରୁଥିଲି । ଏପରି ସମୟରେ ଏ ଚିଠିଖଣ୍ଡିକ ମୋ ମନ-ଜଗତରେ ଏକ ଭୂମିକମ୍ପ ଅଣାଇଦେଲା । ମୋର କଳ୍ପନାର ସେହି ପୁରୁଣା ଘର ସହିତ ନୂଆ ଘରଟା ବି କମ୍ପି ଉଠିଲା । ସେହି ଅନୁଭବରୁ ଜାଣି ପାରୁଛି, କ୍ଷଣ କ୍ଷଣକର ସାମାନ୍ୟ ସାମାନ୍ୟ କଥାରେ ଜୀବନରେ ଯେ ଧକ୍କା ବାଜେ, ତାହା ଦାମ୍ଭିକ ମାନବର ସକଳ ଦମ୍ଭକୁ ମୁହୂର୍ତ୍ତକେ ଚୂରିଦିଏ ।

ମୋର ସଂପୂର୍ଣ୍ଣ ଅପରିଚିତ ବ୍ୟକ୍ତି ସେହି ଚିଠିଖଣ୍ଡିକ ଦେଇଥିଲେ, ଅଥଚ ଚିରପରିଚିତ ପରି ସେଥିରେ ଏହି ମର୍ମରେ ଲେଖିଥିଲେ—'ସଂସାରରେ ବନ୍ଧୁତା ଏକ ମଧୁମୟ ବନ୍ଧନ । ମୁଁ ଯେ ଏ ଚିଠି ଲେଖୁଛି, ତୁମର ନିବନ୍ଧ ସଙ୍ଗେ ସଙ୍ଗେ ତୁମ ଆପଣାର ହୋଇ ସାରିଛି; ମଧୁମୟ ବନ୍ଧୁତାବନ୍ଧନରେ ବାନ୍ଧି ହୋଇଛି । ଶ୍ରୀମତୀ ଚଞ୍ଚଳାକୁ ପାଇ ତୁମର ପ୍ରଣୟ ଜୀବନ ମଧୁମୟ ହେଉ, ଭଗବାନଙ୍କଠାରେ ଏହି ମୋର ପ୍ରାର୍ଥନା'........ ଇତ୍ୟାଦି ।

ରମେଶ, ସତ କହୁଛୁ, ଅର୍ଥ ଉପରେ ମୋର ବଡ ବିଶ୍ୱାସ ଥିଲା । ମୁଁ ଭାବୁଥିଲି, ଜଗତର ମାନଗୌରବ-ପ୍ରାସାଦ କେବଳ ଅର୍ଥ ଉପରେହିଁ ତୋଳା ହୁଏ । ଅର୍ଥ ଥିଲେ ପ୍ରେମର ଅଭାବ ନାହିଁ । ସବୁ ଜିନିଷକୁ କିଣିଲା ପରି ପ୍ରେମକୁ ମଧ୍ୟ ଅର୍ଥଦ୍ୱାରା କିଣା-ଯାଇପାରେ । କି ମୋହ ମୋତେ ଘୋଟିଗଲା ! ଅନାବିଳ ପ୍ରେମକୁ ମୁଁ ଅର୍ଥ ଦୃଷ୍ଟିରେ ଦେଖିଲି । ମନ ଯେ କେବଳ ମନଦ୍ୱାରା କିଣାହୁଏ, ଏହା ମୁଁ ବୁଝି ପାରିଲି ନାହିଁ । ଥରେ ମୋର ଜଣେ ବନ୍ଧୁ ବୁଝାଇଥିଲେ—ସଂସାରରେ ପ୍ରେମ, ସ୍ନେହ, ଦୟା ପ୍ରଭୃତି ଭଗବାନଙ୍କ ସୃଷ୍ଟି; ଆଉ ଲୋଭ, ଦ୍ୱେଷ, ରାଗ ପ୍ରଭୃତି ସଇତାନର ସୃଷ୍ଟି । ସେତେବେଳେ ମୁଁ ଲୋଭପଥରେ ପ୍ରେମର ଉପାସକ ହୋଇ ବୁଲୁଥିଲି । ଚାଲିଲା ବେଳେ ଦୁଇପାଖକୁ ଚାହୁଁଥିଲି—କିଏ ମୋତେ ପ୍ରେମ ଦେବ ଏବଂ ସଙ୍ଗେ ସଙ୍ଗେ ଅର୍ଥ ମଧ୍ୟ ଦେବ । ହାୟରେ କପାଳ, ମୋ ଶିକ୍ଷା ମୋତେ ସେତେବେଳେ ଏହା ଛଡ଼ା ଅନ୍ୟ ପଥରେ ନେଇ ପାରିଲା ନାହିଁ ।······ସଇତାନ ମୋର ହୃଦୟରାଜ୍ୟ ମାଡ଼ି ବସିଥିଲା । ଥରେ ମୁଁ ଜଣେ ବନ୍ଧୁଙ୍କ ପାଖେ ପ୍ରସ୍ତାବ କରି ବସିଥିଲି—"ଯଦି କନକକୁ ନିବନ୍ଧ ଖାତିରରେ ବାଦହୋଇ ଅନ୍ୟକୁ ପ୍ରେମପାଇଁ ବାଛହୁଏ, ତେବେ ଦୋଷ କଣ ?" ଏହି ପ୍ରେମ ମୂଳରେ ମୋର ଅର୍ଥ ପିପାସା ପୂରି ରହିଥିଲା ।

ପ୍ରଥମେ ଅର୍ଥଲୋଭରେ କନକକୁ ମୁଁ ପ୍ରେମଚକ୍ଷୁରେ ଦେଖୁଥିଲି; କିନ୍ତୁ ତା ବଂଶର ଦଶାବିପର୍ଯ୍ୟୟ ମୋର ତା ପ୍ରତି ଆସକ୍ତି ମୂଳରେ କୁଠାରଘାତ କଲା । ସେହି ଅର୍ଥପିପାସା ମୋତେ ଠିକ୍ ପଥରୁ ଭୁଲ୍ ପଥକୁ ବା ଭୁଲ୍ ପଥରୁ ଠିକ୍ ପଥକୁ—ତୁମେ ଯାହା ଭାବୁଛ—ଟାଣିନେଲା ।

ଓହୋ ! ମନୁଷ୍ୟ ଏଡ଼େ ସାମାନ୍ୟ ଶରୀର ଖଣ୍ଡେ ଧରି ସେଭିତରେ ମନଟାକୁ ନେଇ ଯେତେ ଗର୍ବ କରେ, ସେଥିରେ

ସେତେ ଗର୍ବ କରିବାର କାରଣ ମୁଁ କିଛି ଦେଖୁ ନାହିଁ । ଏହି ମୋର ମନ ଦିନେ କନକ ଶିଖରେ ନଭସ୍ପର୍ଶୀ ହିମାଳୟରେ ଚଢ଼ି ପ୍ରେମଗୌରବରେ ଜଗତକୁ ଉପହାସ କରୁଥିଲା, ସେହି ମନ ଏବେ ସେହି କନକକୁ ଅତଳ ରସାତଳରେ ପକାଇ-ଦେବାକୁ ଟିକେ ହେଲେ କୁଣ୍ଠିତ ହେଉ ନାହିଁ । ମନୁଷ୍ୟ ମନର କଥା ଅନ୍ତରର ଅନ୍ତରତମ ଦେବତା ବୁଝି ପାରନ୍ତି କି ନାହିଁ, ଏବେ ମଧ୍ୟ ମୋର ସନ୍ଦେହ ଅଛି; ଏ ସନ୍ଦେହ ମୋର ତୁଟିବ ନାହିଁ, ଜାଣେ ।

ବିବାହ ଆଉ ଅଳ୍ପ ଦିନ ଅଛି ; ବୋଲି ଘରୁ ପୁଣି ଚିଠି ଆସିଲା । ମୁଁ ଉତ୍ସୁକ ଭାବରେ ସେହି ଦିବସର ସେହି ବିଶିଷ୍ଟ ମୁହୂର୍ତ୍ତକୁ ଅପେକ୍ଷା କରି ରହିଲି ।

ଭଉଣି,

ଦୁଃଖ, କଷ୍ଟ, ଅପମାନରେ ମରିବାକୁ ଇଚ୍ଛା କରିବା ବଡ଼ ଭୁଲ୍ । ବାପା କହୁଥାନ୍ତି— ସ୍ତ୍ରୀକୁ ଯେ ଜୟକରି ପାରିବ ତାଠାରୁ ସୁଖୀ ଆଉ କେହି ନାହିଁ । ସେ ସୁଖ ଯେ କିମିତି, ଜାଣିବାପାଇଁ ମୋର ଇଚ୍ଛା ବଳିଲା । ଏଣିକି ପ୍ରାଣ ହରାଇଦେବା ଭାବ ମନକୁ ଆଦୌ ଆସିଲା ନାହିଁ । କିପରି ତାଙ୍କୁ ଦେଖି ପାରିବି, ଏହା ମୋର ଭାବନା ହେଲା । ସେହି ଦିନଯାଏ ମୁଁ ଅପେକ୍ଷା କରି ରହିବି ବୋଲି ପ୍ରତିଜ୍ଞା କଲି । ମୋ ଜୀବନ-ଦୀପ ଦୁଃଖ-ପବନରେ ଲିଭିବା ଆଗରୁ ତାଙ୍କ ଉପରେ ଥରେ ହେଲେ ଆଖି ପକାଇ ପାରିବି ବୋଲି କେଜାଣି କାହିଁକି ବିଶ୍ୱାସ ବାନ୍ଧିଥାଏ ।

ଶୁଣିଲି, ସେ ବଭା ହେବେ ଆମର ଗାଁର ଆଉ ଏକ ଶାଇରେ । କଥା ବଡ଼ ଗୋପନରେ ମୋ କାନକୁ ଆସିଲା । ପ୍ରଥମେ କିଛି ବୁଝି ପାରିଲି ନାହିଁ । ଗାଁର ଦାସଙ୍କ ଘର ନିଶାମଣି ମୋର ପିଲାଦିନର ସାଙ୍ଗ । ସ୍କୁଲରେ ତା ନାଁ ଥିଲା ନିଶାମଣି; ମାତ୍ର ଆମେ ଶାଇରେ ତାକୁ ଡାକୁଥିଲୁ ଚଞ୍ଚଳା ବୋଲି । ଟିକେ ବଡ଼ ହେଲା ଦିନୁ ସେ ଆଉ ଆମ ଘରକୁ ଆଗପରି ବାଣ୍ଡବାଟେ ଆସୁ ନ ଥିଲା । ଅନେକ ଦିନଯାଏ ସ୍କୁଲରେ ଦେଖା ହେଉଥିଲା । ସେ

କଟକ ପଡ଼ିଯିବା ଦିନୁ ତାର ମୋର ଆଉ ବେଶି ଦେଖା ସାକ୍ଷାତ ହୁଏ ନାହିଁ । ଚିଠିପତ୍ରରେ ଯାହା ମନକଥା ବୁହାବୁହି ହେଉ । ତାଙ୍କ ଘରେ ବାହାଘର ଯୋଗାଡ଼ ଦେଖି ମୋ ମନ କେଜାଣି କାହିଁକି ହାହାକାର କରି ଉଠିଲା । ଭାବିଲି ସଂସାରରେ କଣ ଆଉ କାହାରି ହରିଚରଣ ନାହାନ୍ତି, ବିଧାତା କେବଳ ମୋରି ପାଇଁ ଜଣେ ଗଢ଼ିଥିଲା ?

ଏ ଅପରାଧିନୀ ଙ୍କ ଦୋଷରୁ ସେ ପାଦତଳେ ଆଶ୍ରୟରୁ ବଞ୍ଚିତ । ହେଲା, ସେ କଥା ଆଉ ଖୋଜି ବସିଲି ନାହିଁ । ମନରେ କେବଳ ଏହି ଚିନ୍ତା ଯେ, ବହୁଦିନର ସେହି ସ୍ୱପ୍ନଦେବତାଙ୍କୁ କେବେ ଆଖି ଆଗରେ ଦେଖିପାରିବି ପରା ! ହରିଚରଣଙ୍କ ଶେଷ ଚିଠି କଥା ଶୁଣିଲାପରେ, ମନରେ ଦୁଃଖ ଲାଗିଲେ, ଘରେ ଭଲ ନ ଲାଗିଲେ ବେଳେ ବେଳେ ମୁଁ ନଶାମଣି ଘରକୁ ବୁଲିଯାଏ । ଏଣିକି ସେଠାକୁ ଯିବାକୁ କେମିତି କେମିତି ଲାଗିଲା । ସାଙ୍ଗ ନଶାମଣିର ହସ ମତେ ଆଉ ଭଲ ଲାଗିଲା ନାହିଁ । ଦିନକର କଥା ମୋର ସଫା ମନେ ଅଛି । ବାହାଘର ଆଠଦିନ ଥାଏ, ସନ୍ଧ୍ୟା ଖରାବେଳେ ମୁଁ ବାଡ଼ିପଟେ ବୁଲି ତାଙ୍କ ଘରକୁ ପଶିଗଲି ବେଳକୁ ମତେ ଲାଗିଲା ସତେ ଯେପରି ମୋ ବାଟ କିଏ ଆଗୁଳି ଦେଲା । ପାନ ଦୋକାନଠାରେ ଯାହାଙ୍କ ଉପରେ ଆଖି ପିଛୁଳାଏ ପଡ଼ିଥିଲା, ତାଙ୍କ ଛବିଟା ଆଖି ଆଗରେ ନାଚିଗଲା । ସେତେବେଳର ଅବସ୍ଥା ଆଉ କଣ ଲେଖିବି ଭଉଣି, ମୋ ଗୋଡ଼ରୁ ଜାଣି ଖୁଣ୍ଡିଗଲା । ଏଇଠାରେ ମୁଁ ପ୍ରଥମେ ବୁଝିଲି ପୁରୁଷ ଲୋକପ୍ରତି ନାରୀର କି ସମ୍ବନ୍ଧ ଅଛି । ବାଧା ପାଇଲେ ମଧ୍ୟ ତାହା ଚିରକାଳ ପାଇଁ ଲିଭିଯାଏ ନାହିଁ—ସୁବିଧାସୁଯୋଗ ଦେଖି ବାହାରିପଡ଼େ । ନଶାମଣିର ବିଭା କଥା ଭାବି ଭାବି ମୁଣ୍ଡ ଘୋଡ଼ି ଘୋଡ଼ି ଯାଉଥିଲି, କେଜାଣି କାହିଁକି ସେ ଭିତରେ ମୋ କଥାକୁ ନେଇ

ବାନ୍ଧି ବସିଲି । ମୁଁ ଦେଖିଲି ଝାଣରେ ସେ ମୋହକୁ ଏଡ଼ିଥିଲି, ତନ୍ଦୁ ବଳ ଶତେ ଗୁଣ ଝାଣରେ ତାହା ମୋ ହୃଦୟକୁ ଆକ୍ରମଣ କରି ବସିଲା । ତାଙ୍କ ଦୁଆଉଟା ପାରି ନ ହେଉଣୁ ଝିମି ଝିମି ଗୋଡ଼ରେ ସେଇଠାରେ ବସି ପଡ଼ିଲି । ସେଦିନ ମୁଁ ଜାଣେ, ତା ପରେ ଯେତେବେଳେ ବାଉ ପିଣ୍ଡାରେ ନିଶାମଣିର ବାପା ମୋ ମୁଣ୍ଡଟିକୁ ତାଙ୍କ ଜଙ୍ଘରେ ଥୋଇ ଆଉଁସି ଆଉଁସି ଡ଼ାକିଲେ 'କନ', ମୋର ବେହୋସ୍ ଭାଙ୍ଗିଗଲା । ଆଖି ମେଲାଇ ଦେଖିଲି, ସବୁ ଭୁଲ । ସେ ଛବି ଛଳନା । ସେହି ଦିନଠାରୁ ମୁଁ ତାଙ୍କ ଘରକୁ ଆଉ ଗଲି ନାହିଁ । ସେମାନେ କେତେମତେ ଡ଼ାକନ୍ତି । ମୋ ମୁହଁ ଆଗୁଟାରେ ସମସ୍ତେ ହସି ହସି କଥା କହୁଥାନ୍ତି, କେହି ହେଲେ ଟିକିଏ ଆହା କରି ଦିଅନ୍ତି ନାହିଁ । ସେମାନଙ୍କ ହସ ଦେଖି ରାଗରେ ଏ ହୃଦୟ ଜଳିଉଠେ । ଭବେ ମନୁଷ୍ୟ କି ଏଡ଼େ ଆପଣାସାର୍ଥି କି ? ମୋ ଦୁଃଖରେ ଏମାନଙ୍କର ଟିକିଏ ହେଲେ ଲୁହ ଗଡ଼ୁନାହିଁ ! ହୃଦୟଟା ଫିଟାଇ ଦେବାର ସୁବିଧା ଥିଲେ, ବଗୁରୁଥାଏ ଫିଟାଇ ଦେଇ ଦେଖାନ୍ତି, ସେ ଭିତରେ କିପରି ହୁ ହୁ ହୋଇ ନିଆଁ ଜଳି ଉଠୁଛି । ସେହି ନିଆଁରେ ସେମାନଙ୍କ ହସ ଖେଳ ପୋଡ଼ି ପାଉଁଶ କରି ଦିଅନ୍ତି !

ଦିନକୁ ଦିନ ସେହି ଛବିଟି ସବୁଆଡ଼େ ଦେଖିଲି । ମୁଁ ଯୁଆଡ଼େ କାନେଇଲି, ସେଆଡ଼େ ଶୁଣାଗଲା, ସେ ଛବି ଯେପରି କହୁଛି— "ତୋର ଏଠାରେ ପ୍ରବେଶ କରିବାର ଅଧିକାର ନାହିଁ ।" ମୁଁ ପାଗଳ ପରି ହୋଇଗଲି । କେବେ କେବେ ତାଙ୍କର ହାତଲେଖା ଚିଠିଟାକୁ ମୁକ ଭାବରେ ଚୁମ୍ବି ବସେ । ଭୁଲିଟାକୁ ମନକୁ ମନ କହୁଥାଏ—"ଭୁଲି ପାରିବ ନାହିଁ; ଭୁଲି ପାରିବ ନାହିଁ ।" ଛିଃ, ଏସବୁ କଥା ଏବେ ମନେ ପକାଇଲେ ମୁଣ୍ଡ ଲାଜରେ ଲଇଁଯାଉଛି ।

ସେବେ ମୁଁ କପରି ଯେ ଏତେ ଏତେ କଥା ଭାବି ପାରୁଥିଲି, ବୁଝିପାରୁ ନାହିଁ । ମନୁଷ୍ୟର କଣ ନିଜକୁ ଭୁଲିବାର ଏକ ସମୟ ଅଛି ? ହରିଚରଣ ନିଜକୁ ଭୁଲି, ନିଜ କଥାକୁ ଭୁଲି ଅନ୍ୟ ସ୍ୱର୍ଣ୍ଣମୃଗ ପଛରେ ଗୋଡ଼ାଇଲେ । ମୁଁ ମଧ୍ୟ ମୋ ମନମୃଗକୁ ହରାଇ ସଂସାର ମରୁରେ ଏଣେ ତେଣେ ଧାଇଁଛି । ମୁଁ ଜାଣି ନ ଥିଲି, ଧାଇଁଲା ବେଳେ ଗୁରୁଜନଙ୍କୁ ଭେଟିବି କି ଅପନ୍ତରା ପଥରେ ଝୁଣ୍ଟି ପଡ଼ି ଆତ୍ମାକୁ କଷ୍ଟ ଦେବି । ମୋର ଜୀର୍ଣ୍ଣ ଅଙ୍ଗକୁ ବହନ କରି ଚାଲିବା ସେତେବେଳେ ମୋ ପକ୍ଷରେ ବଡ଼ କଷ୍ଟକର ଥିଲା ।

ପ୍ରିୟ ରମେଶ,

କନକକୁ ଛାଡ଼ି ଚଞ୍ଚଳାକୁ ଗୋଡ଼ାଇଲି । ଏକ କଳ୍ପଲୋକ ଲଙ୍ଘି ଆଜି ଏକ କଳ୍ପଲୋକରେ ଯାଇ ପ୍ରବେଶ କଲି । ଅତୀତର ନନ୍ଦନବନ ମରୁଭୂମି ପାଲଟିଲା, ପୁଣି ଭବିଷ୍ୟତର ଘନ ଅନ୍ଧକାର ଭିତରେ ଶରତର ଚନ୍ଦ୍ର ହସି ଉଠିଲା । ଗୋଟାଏ ଜୀବନକାଳ ମଧ୍ୟରେ କେତେକେତେ ରହସ୍ୟ ମୁଁ ଦେଖିଗଲି, ରମେଶ !

ବି. ଏ. ଜୀବନର ଜ୍ଞାନଚର୍ଚ୍ଚା ଭିତରେ ରୂପଚର୍ଚ୍ଚାର ଆୟୋଜନ ଚାଲିଲା । କନକକୁ ଛାଡ଼ି ମୁଁ ଜୀବନର ଗୁରୁତର ଖାଇବର ଗିରି ସଙ୍କଟ ପାରି ହୋଇଛି ବୋଲି ମନେ କଲି ।

ମନର ପରିବର୍ତ୍ତନରେ ସଂସାରଟା ବଦଳିଲା ପରି ଜଣାପଡ଼େ । ମୋର ତାହାହିଁ ହେଲା । ନିର୍ବନ୍ଧ ଭାଙ୍ଗିବାପାଇଁ 'ଶେଷ' ଚିଠି ଦେବା ପରେ ଦିନେ ମୋ ଘରେ ଏକ ସାନ୍ଧ୍ୟ ମିଳନର ଯୋଗାଡ଼ କଲି । ସେ କଥା ବାହାରେ ଆଉ କେହି ଜାଣିଲେ ନାହିଁ । ଯାହାଙ୍କୁ ଖୁବ୍ ଆପଣାର ବୋଲି ଭାବେ, ସେହିମାନଙ୍କୁ କଥାଚ୍ଛଳରେ ନିମନ୍ତ୍ରଣ କରି ଆଣିଲି । ମୋର କ୍ଷୁଦ୍ର କୋଠରୀଟି ସାତ ଆଠୋଟି ଯୁବକ ବନ୍ଧୁଙ୍କୁ ବକ୍ଷରେ ଧରି ପୂରି ଉଠିଲା । ଜଳପାନର ସାମାନ୍ୟ ଆୟୋଜନ କରିଥିଲି । କନକର ଅନ୍ତଃପୁରକୁ ଛାଡ଼ି ଚଞ୍ଚଳାର ଅନ୍ତଃପୁରକୁ ଯିବାର ମୋର ସେହି ହେଉଛି ପ୍ରଥମ ଦିବସ ।

ଏହି ଶୁଭ ସମ୍ବାଦଟା ବନ୍ଧୁମାନଙ୍କୁ ଜଣାଇଦେବା ପାଇଁ ଭାରି ଛଟପଟ ହୋଇ ଉଠିଲି । କିନ୍ତୁ ଖୋଲାଖୋଲି କହି ଦେବାକୁ ସାହସ ନ କରି ସେ ବିଷୟରେ ଗୋଟାଏ ଯୁକ୍ତିର ଅବତାରଣା କରିଦେଲି । ଧାରା-ଶ୍ରାବଣରେ ମେଘ ଜମାଟ ବାନ୍ଧିଲା ପରି ନାନା ରକମର ଯୁକ୍ତି ବିଚାର ଧରଣର ଆଲୋଚନା ସେହି କୋଠରୀଟି ଭିତରେ ଜମାଟ ବାନ୍ଧି ଆସିଲା । ମଫସଲର ଅଶିକ୍ଷିତା ଯୁବତୀ-ମାନଙ୍କ କଥା ନେଇ ଆଲୋଚନା ଉଠିଥିଲା । କିଏ ସେମାନଙ୍କର ନିରାଡ଼ମ୍ବର ରୂପର ପ୍ରଶଂସା କରି ବସିଲା, କିଏ ବା ସେମାନଙ୍କ ସରଳ ବିଶ୍ୱାସକୁ ଦୋହାଇ ଦେଇ ସମାଜକୁ ଅଭିଶାପ ଦେଲା । କିଏ ପଲ୍ଲିର ପ୍ରଣୟୀଜୀବନକୁ ଧନ୍ୟ ଧନ୍ୟ କଲା, କିଏ ବା ସହର-ଜୀବନ ସହିତ ପଲ୍ଲୀ ଜୀବନକୁ ତୁଳନା କରି ନାକ ଟେକିଲା । ଜଣେ ବିରହ ବିଷୟରେ ଏକ ବକ୍ତୃତା ଦେଇ କହିଲେ —"ଜୀବନର ସକଳ ଅନୁଭୂତି ମଧ୍ୟରେ ବିରହ ହେଉଛି ବଡ଼ ମଧୁମୟ । ପ୍ରେମ ଯେତିକି ଅନାବିଲ ହେବ, ବିରହ ସେତିକି ଅମୃତମୟ ହୋଇ ଉଠିବ । କୌଣସି ପ୍ରିୟଜନର କ୍ଷଣିକ ଅଦେଖାରେ ଯେଉଁ ବ୍ୟାକୁଳତା ଜାତ ହୁଏ, ତାକୁ ଲୋକେ ବିରହ ଆଖ୍ୟା ଦେଇଥାନ୍ତି । ବିରହ କିନ୍ତୁ ଏପରି ଜିନିଷ ନୁହେ । ମାସକର, ବର୍ଷକର ବା ଦଶ କୋଡ଼ିଏ ବର୍ଷର ଅଦେଖାରେ ଯେ ବ୍ୟାକୁଳତା ତାହା ମଧ୍ୟ ବିରହ ନୁହେ । ବିରହର ପ୍ରକୃତ ଭିନ୍ନ ଧାତୁରେ ତିଆରି । ଯୁଗ ଯୁଗ ଧରି ପ୍ରିୟ-ବନ୍ଧୁର ଦେଖା ସାକ୍ଷାତ ମିଳିବ ନାହିଁ ଜାଣି, ତାହାରି ରୂପରେ, ଗୁଣରେ ପୂଜାରୀ ହୋଇ ପ୍ରାଣ ଭିତରେ ଯେ ନିର୍ମଳ ଅଧୀରତା ଜାତ ହୁଏ, ତାହାହିଁ ପ୍ରକୃତ ବିରହ । ବିରହକୁ କେବଳ ରୂପଚକ୍ଷୁରେ ଦେଖିଲେ ତାହା ପଙ୍କିଳ ହୋଇ ଉଠେ । ଏପରି ହେଲେ କଳକଳ ଗିରି ନିର୍ଝରିଣୀ ଭିତରେ ବନ୍ଧ ପୁଷ୍କରିଣୀର ମଳିନତା ମିଶିଯାଏ ।

ଯେଉଁଠି ପବିତ୍ର ପ୍ରେମ, ସେଇଠି ପବିତ୍ର ହୃଦୟ । ପଲ୍ଲି ବିଧବାର ଆଜୀବନ କଠୋର ସାଧନା ଭିତରେ ହୃଦୟର ମଧୁର ସ୍ପୃହା ଏପର୍ଯ୍ୟନ୍ତ ଲୋପ ପାଇନାହିଁ ,"···ଇତ୍ୟାଦି ।

ଏହା ପରେ ପ୍ରେମର ବ୍ୟାଖ୍ୟା, ପ୍ରେମ ପଥର ଆବଶ୍ୟକତା, ପ୍ରେମର ପରିମାପ···ଇତ୍ୟାଦି ଇତ୍ୟାଦି କେତେ କଥାର ଆଲୋଚନା ଉଠିଲା । କଥା ସବୁ ଏପରି ଦିଗକୁ ଗତି କଲା ଯେ ମୋ ମନ କଥା ସେଠି ଆଉ ଫିଟାଇ କହିପାରିଲି ନାହିଁ । କନକକୁ ନାସ୍ତି କରି ଚଞ୍ଚଳାକୁ ପାଇଛି, ଏ କଥାଟା କହିବାକୁ କାହିଁକି ସେକ୍ଷଣି ସାହସ ହେଲା ନାହିଁ; ଅଥଚ ଏହି କଥା କହିବା ପାଇଁ ମୁଁ ଏଡ଼େ ଆଗ୍ରହରେ ଏଠି ଆୟୋଜନ କରିଥିଲି । ମୁଁ କଳଙ୍କିତ ପରି ସବୁକଥା କେବଳ ଶୁଣିଲି । ସଭା ଭାଙ୍ଗିଲା, ସମସ୍ତେ ଥଟ୍ଟାରେ କେତେ କଥା କହି କନକକୁ ପ୍ରଶଂସା କରି କରି ଘରୁ ବିଦାୟ ନେଲେ ।

ମୋ ମନରେ ନୃତ୍ୟ ଆରମ୍ଭ ହେଲା, କନକ ନା ଚଞ୍ଚଳା ? ମୋ ହୃଦୟ ଏବେ କାହା ଉଦ୍ଦେଶ୍ୟରେ ଜଗାଇ ରଖିବି; ଏହି ହେଲା ଗୁରୁତର ସମସ୍ୟା ।

ଭଉଣୀ,

ଭାଉଜ କହିଲେ, "କନ, ତୁମକୁ ଆଜି ଗୋଟିଏ ନୂଆ କଥା କହିବି । ଦେଖିଲ ତ ହରିଚରଣ କମିତି ଦଗା ଦେଲେ ! ଭାବି ଭାବି ମୋତେ ରାତିରେ ନିଦ ନାହିଁ । କନ ପରା ଝିଅକୁ ପୁଣି ଏତେ ଦୁଃଖ ଥିଲା ! ଏ ସବୁ ଦଇବ ଘଟଣା ଲୋ ଝିଅ, ଦଇବ ଘଟଣା । ଯିଏ ଯାହା ପାଇଁ ସିଏ ତାହା ପାଇଁ । ହରିଚରଣ ପ୍ରକୃତରେ ଆମର ନୁହନ୍ତି ବୋଲି ଏତେ ଦିନ ଏମିତି ଗଲା । ତୁମେ ମନେ ମନେ ଏତେ ପୋଡ଼ାଜଳା ସହିଲ !

'କିନ୍ତୁ ଯାହା ଥିବ ଲିହି, ଆମେ ତମେ କିଏ ଲୋ ମାଆ, ତାକୁ ପୋଛି ଦେଇ ପାରିବା ? ତୁଣ୍ଡଟାରେ ସିନା କହନ୍ତି, ଏ ମନରେ ଭାବିଲେ ସେ ମନକୁ ଛୁଏଁ ? ମତେ ତାହା କେବେ ହେଲେ ସତ ଲାଗେ ନାହିଁ । କନ ! ତୁମେ ତ ହରିଚରଣଙ୍କ କଥା କେତେ ଦିନ କେତେ ଭାବିଲ; ତମ ମନ କଥା କଣ ତାଙ୍କ ମନକୁ ଛୁଇଁଲା ? ହୁଁ କରି ସେ ନାହିଁ କରିଦେଲେ ଏ ମନ କଥା କିଏ ବୁଝିଲା ?

"ବଣ ପୋଡ଼ିଲେ ସଭିଏଁ ଜାଣନ୍ତି; ମାତ୍ର ମନ ପୋଡ଼ିଲେ କେହି ହେଲେ ଜାଣନ୍ତି ନାହିଁ ! ତମେ ଭିତରେ ଭିତରେ ଇମିତି ପୋଡ଼ିଜଳି ମଲେ କିଏ ଜାଣିବ ? ଲୋକେ ଖାଲି ବାହାରେ

ଶୁଣିବେ, ହସିବାର ଥିଲେ ହସିବେ, ନାକ ଟେକିବାର ଥିଲେ ନାକ ଟେକିବେ ! ପୋଡ଼ା ମନକୁ କିଏ ଆହା ବୋଲି କହିବ ନାହିଁ !

'ମୁଁ ମରୁଥିବି ତୋହର ପାଇଁ
ତୋ ଆଖିରେ ଲୁହ ଟୋପେ ନାଇଁ !'

"ମାଆ ମୋର, ଆଜି ମନକୁ ଏତେ ବଡ଼ଧର୍ମୀ କରନା ! ଯେ ନାହିଁ କଲି ସେ ଆମର ନୁହେଁ । ଏ ଖାଲି କପାଳର ଖେଳ ।

"ଗୋଟିଏ କଥା, ସେ ପ୍ରସଙ୍ଗ ତ ଭାଙ୍ଗିଗଲା, ଆଉ ଏକ ପ୍ରସଙ୍ଗ ଆସି ପଡ଼ିଛି । ବାପା ଯାଇଥିଲେ; ମାତ୍ର ତମର ଏ ଅବସ୍ଥା ଦେଖି ତାଙ୍କ ମନ ପିଠା ହୋଇ ଯାଇଛି । ହାତ କାଚ ତମର ବଜ୍ର ହେଉ ଗୋ କନ, ଗଲା କଥା ସବୁ ପାଶୋରି ଦିଅ ।"

କଥାଗୁଡ଼ାକ ଶୁଣି ରାଗରେ ମୋ ମନ ଥରିଲା । ଏତେ କୋହ ଉଠିଲା ଯେ ସହଜରେ ସମ୍ଭାଳି ପାରିଲି ନାହିଁ । ଆଖି ଦୁଇଟା ଲୁହରେ ଛଳ ଛଳ ହୋଇଗଲା । ତାଙ୍କୁ ରାଗ, ଅଭିମାନରେ ଝିଙ୍କାସିଲା ପରି କହିଲି, "ଭାଉଜ, ମୋତେ ଆଉ ଇମିତିକା କଥା କେବେ କହିବ ନାହିଁ । ମୁଁ ଥରେ ବାଈ ହୋଇ ଆଉ ଥରେ କମିତି ବାଈ ହେବି ? ତୁମରି ମୁହଁକୁ ଇମିତି କଥା କମିତି ଆସୁଛି ?"

ଭାଉଜ ତାଟକା ହେଲାପରି କେତେବେଳଯାଏ କେବଳ ମୋ ମୁହଁକୁ ବାଲୁ ବାଲୁ ଗୁହିଁ ରହିଲେ । ସେ ମୋ କଥାର ଅର୍ଥ କିଛି ବୁଝି ପାରିଲେ ନାହିଁ । ଥଙ୍ଗ ଥଙ୍ଗ ହୋଇ ଛେପ ଢୋକି ପକାଇ ପଚାରିଲେ, "କି ଗୋ କନ, କଣ କହୁଛ ? ଇମିତି କଣ

ଜଭ ଲେଉଟାଉଛ ? ପାଠକକୁଳ ହେଲେ ତ ଏଥିକ ଉତ୍ତର ନାହିଁ । ଏଡ଼େ ବଡ଼ କଥା କମିତି ମୁହଁରେ ଧଇଲ ଗୋ ! ବାମୁଣୀ ପର ହେଲେ ଲେକେ ଭାଲ ସିନା ମାଇବେ……।"

"ବାମୁଣୀ ! ନାଇଁ ଗୋ ଭଉଜ, ମୁଁ ବାମୁଣୀ ନୁହେ । ତୁମେ ବାମୁଣୀ ହୋଇଛ —ନ ହେଲେ କ ତୁମେ ଆସି ମୋତେ ଏ କଥା କହନ୍ତ ? ମୁଁ ଯେ ଜୀବନ ଧରି ଶୁଣିଲି, ଏ କଥା ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।"

ଭଉଜଙ୍କ ମୁହଁରୁ ପାଣି ଶୁଖିଗଲା । ସେ ଉତ୍ତର ଦେଲେ ନାହିଁ କି ମୁହଁକୁ ମୁହଁ ଚେକ ଚାହିଁଲେ ନାହିଁ । ତଳେ ନଖରେ ଗାର କାଟି କାଟି କଣ ଭାବି ବସିଲେ । ଏତିକ ବେଳେ ମୁଁ ସେଠୁ ଉଠିଯାଇ ପାଖ ଘରକୁ ପଶିଗଲି । ତା ଆର ଦିନ ଏ କାନ ଯାହା ଶୁଣିଲା, ସେ କଥା ଆଉ କଣ କହିବ ଲୋ ଭଉଣି । ମୋ ନାଁ ଶୁଣିବାମାତ୍ରେ ଶାଇ ମାଇପେ କାନରେ ହାତ ଦେଲେ । ମୋର ଦୋଷ ହେଲା, ମୁଁ ହରିଚରଣଙ୍କୁ ବଶ ହୋଇ ସାରିଛି ବୋଲି କହିଲ । ସ୍ତ୍ରୀ ଜନମ ପାଇ କେଡ଼େ ବଡ଼ ପାପ କରି ବସିଲି ବୋଲି ମୋ ନାଁରେ ହାଣ୍ଡି ବସିଲା ।

ପ୍ରିୟ ରମେଶ,

ବିବାହର ଆୟୋଜନ ବଡ଼ କ୍ଷିପ୍ରଗତିରେ ଚାଲିଛି ବୋଲି ଯେଉଁଦିନ ଗାଁରୁ ଚିଠି ପାଇଲି, ସେ ଦିନ ଡାକରେ—ରୁ ଆଉ ଖଣ୍ଡିଏ ଚିଠି ଆସିଲା । ସେ ଚିଠିଟା ପଢ଼ି ମୁଁ ନିତାନ୍ତ ବିବ୍ରତ ହୋଇ ପଡ଼ିଲି । ସେଥିରେ ପ୍ରଥମରୁ ଲେଖା ଥିଲା—"ତୁମେ ବାଟ ଭୁଲିଲ । କନକକୁ ଯାହା ବୋଲି ଭାବୁଥିଲ, ସେ ତାହା ନୁହେଁ । ସେ ଶିକ୍ଷିତା ଏବଂ ଗୃହକର୍ମନିପୁଣା । ସେ ଲେଖି ଜାଣେ, ପଢ଼ି ଜାଣେ, ଗାଇ ଜାଣେ ଏବଂ କଥା କହି ଜାଣେ । ତୁମର ଏ କାର୍ଯ୍ୟ ଜୀବନର ଏକ ମସ୍ତ ଭୁଲ । ତୁମେ ଜାଣି ଜାଣି କନକକୁ ହତ୍ୟା କରୁଛ, ତୁମେ ପ୍ରତାରକ ପରି କନକ ପାଖରୁ ଚାଲି ଯାଉଛ !..."

ମୋ ବାଲୁକା ହୃଦୟ କ୍ରମେ ଭାରଗ୍ରସ୍ତ ହୋଇ ଆସିଲା । ଯୌବନର ନିଖୁଣ ଛବିରେ ଚିନ୍ତାର ମସୀରେଖା ପଡ଼ିଗଲା । କପାଳକୁ କୁଞ୍ଚିତ କରି ନିର୍ଜନ କୋଠରିଟାରେ ଖଟ ଉପରେ ଚିତ୍ ହୋଇ ପଡ଼ିଗଲି । ଭାବି ବସିଲି, "କନକ ନା ଚଞ୍ଚଳା ? ଏହାର ଉତ୍ତର କିଏ ଦେବ ? ଟେବୁଲ ଉପରେ ବହିଗୁଡ଼ାକ ଗୋଟାକ ଉପରେ ଗୋଟେ ଜମା ହୋଇଥିଲେ । ମୋର ଏ ପ୍ରଶ୍ନର ଉତ୍ତର ସେ କହି ମଧ୍ୟ ଦେଇ ପାରିଲେ ନାହିଁ । ଝରକା ବାଟେ ଶୀତଳ

ପବନ ବହିଆସି ଏ ପ୍ରଶ୍ନର ମୀମାଂସା କରି ପାରିଲି ନାହିଁ । ଗୋଟେ ବହି ମେଲାଇ ଦେଇ ମୁହଁ ଉପରେ ମଡ଼ାଇ ପଡ଼ିରହିଲି ।

ଠିକ୍ ଯେଉଁ ଦିନ ଘରୁ ବିବାହ ଯାତ୍ରାରେ ବାହାରିବା କଥା, ତାର ପୂର୍ବଦିନ କଟକରୁ ଗାଁକୁ ଯାତ୍ରାକଲି । ସେତେବେଳେ ହୃଦୟଟା କିଆଁ ସଂକୁଚିତ ହୋଇ ଆସି ଆମ ଗାଁ ମୁଣ୍ଡ ଝିତପଦା ପରି ପରିତ୍ୟକ୍ତ ଭାବନାର ଉଚ୍ଛିଷ୍ଟରାଶିରେ କବାଡ଼ାର କେଶ ଧରିଥିଲା । ସେଇଟାକୁ ମୋ ଛଡ଼ା ଅବଶ୍ୟ ଆଉ କେହି ଅନୁଭବ କରିପାରୁ ନ ଥିଲେ । ଭାବୁଥିଲି, ଏ ଜୀବନର ଏକ ମସ୍ତ ଭୁଲ୍ ।

ଯେତେ ଚେଷ୍ଟା କଲି ଅନ୍ୟର ଚିନ୍ତାରେ ମନ ଦେବି ବୋଲି, ସେଦିନ ଏକ ପ୍ରଶ୍ନ ବିଜୁଳି ପରି କ୍ଷଣକୁ କ୍ଷଣ ଆସି ମନରେ ଉଦିତ ହେଲା—'ମୁଁ କି ହତ୍ୟାକାରୀ ?' ଏ ତ ବଡ଼ ବିଷମ କଥା । ଇଂରେଜ କବି ସେକ୍ସ୍‌ପିୟରଙ୍କ ମ କ୍‌ବେଥ୍ କାହାଣୀ ପଢ଼ିଥିଲି, ଆଉ କେତେ କେତେ ଅପରାଧୀ ହୃଦୟର ଚିତ୍ର ନଭେଲ୍ ଆକାରରେ ଦେଖିଥିଲି - ମାତ୍ର ପ୍ରତ୍ୟକ୍ଷରେ ତ ସେ ସବୁକୁ ମୋ ନିଜ ହୃଦୟ କଳିଗଲା ! ମୁଁ କନକକୁ ହତ୍ୟା କରି ନାହିଁ, ଅଥଚ ହତ୍ୟା କଲା ପରି ଲାଗିଲା । ମୋର ମନେ ହେଲା, ଜଗତ ଆଗରେ ମୁଁ ଯେପରି ଗୋଟାଏ କିଂଭୂତକିମାକାର ଜୀବ—ମୋତେ ଦେଖି ଜଗତ ଥଟ୍ଟା କରୁଛି, ମୁଁ ହତ୍ୟାକାରୀ ବୋଲି ଜଗତ ଜାଣି ନେଇଛି ।

ଅନ୍ୟ କଥା ମନରେ ଲୁଚିଯାଇ ପାରେ; ମାତ୍ର ମନକଥା ଲୁଚିବ କେଉଁଠି ? ବାହାରର କଥାକୁ କାନରେ ନ ଶୁଣି ରହିପାରେ; ମାତ୍ର କାନ ଭିତରୁ ଯେ ଶବ୍ଦ ତାଚ୍ଛଲ୍ୟ, ଉପହାସ, ଦାରୁଣ ମର୍ମ ବେଦନା ଫୁଟାଇ ବାହାରୁଛି ତାକୁ ନ ଶୁଣି ରକ୍ଷା

କାହ୍ନି ? ଦେଖିଲି ଏସବୁ ଆଗରେ ମୋର କଲେଜର ଧଳାକାନ୍ଥ କଳା ପଡିଗଲା; ବଜ୍ଜ୍ୱଳ ଆଲୁଅ ଶ୍ରାବଣୀ ଅନ୍ଧକାରରେ ପରିଣତ ହେଲା; ଜଡ଼ବିଜ୍ଞାନ, ମନୋବିଜ୍ଞାନର ପଥ ସୁଦ୍ଧା ଲେଉଟିଲା ନାହିଁ । ମୁଁ ବ୍ୟତିବ୍ୟସ୍ତ ହୋଇ ଖାଲି ଅନ୍ଧକାରରେ ଅନ୍ଧକାରରେ ହାତ ଅଣ୍ଡାଳିଲି । କହିଲି, 'କଏ କନକ, କଏ ଚଞ୍ଚଳା !' ଏ କି ବିଭୀଷିକା ! ଶିକ୍ଷାଭିମାନୀ ହରିଚରଣର ଏ କି ହଟହଟା ! ସ୍ତ୍ରୀକୁ ପାଇବା ପାଇଁ କ'ଣ ଶିକ୍ଷା ପାଇଥିଲି ? ମୋର ଶିକ୍ଷିତ ଜୀବନକୁ କେନ୍ଦ୍ର କରି ଜନଶୂନ୍ୟ ଜ୍ୟୈଷ୍ଠମଧ୍ୟାହ୍ନର ତରୁଗହଳରେ ଝିଙ୍କାରିର ଝାଇଁ ଝାଇଁ ଶବ୍ଦ ପରି ମୋତେ ଶୁଭିଗଲା—ମସ୍ତ ଭୁଲ୍—ଭୁଲ୍—ଭୁଲ୍—ଭୁଲ୍ ! ବନ୍ଧୁଙ୍କର ସେ ଛଠିଟା ଆଖି ଆଗରେ ବିଜୁଳି ପରି କ୍ଷଣକୁକ୍ଷଣ ନାଚିଲା । ଯେଉଁ ବିବାହ ମୁହୂର୍ତ୍ତକୁ ବର୍ଷ ବର୍ଷକାଳ ଅପେକ୍ଷା କରି ରହିଥିଲି, ସେ ମୁହୂର୍ତ୍ତ ଯେତିକି ପାଖେଇ ଆସିଲା ମନର ଉଦ୍‌ବିଗ୍ନତା ସେତିକି ବଢ଼ିବାକୁ ଲାଗିଲା ।

ଘରେ ପହଞ୍ଚିବାର ଗୁଡିଏ ଘଣ୍ଟା ପରେ ଶୁଭଯାତ୍ରାରେ ବାହାରିବାକୁ ପଡ଼ିଲା । ରାତିରେ—ସହରରେ ଯାଇ ପହଞ୍ଚିବାକୁ ହେଲା । କେଜାଣି କାହିଁକି ହୃଦୟ ସଙ୍କୁଚିତ ହୋଇ ଆସିଲା । ହଠାତ୍ ଅତର୍କିତରେ ମନେ ମନେ ପ୍ରଶ୍ନ ଉଦିତ ହେଲା, "କୋଉଁ କନକ ?" —ସତେ ଅବା ଯେପରି ମୁଁ ପୁଣି କେତେ ବର୍ଷପରେ କନକକୁ ଦେଖିବାକୁ ଆସିଛି ।

ସେହି ସହର, ସେହି ବାଟ । କେତେ ବର୍ଷ ତଳେ ସେହି ବାଟରେ ଧୂଳି ଧୂସରିତ ପାଦରେ ଜୀବନର ନବ ପାରିଜାତ ଲୋଡ଼ି ବୁଲୁଥିଲି । ଆଜି ସେହି ଛବି ଆଖିରେ ଅଞ୍ଜନ ଦେଲାପରି ଉଜ୍ଜ୍ୱଳ ଭାବରେ ହସି ଉଠିଲା । ବିବାହ ବେଶଭୂଷା ରୁଳଥାଏ, ବାଦ୍ୟ

ବାଜୁଥାଏ, ସେତେବେଳେ ମଧ୍ୟ ବାଟପାଖେ ପାନଦୋକାନ ଦେଖି ଅନ୍ୟମନ ହୋଇ ପଡ଼ୁଥାଏ । କାହାର ହାସ୍ୟରୋଳ ଶୁଣିଲେ ଚମକି ପଡ଼ୁଥାଏ, ଭାବେ—କନକକୁ ପ୍ରତାରଣା କରିଛୁ ବୋଲି ସେ ହସି ଥଟ୍ଟା କରୁଛନ୍ତି କି ?

ବିବାହବେଦୀର ଦୃଶ୍ୟ ! ଓହୋ, ସେ କି ଭୀଷଣ ! ତାହା କାହା ପକ୍ଷରେ ମଧୁମୟ ଯୌବନର ସରସ ସମୁଜ୍ଜ୍ୱଳ ଆସ୍ତରଣ ହୋଇପାରେ; ମାତ୍ର ମୋ ପକ୍ଷରେ ନୁହେ । ସେଠି କେତେ ପ୍ରଣୟୀ ଜଗତର ମଙ୍ଗଳ-ମନ୍ତ୍ର ଶୁଣିପାରେ; କିନ୍ତୁ କି ବିପରୀତ କଥା— ମୋତେ ସେଠି କିଛି ଶୁଣାଗଲା ନାହିଁ—ଖାଲି କାନ ଦୁଇଟା ଝାଁ ଝାଁ ହୋଇ ଉଠିଲା । ଭାବିଲି, ଏ ଅଭିନୟ କନକ ଯେବେ ଦେଖୁଥିବ, ସେ ମୋତେ କଣ ବୋଲି ଭାବୁଥିବ !

ମନେକଲି, ସେହିଠାରେ ମାଟି ସଙ୍ଗେ ମିଶିଯିବା ମୋ ପକ୍ଷରେ ଉଚିତ । ଯେତେବେଳେ ମୋର ଯୌବନରସ-ରଞ୍ଜିତ ରକ୍ତ ତଳତଳ ହାତ ଉପରେ ଆଉ ଗୋଟିଏ କୋମଳ ହାତର ସ୍ପର୍ଶ ଜଣାଗଲା, ସେତେବେଳେ ମୋ ଆଖି ଆଗରେ ବେଦୀଠାରୁ ଅଳ୍ପ ଦୂରରେ ଏକ ହତଭାଗିନୀ ପରିତ୍ୟକ୍ତାର ଚିତ୍ର ନାଚି ଉଠିଲା । କି କରୁଣ ଦୃଶ୍ୟ ସେ ! ହତଭାଗିନୀର କବରୀ ଫିଟି ପଡ଼ୁଛି, ଫୁଲ ଶୁଖିଯାଉଛି, ଓଠ ନିଷ୍ପ୍ରଭ ହୋଇ ଆସିଛି । ଶିଥିଳ ଭାବରେ ଲୁଗାଖଣ୍ଡି ଦେହରେ ଜଡ଼ାଇ ସେହି "ସ୍ଖଳିତ କୁସୁମ ଦରବିଗଳିତ କେଶା" ଦୁଇଟି ଉଜ୍ଜ୍ୱଳ ଆୟତ ଚକ୍ଷୁ କୋଣରୁ ଝର ଝର ଲୁହ ସଙ୍ଗେ ପ୍ରେମ ପ୍ରତିଜ୍ଞାର ଦିବ୍ୟ ରସ ନିର୍ଗତ କରି ପ୍ରକମ୍ପିତ ଓଷ୍ଠପ୍ରାନ୍ତ ତଳେ ଧୀରେ ଧୀରେ କହୁଛି—"ଭୁଲି ପାରିବ ନାହିଁ, ଭୁଲି ପାରିବ ନାହିଁ !"

ମୋ ହୃଦୟ ଭିତରେ କିଏ ଧକ୍କା ଦେଲା । କିଏ କହିଲା, ଏ ତ ତୋର କଥା—ଯୁଗ ଯୁଗ ତ ପ୍ରଣୟୀ ପ୍ରଣୟିନୀ ପାଇଁ ଏହି କଥା କହି ଆସିଛନ୍ତି । ଆଜ ପୁଣି ଏ କଣ ? ଏ କେପାରେ କାହିଁକି ? ତେବେ କଣ କଥା ଭୁଲିଗଲ ?—ମୋ ବିବେକ ମୋତେ ଦଂଶନ କଲା ।

ଝଗ୍‌ଝଗ କମ୍ପିତ କରି ପୁଣି ବାଦ୍ୟ ବାଜି ଉଠିଲା । ମୋର ଜୀବନ-ଯନ୍ତ୍ରକମ୍ପିତ କରି ହୃଦୟମନ୍ଦିର ଥରି ଉଠିଲା । ମୁହୂର୍ତ୍ତିକେ ମୋ ଆଖି ଆଗରୁ ସେ ମୂର୍ତ୍ତି ଲୁଚିଗଲା ସତ; ମାତ୍ର ବାହାରୁ ଯାଇ ଦୃଶ୍ୟରୂପେ ହୃଦୟ ଅଧିକାର କରି ବସିଲା ।

ସେତେବେଳେ ମୋ କଳ୍ପନାମୟୀ ଚଞ୍ଚଳା ? ଚଞ୍ଚଳାର ହାରମୋନିୟମ, ଯୋଡା, ମୋଜା, ଚଷମା ହୃଦୟର କେଉଁ କୋଣରେ ପୁରୋହିତର ବେଦମନ୍ତ୍ର ଉଚ୍ଚାରଣ ସଙ୍ଗେ ସଙ୍ଗେ ଅପରାଧୀ ପରି ଆଶ୍ରୟ ଖୋଜି ବୁଲିଲା !

× × × ×

କ୍ଷୁଦ୍ର ପ୍ରକୋଷ୍ଠ—ଦୀପଟିଏ ମିଞ୍ଜି ମିଞ୍ଜି ଜଳୁଛି । ସେଇଟି ଧର୍ମର ସାକ୍ଷୀ । ସେ ସାକ୍ଷୀ ତ୍ରେତା ଯୁଗରେ ରାମଚନ୍ଦ୍ର ସୀତାଙ୍କ ସଙ୍ଗେ କରିଥିଲେ ବୋଲି ପୁରାଣ କହେ । କ୍ଷୁଦ୍ର ଲେଲିହାନ ଜିହ୍ୱାଟି ହଲାଇ ହଲାଇ ସେ ଦୀପଟି ଯେତେବେଳେ ମୋର ଆଡ଼କୁ ଶିଖା ନତ୍ରଇଦିଏ, ଭାବେ, ସତେ ଅବା ସେ ମୋତେ ଚିହ୍ନାଇ ଦେଇ କହୁଛି, "ଏହି ସେହି ପ୍ରେମିକ ହରିଚରଣ—ଦୁର୍ବଳ ହରିଚରଣ !" ଏ କଥା ଖାଲି ଭାବେ ନାହିଁ, ଆଖିରେ ସଫା ଦେଖେ—ଘରର ଚୂରିପଟୁ କାହାର ହାତ ଯେପରି ମୋତେ ନିର୍ଦ୍ଦେଶ କରି ଦେଖାଇ ଦେଉଛି ।

ଏପରି ସବୁ କାହିଁକି ହେଲା, ରମେଶ ? ଏ ମାୟା କିଏ ? ଆଉ କିଏ ? କାଳୀ ଅବା ସେଥିପାଇଁ ନ ହୋଇଥିଲେ ମୁଁ କନକକୁ ସେପରି କଳ୍ପନା କରି ପାରି ନ ଥାନ୍ତି ! ସେହି ବାଟ, ସେହି ପରିଚିତ ଗଳି, ସେହି ନିତ୍ୟ ସ୍ମରଣୀୟ ସହରରେ ସେହି କଳ୍ପନାକୁ ବାସ୍ତବରେ ପରିଣତ କରିବାକୁ ଯାଇ ମୁଁ ଗୁରୁତର ଭ୍ରମରେ ପଡ଼ିଲି । ମାୟାବିନୀ ପରି କନକ ମୋ ଆଗେ ଆଗେ, ପଛେ ପଛେ ତଳେ ଉପରେ ଦେଖାଗଲା । ସତେ କି ମୁଁ ହତ୍ୟାକାରୀ ! ସତେ କି ମୁଁ ପ୍ରତାରକ !

ଜଗତ୍ ସଂସାର ନୀରବ, ଜୀବନ୍ତ ଜଗତ୍ ଜଡ଼ ପଦାର୍ଥ ପରି ଚେତନା ଶୂନ୍ୟ । ନିର୍ଜ୍ଜନ ନିଶୀଥିନୀ । ସେତିକିବେଳେ ମୋ ପ୍ରାଣ ସେହି କ୍ଷୁଦ୍ର କୋଠରୀ ଭିତରେ ଆଗରେ ଚଞ୍ଚଳା ଓ ପଛରେ କନକ ଛବି ଦେଖି ଛଟପଟ ହେଉଥିଲା—ଚିରକାଳ ପାଇଁ ପୃଥିବୀ ପୃଷ୍ଠରୁ ଲୁଚି ଯିବାକୁ ବାରମ୍ବାର କାମନା କରୁଥିଲା । ଆଉ ଚଞ୍ଚଳା ନା ଚଞ୍ଚଳା ? ସେହି ପରିତ୍ୟକ୍ତା କନକର କଳ୍ପିତ ଛବି ଛଡ଼ା ମୋ ଆଖି ଆଗରେ କ୍ରମେ ଆଉ କିଛି ନାହିଁ । ଏହିପରି ସମୟରେ ଧୀରେ ଧୀରେ ଦ୍ୱାରଟି ଫିଟାଇ ଗୋଟିଏ କ୍ଷୀଣଚ୍ଛାୟା ମୋ ଆଡ଼କୁ ଆସିଲା । ମୋର ବୁକୁର ରକ୍ତ ଶୁଖି ଆସିଲା ପରି ଲାଗିଲା । ଭାବିଲି 'ଚଞ୍ଚଳା ନା କନକ ?' ଚଞ୍ଚଳା ନାଁ ଭାବି ମୋର ହୃତ୍‌ପିଣ୍ଡ ଥରିଲା, କନକ ନାଁ ଧରି ଭୟକାତର ହୋଇ ପଡ଼ିଲି । ଗୋଟିଏ କଡ଼ରେ ଖଟ ଉପରେ ଭରା ଦେଇ ପଡ଼ିଥିଲି, ସେ ଆସି ଖଟ ପ୍ରାନ୍ତରେ ଠିଆ ହେଲା ।

ଏତେବେଳେ ଚଞ୍ଚଳାକୁ କୋଳକୁ ଟାଣି ନେବାକୁ ହାତ ଉଠୁ ନାହିଁ ! ଭାବିଲି, ଏ କିଏ ଭାଗ୍ୟର ମୋ ପ୍ରତି ଛଳନା, ନା

ମୁଁ କନକ ପ୍ରତି ଯେ ଅନ୍ୟାୟ କରିଛି ତାର ପ୍ରତିହିଂସା ! ହାତ ବଢ଼ାଇବାକୁ ଚେଷ୍ଟାକଲା, ହାତକୁ କିଏ ଯେପରି ଅଧା ପଥରୁ ଭିଡ଼ି ରଖି ସନ୍ଦେହରେ ପକାଇଲା, 'କନକ ନା ଚଞ୍ଚଳା ?' ମୁହୂର୍ତ୍ତେ ନିସ୍ତବ୍ଧ ରହିଲା । ସତ୍ୟବାଦୀ ଠାରୁ କଲେଜ ହତା ପର୍ଯ୍ୟନ୍ତ ଜୀବନର ସବୁ କଥା ମନ-ମୁକୁରରେ ଦେଖିଗଲା, ଖୁବ୍ ଦମ୍ଭ ବାନ୍ଧି ସେ ମୂର୍ତ୍ତିକୁ ବୁକୁ ପାଖକୁ ଟାଣି ଆଣିଲା ।

ଭଉଣି,

ସେଠି କେତେ ଦିନ ମୋ କଥା କିଛି ଠିକ୍ ରହିଲା ନାହିଁ । ଗୋଟେ କିଛି କାର୍ଯ୍ୟ କରିବାକୁ ଆରମ୍ଭ କରି ଆଉ ଏକ କାର୍ଯ୍ୟ କରି ବସେ । କିଏ କଣ ପଚାରିଲେ ମୁହଁରୁ ଠିକ୍ ସମୟରେ ଉତ୍ତର ବାହାରେ ନାହିଁ । କେବେ କେବେ ଚମକିଲା ପରି ହୋଇ ଗୋଟିଏ କଥାରେ ଆଉ ଗୋଟେ ଉତ୍ତର ଦିଏ ।

ଏବେ ସବୁ କଥା ଗୋଟି ଗୋଟି ହୋଇ ମନେ ପଡ଼ୁଛି । ସେତେବେଳେ କେହି ମୋତେ ବଡ଼ କଥା କହି ବସିଲେ, ଛେଳିକୁ ପାଣିକୁ ଓଟାରିଲା ପରି ହୁଏ । ହୃଦୟ ଭିତର ସେତେବେଳେ ଖଣ୍ଡ ଖଣ୍ଡ ହୋଇ ହାଣି ହୋଇ ଯାଉଥାଏ, ଆଖିର ଲୁହଧାର ଜମାଟ ବାନ୍ଧି ରହିଥାଏ ।

କେତେ ଦିନ କଟିଗଲା; ମୁଁ କିନ୍ତୁ ସେ ଦିନକୁ ଦିନ ବୋଲି ଜାଣିଲି ନାହିଁ, କି ରାତିକି ରାତି ବୋଲି ବୁଝି ପାରିଲି ନାହିଁ । ଘରେ ମୁହଁ ମାଡ଼ି ପଡ଼ି ଭାବୁଥାଏ, ସଂସାରର ଗୀତ ମାତ । ଲୋକେ କହନ୍ତି—ସଂସାର ହସେ, ମୁଁ କହେ—ମନ ନ ହସିଲେ କେହି ହସନ୍ତି ନାହିଁ । ମନ ନ ହସିଲେ ଫୁଟିଲା ଫୁଲ ମଧ୍ୟ କାନ୍ଦିଲା ପରି ଦିଶେ, କୁଆ, କୋଇଲି, ବଣି, ପାରିଙ୍କ ରାବ ମଧ୍ୟ କାନ୍ଦିଲା ପରି ଶୁଭେ । ଆଉ, ମନ ଯେବେ ଅଛି ଖୁସି, ତେବେ ଶୁଖିଲା ଭୂଇଁ

ଉପରେ ଲୋକ ପହଁରିଯାଏ, ଏ ଠାଙ୍ଗୀ ବରୁଣେଇ ପାହାଡ଼ ଦେହରୁ ମଧ୍ୟ କଳ କଳ ନାଦରେ ଝର ବହିଲାପରି ଜଣାପଡ଼େ । ସଂସାରର ଏହି ଗୀତ ଲୋ ଭଉଣୀ ! ମନ ହେଉଛି ଅସଲ ସଂସାର, ସଂସାର ଆଉ କଛି ନୁହେ । ମନ-ସଂସାର ଆଉ ବାହାର ସଂସାର ଭିତରେ ବଡ଼ ହେଉଛି ମନ-ସଂସାର । ମନ ଥିଲା ବୋଲି ଶକୁନ୍ତଳାଙ୍କ ଲୁଗାକାନିଟା ଭୁଲ୍ଲକୁ କଣ୍ଟାବୁଦାରେ ଲାଗି ଯାଉଥିଲା । ମନ ଥିଲା ବୋଲି ଆଖିରେ ଅନ୍ଧପୁଟୁଳି ବାନ୍ଧି ମଧ୍ୟ ଗାନ୍ଧାରୀଙ୍କୁ ସଂସାର ପ୍ରେମମୟ ଦିଶୁଥିଲା—ଅନ୍ଧୁଣୀ ହୋଇ ସୁଦ୍ଧା ସେ ସବୁ ଦେଖିପାରୁଥିଲେ । ସେହି ହେତୁରୁ କହୁଛି, ମନ ଜଡ଼ ପରି ରହିଲେ ସଂସାରଟା ଆଦୌ ଭଲ ଲାଗେ ନାହିଁ ।

ବାଦ୍ୟ ବାଜଣା କୋଳାହଳ ମଧ୍ୟରେ ଗାଁ ଥରି ଉଠିଲା । ସେଥି ସଙ୍ଗେ ମୋତେ ଜଣାପଡ଼ିଲା, ସମଗ୍ର ସଂସାର ଯେପରି ଥରି ଉଠୁଛି । ଭାବିଲି, ଥରେ ତ ଏ ଜୀବନଟାକୁ ସାମାନ୍ୟ ଥରାଇଥିବାର ଫଳଭୋଗ ସହି ନାହିଁ; ପୁଣି ଏ ଯେ ଆଖି ଆଗରେ ସମଗ୍ର ସଂସାର ଥରିଲାଣି, ସେଥିରେ ଆଉ ରକ୍ଷା କାହିଁ ?

କେତେ କଏ ଆସି ହରିଚରଣଙ୍କ ବାଲ୍ୟକଥା ମୋ ଆଗରେ କହି ବସିଲେ । ପୂର୍ବ କଥା ସବୁ ଗୋଟି ଗୋଟି ହୋଇ ମୋ ମନରେ ପୁଣି ଜାଗି ଉଠିଲା । ପୂର୍ବ ଗୀତ ମୁଁ ପୁଣି ମନେ ମନେ ଗାଇ ବସିଲି । ପିଲା ଦିନର ସଂସାରକୁ ମୁଁ ପୁଣି ଫେରିଗଲି । ସେହି ମୋର କଶୋରୀ ଜୀବନରେ ଯେତେ କଥା ମନେ ମନେ ଭାବୁଥିଲି ସେ ସବୁକୁ ପୁଣି ଭାବି ନୀରବରେ ବସି ରହିଲି । ସନ୍ଧ୍ୟା ଆସିଲା । ପଶ୍ଚିମ ଆକାଶର ନାଲିଆ କପାଳରେ ଶୁକ୍ର ତାରାଟି ଉଇଁ ହସିଲା । ମୋ ହୃଦୟ-ଆକାଶରେ ଆଉ ତାରା ହସିଲେ ନାହିଁ ।

ମୁଁ ଅନ୍ଧାର ରାଜ୍ୟରେ ବୁଡ଼ି ରହିଲି । ସେ ରାତିକ ଆଜିକି କେତେ ବର୍ଷ ତଳର ରାତି ।

ପ୍ରିୟ ରମେଶ,

ମୁଁ ଜନକକୁ ପରିତ୍ୟାଗ କରି ଇଞ୍ଜଳାକୁ ବିଭାହେଲି । ଏହା ପରେ ମୋ ଜୀବନର ପ୍ରେମ-ବସନ୍ତ କ୍ରମେ ମାନ୍ଦା ପଡ଼ି ଆସିଲା ।

ଜୀବନରେ ଯୌବନ ଯେପରି ଥରେ ଆସେ, ପ୍ରେମ ମଧ୍ୟ ଥରେ ଦେଖାଦିଏ । ଜୀବନ-ମନ୍ଦିରରେ ପ୍ରେମର ଆଲୋକ ଯୌବନ ଦେବତାର ପୂଜାପାଇଁ । ଦେବତାଙ୍କ ଆବିର୍ଭାବ ମୁହୂର୍ତ୍ତରେ ପୂଜାର ଆଲୋକ ଦରକାର । ସେ ପୂଜା ସରିଲେ ଆଲୋକ ଲିଭିଯାଏ । ପୁଣି ସେ ଆଲୋକକୁ ମର୍ତ୍ତ୍ୟର ଉପାଦାନରେ ଆଉ ଜାଳି ହୁଏ ନାହିଁ । ତେଣୁ ଏତିକି କହୁଛି ରମେଶ, ମୁଁ ପୂର୍ବପରି ଆଉ ପ୍ରେମର ଆଲୋକ ଦେଖିବାକୁ ପାଇଲି ନାହିଁ । ପୂଜା ପୂର୍ବରୁ ସେ ଆଲୋକ ମ୍ଳାନ ପଡ଼ିଯାଇଛି ।

ପ୍ରେମର ସେ ଆଲୋକମୟ ମୁହୂର୍ତ୍ତ ବଡ଼ ଗୌରବମୟ । ଏହି ପ୍ରେମପାଇଁ ମନୁଷ୍ୟ ସଂସାରର ଦୁର୍ଭେଦ୍ୟ, ଦୁର୍ବାର ସ୍ଥାନକୁ ଯିବା ଲାଗି ଡାକିଲେ ହେଲେ ଅସମ୍ଭବ ମନେ କରେ ନାହିଁ । ଏଥିପାଇଁ ପ୍ରେମପଥର ଯାତ୍ରୀ ନିବିଡ଼ ଅରଣ୍ୟ ଭିତରେ ଯେପରି କୂଳପାରେ, ମରୀଚିକାମୟ ମରୁଭୂମି ଉପରେ ସେହିପରି ଖେଳିପାରେ । ସେ

ବାତାବର୍ତ୍ତରେ ନାଚିପାରେ, ଶୂନ୍ୟରେ ଦୋଳିପାରେ, ମୃତ୍ୟୁର କରାଳ ଗହ୍ୱର ଭିତରେ ମୁଣ୍ଡ ପୂରାଇ ପାରେ—ସେ ଲାବଣ୍ୟବତୀର ସୁରସିକ ନାୟକ ହୋଇପାରେ, ଗଳାରେ ଭିକ୍ଷାଝୁଲି ଧରି ସଂସାରରେ ବୁଲିପାରେ । ଉଜ୍ଜ୍ୱଳ ଚନ୍ଦ୍ରାଲୋକ, ଲୋହିତ ଉଷାଲୋକ କମ୍ବା ପ୍ରଖର ମଧ୍ୟାହ୍ନ ଆଲୋକ ତା ପକ୍ଷରେ ସମାନ । ସଂସାରର ପିଚ୍ଛିଳ ପଥରେ ସେ ନିର୍ଭୟରେ ପାଦ ପକାଇପାରେ, ନାବିକ-ବିହୀନ ନୌକା ଉପରେ ବସି ହସି ହସି କାତ ମାରିପାରେ··· ତୁମେ କେବେ ଏପରି ପ୍ରେମପଥର ଯାତ୍ରୀ ହୋଇଛ, ରମେଶ !

ମୁଁ ହୋଇଛି; ମୁଁ ଏହିପରି ଭାବରେ ପ୍ରେମର ଭିନ୍ନ ଭିନ୍ନ ସ୍ୱରୂପ ଦେଖି ପାରିଛି । ରମେଶ, ତୁମେ ସେ ଯୁଗର ଶାସ୍ତ୍ର ପଢ଼ିଛ, ଏ ଯୁଗର ନଭେଲ୍ ମଧ୍ୟ ପଢ଼ିଛ; କିନ୍ତୁ ମୋ ପରି ଯୁବକର ଜୀବନ-କାବ୍ୟ କେବେ କେବେ ପଢ଼ିଛ କି ? ଯଦି ପଢ଼ିଥାଅ, ତେବେ ଜାଣି ପାରିବ, ଏ କେତେ ନିରାଟ, କେତେ ସତ୍ୟ ! ସେ କଳ୍ପନାର କଥା, ଏ ବାସ୍ତବ କଥା । ପ୍ରାରମ୍ଭ ଯୌବନର ପ୍ରାରମ୍ଭ ପ୍ରେମ ହୃଦୟର କି ଅନ୍ତରତମ ପ୍ରଦେଶରୁ ବାହାରେ, ସେ କଥା ମନେ ମନେ ଭାବ ।

ମୁଁ ଆଜି ଏସବୁ କଥା ଭାବି ଦେଲା ବେଳେ ମୋ ପ୍ରାରମ୍ଭ ଯୌବନର ଲୀଳାଭୂଇଁ ସନ୍ଧ୍ୟାବାଗର ବଉଳବଣକୁ ଫେରିଯାଉଛି । ସେଠାର 'ଡ: ବ୍ଲକ୍'ର ସିଦ୍ଧ-ବକୁଳ ପଥର କାନ୍ଥକୁ ଆଉଜି ହତାଶ ଭାବରେ ବସିପଡ଼ୁଛି । ଦେଖୁଛି, ଜୀବନର ସେ ପାଖେ କନକ, ଜୀବନର ଏ ପାଖେ ଚଞ୍ଚଳା—ସେ ପାଖେ ପ୍ରେମର ଇନ୍ଦ୍ରଧନୁ, ଏ ପାଖେ ପ୍ରେମର ଇନ୍ଦ୍ରଜାଲ ! ପ୍ରେମକୁ ଚିହ୍ନିବାକୁ ମୋତେ ଦଶ ବର୍ଷ ଲାଗିଲା, ତଥାପି ଠିକ୍ ପଥ ପାଇଛି କି ଭୁଲ୍ ପଥ ପାଇଛି ସେ କଥା ଆଲୋଚନାରେ ଦିନ ଯାଉଛି । ଏବେ ଚଞ୍ଚଳାକୁ ବାହୁ ବନ୍ଧନରେ ଧରିଲା ବେଳେ ହୃଦୟ ଭିତରେ ଆଉ ଏକ ବନ୍ଧ ସୃଷ୍ଟି-

ହେଉଛି, ଚଞ୍ଚଳାକୁ ହସି ହସି କଥା କହିଲା ବେଳେ ଆଜି କାହାର ପରିତ୍ୟକ୍ତ ବ୍ୟଥିତ ପ୍ରାଣର ହାସ ମୋତେ ବିଚଳିତ କରିଦେଉଛି । ମୁଁ କି ଭୁଲ୍ କରିଛି !

ଲେଖିଛ, "ଏ ତୁମର ରହସ୍ୟମୟ ଚିଠିସବୁ ପଢ଼ି ହସ ଲାଗୁଛି ।" ବାସ୍ତବିକ୍ ହସ ଲାଗିବା କଥା । ମୁଁ ନାୟକ ରୂପେ ରହି ଜୀବନ ଯୌବନର ରହସ୍ୟମୟ ଉପନ୍ୟାସ ଭିତରେ ଯେତେ ଯେତେ କାଣ୍ଡ ଘଟାଇଗଲି, ତାହା ଏବେ ମଧ୍ୟ ମୋ ପକ୍ଷରେ ହାସ୍ୟ-ରହସ୍ୟର ବିଷୟ ହୋଇ ରହିଛି । ତୁମ ପକ୍ଷରେ ହେବା ତ ସହଜ କଥା ।

ଆଜି ଶାନ୍ତି ନାହିଁ ରମେଶ, ଶାନ୍ତି ନାହିଁ । ପ୍ରେମକୁ ଖୋଜି ଖୋଜି ମଲି, ଶାନ୍ତି ପାଇଲି ନାହିଁ । ଏବେ ପ୍ରେମିକ ହେବାକୁ ଅଣ୍ଟା ଭିଡ଼ି ବସି ମଧ୍ୟ ଶାନ୍ତି ପାଉ ନାହିଁ । ଜଗତ ମୋତେ ଥଟ୍ଟା କରନ୍ତା, ଜନସମାଜ ମୋତେ ଉପହାସ କରନ୍ତା, ସେଥିକି ମୋର ଚିନ୍ତା ନ ଥିଲା । ମୋ ହୃଦୟ ଯେ ମୋତେ ଥଟ୍ଟାକଲା, ମୋ ଭାବନା ଯେ ମୋତେ ଉପହାସ କଲା, ଏଥିରୁ ଆଉ ଶାନ୍ତି କାହିଁ, ଏଥିରୁ ଆଉ ମୁକ୍ତି କାହିଁ ?

ବନ୍ଧ ହୋଇଛି ଏବଂ ସଙ୍ଗେ ସଙ୍ଗେ ଆଉ ଜଣକର ବିବାହ ବେଦୀରେ ଶ୍ମଶାନ ଚିତା ଜାଳି ଦେଇଛି—ମୁଁ ହସି ହସାଇ ଆଉ ଜଣକର ଆରକ୍ତ ଅଧରଦେଶକୁ ଜଡ଼ ଜଡ଼ି ଦେଇଛି—ମୁଁ ଗୀତ ଗାଇବାକୁ ବସି ଅନ୍ୟର କଣ୍ଠ ରୋଧକରି ପକାଇଛି ! ବୁଝିପାରୁଛ ରମେଶ, ସେ କିଏ ? ସେ କନକ ! କନକର ତପ୍ତ ନିଶ୍ୱାସରେ ମୁଁ ମୋ ପାଇଁ ମଳୟ ସୃଷ୍ଟି କରିବାକୁ ବସିଲି··· ଅସମ୍ଭବ··· ଅସମ୍ଭବ ।

ଏ ଦେଶର ଶାସ୍ତ୍ରକାର ଲେଖିଗଲେ, ବିବାହିତ ଅବିବାହିତାକୁ କେଉଁ ପ୍ରେମଚକ୍ଷୁରେ ଦେଖିବେ ନାହିଁ । ମୋ ପରି ଅବସ୍ଥାରେ

ପଢ଼ିଥିଲେ ସେ ବୋଧହୁଏ ଏତେ ବଡ଼ ନିଷ୍ଠୁର କଥାକୁ ଶାସ୍ତ୍ରରେ ସ୍ଥାନ ଦେଇ ପାରି ନ ଥାନ୍ତେ । ମୁଁ ସେ ନିୟମ ଲଙ୍ଘନ କରି ଖାଲି ଯେ ଭାବିଲି, ତାହା ନୁହେଁ, ଅବିବାହିତା ପାଖକୁ ଚିଠି ମଧ୍ୟ ଦେଲି । ଓହୋ, ମୋ ଜୀବନଟାରି ତଳେ, ଉପରେ ଗୁରୁପଟେ ସେ କଠିନ ସମସ୍ୟା କାଠଯୋଡ଼ିର ପଥରବନ୍ଧ ପରି ଘେରି ରହିଛି ! ପଥର ବନ୍ଧ ହେଲେ ଛିଡ଼ିଯାନ୍ତା—ଏ ଜୀବନ-ନଈର ନାଁ ଲୋପ ହୋଇଯାନ୍ତା !

କନକକୁ ଧରି ଯେ ବସନ୍ତ-ନିବାସ ତୋଳିବି ବୋଲି କଳ୍ପନା କରିଥିଲି ଏପର୍ଯ୍ୟନ୍ତ ତାହା କରି ପାରି ନାହିଁ, କରି ପାରିବି ନାହିଁ, ଦେଖୁଛି । ସେ ଉପଭୋଗ ପାଇଁ ଆଉ ବେଳ କାହିଁ ?

ହଠାତ୍ ଦିନେ—ତୁ ଚିଠି ପାଇଲି, କନକ ଅବିବାହିତା ରହିବ, କନକ ସନ୍ନ୍ୟାସିନୀ ହେବ······ଇତ୍ୟାଦି । କାହିଁକି ? କାହାପାଇଁ ? ବୁଝିବାକୁ କି ଆଉ ବାକି ଅଛି ?

ସେ ଚିଠିଫଳରେ ଏ ପ୍ରେମପାଗଳ ହରିଚରଣ ଏବେ ନିପଟ ପାଗଳ ହୋଇ ସଂସାରର ରହସ୍ୟକୁ ଦେଖା ପରି କେବଳ ଚାହିଁ ରହିଛି । ଏକ ଅସହାୟା ନାରୀର ହତାଶ ପ୍ରାଣର ଅଭିଶାପକୁ ପ୍ରତି ମୁହୂର୍ତ୍ତରେ ଅପେକ୍ଷା କରି ବସିଛି । ସଂସାରର ଏକ ଧାରରେ ବସି ମୁଁ ଦେଖୁଛି—ଏ ଚରାଚରବାସୀ ଜୀବଜନ୍ତୁଙ୍କର ଏ କି ଲୀଳା ! ମୋ ପରି କି ସମସ୍ତେ ଜଣକ ପଛରେ ବୁଲି ବୁଲି, ବାଟ ଭୁଲି କ୍ଳାନ୍ତହୋଇ ପଡ଼ିଛନ୍ତି ! କାହିଁ, କେହି ହେଲେ କେବେ ସ୍ଥିର ହୋଇ ବସୁ ନାହିଁ । ବୋଧହୁଏ, ମୋରି ପରି ପାଗଳ ହୋଇ ଏ ଦେଶର ଜଣେ ଯୁବକ ଏହି ଭାବରେ ଲେଖିଛନ୍ତି—ଲକ୍ଷ ଲକ୍ଷ କୋଟି କୋଟି ନରନାରୀଙ୍କର ଏହି ଅବସ୍ଥା । ପ୍ରଭାତରୁ ଉଠି ସାରା ପାର୍ଶ୍ୱ ଜନ କେତେ କଣ ଆଶା ନେଇ ଲୋକେ ବୁଲୁଛନ୍ତି ଏବଂ

ସନ୍ଧ୍ୟା ହେଲେ ଅବସନ୍ନ ହୃଦୟରେ ଘରକୁ ଫେରୁଛନ୍ତି ! ସେତେବେଳେ ସକଳ ଆଶା ଉତ୍ତେଜନା ଅସ୍ତଗାମୀ ସୂର୍ଯ୍ୟର କିରଣ ଭଳି ମଳିନ ପଡ଼ି ଆସୁଛି······ପୁଣି ଆଶା ଧରି ପ୍ରଭାତରୁ ଉଠୁଛନ୍ତି । ଏ କି ଖେଳ !······ଜନ୍ମ ଦିନରେ ଏ ଆନନ୍ଦ ଉତ୍ସବ, ମୃତ୍ୟୁ ଦିବସରେ ପୁଣି ହାହାକାର ! ଦିବସରେ ବିଶ୍ୱମୟ ଆଲୋକ ଲୀଳା, ରାତିରେ ନିବିଡ଼ ଅନ୍ଧକାର ! ଏ ପଥରେ କିଏ କେତେ ଭାବରେ ଚାଲିଛି । କିଏ ଚିର-ଜୀବନର-ଯାତ୍ରୀ ଆଶାର ସାମାନ୍ୟ କ୍ଷୀଣ ଆଲୋକ ଧରି ଜୀବନ ମାର୍ଗ ବହୁଛି, କିଏ ଭଗ୍ନ ଆଶାରେ ଧରଣୀତଳେ ଲୋଟି ପଡ଼ୁଛି, କିଏ ଆଜି ହୃଦୟ ଆବେଗରେ ଅନ୍ୟକୁ କୋଳ ମଧ୍ୟକୁ ଟାଣି ଆଣି କାଲି ପୁଣି ନିଷ୍ଠୁର ଘୃଣାରେ ପାଦରେ ଦଳି ଚାଲି ଯାଉଛି ! ଆଜିର ଛଳ ଛଳ ଯୌବନମଦିରା ପାନ କରିବାକୁ କେତେ ପ୍ରେମର ହାଟ ବସୁଛି; କାଲି ପୁଣି ଏ କି ନାଟ, ଶୂନ୍ୟହସ୍ତରେ ସେହି ଯୌବନ-ଦୁଆରରେ ହତାଶର କି ଦୀର୍ଘ ଶ୍ୱାସ ! ଯୌବନ-ରସ ନିଃଶେଷ ହେଲେ ସେ କି ଅବସାଦ ! ଆଜିର ପୂଜାମନ୍ଦିରରେ କାଲି ପୁଣି ଶ୍ମଶାନର ଚିତାନଳ······ ସଂସାରର ଏ ସକଳ ଲୀଳା ଭିତରେ ମୋ ସ୍ଥାନ ମୁଁ ବାଛି ନେଲିଣି, ଯୌବନ-ମଶାଣିର ଏକ କୋଣରେ ଦିନେ ମୁଁ ମୋର ବସା ବାନ୍ଧିବି; ସେ କଥା ପରେ ଜଣାଇବି ।

ଚଞ୍ଚଳାକୁ ସିନା ଦିଶା ହେଲା; କିନ୍ତୁ କନକର ଦୁଃଖ ଯନ୍ତ୍ରଣା ପାଇଁ ଦାୟୀ କିଏ ? କନକର ଆରତି-ମନ୍ଦିରରେ ଅହରହ ଶ୍ମଶାନ ଚିତା ଜଳିଲା କାହା ଲାଗି ? କନକର ଯୌବନ-ଫୁଲକୁ ମୂଳ କରି କିଏ ପୁଣି ତାକୁ ପାଦରେ ଦଳିଲା ? କନକକୁ ଆଜି ଆଦରରେ ଡାକି କାଲି ପୁଣି ନିଷ୍ଠୁର ଭାବରେ କିଏ ତାଡ଼ନା ଦେଲା ? କନକକୁ ଚନ୍ଦ୍ର ରାତିରେ ହସାଇ କିଏ ପୁଣି ଅନ୍ଧାର ରାତିରେ କନ୍ଦାଇଲା ?···

ଏ ସବୁ ମୋର ହୃଦୟର ପ୍ରଶ୍ନ—ଏଥିପାଇଁ ମୋ ହୃଦୟ ଭିତରୁ ଅକୁଣ୍ଠିତ ଭାବରେ ଉତ୍ତର ଆସୁଛି···ମୁଁ ···ମୁଁ···ମୁଁ···!

ଏହିପରି ସମସ୍ୟାରେ ପଡ଼ି ମୋ ପରିତ୍ୟକ୍ତା କନକ ପ୍ରାଣରେ ଆଶ୍ୱାସନା ଦେଇ ପାରିବ କି ନାହିଁ ବଗୁଚିଲି। ଖଣ୍ଡିଏ ଚିଠି ଲେଖିଲି। ଲେଖିଲାବେଳେ ଆକାଶ ପାତାଳ ଭାବନାକୁ ପଡ଼ିଲି। କନକ ପାଖକୁ ଚିଠି ଲେଖିବାର ଏ ବେଳ ନୁହେଁ, କନକ ବିଷୟରେ ଭାବିବାର ଏ ସମୟ ନୁହେଁ। ଚଞ୍ଚଳାକୁ କୋଳରେ ଧରି କନକକୁ ପାଖକୁ ଡାକିବା କନକ ପ୍ରତି ଅପମାନ ଓ ମୋ ପ୍ରତି ପରିହାସର କଥା। ତଥାପି ଲେଖିଲି—ଏ ପତିତକୁ ମନରୁ ପୋଛି ଦେଇଥିବ, ଜାଣୁଛି। ଯେତେ ଦୁଃଖ, ଯେତେ ଦୁର୍ଦ୍ଦଶା, ଯେତେ ଅଶାନ୍ତି ଭିତରେ ବୁଡ଼ିଛ, ସେ ସକଳର ମୂଳ ଏହି ହତଚରିଣ। ଏହି ନିଷ୍ଠୁର ପୁରୁଷ ତୁମରି ପରି ଅବଳା ପ୍ରାଣରେ ଚିତାନଳ ଜାଳିଛି। ତୁମର ହୃଦୟରେ ଆଶାର ଆଲୋକ ଥିଲା ବେଳେ ତୁମେ ମୋର ହୋଇଥିଲ, ଆଜି ଆଶାର ଚିତାନଳ ଜଳିଲା ବେଳେ ମଧ୍ୟ ମୋର ହୋଇଛ ବୋଲି ଭାବୁଛି। କାରଣ ଏ ଚିତାନଳ ମୋହରି ହାତରେ ଜଳା। ମୁଁ ତୁମକୁ ବରମରା କରି ସଂସାରର ଅପନ୍ତରା ବାଟରେ ପକାଇ ଦେଇ ଆସିଛି। ଉଠ! ପାର୍ଶ୍ୱ ସଂସାର-ପଥ ପଡ଼ିଛି। ଗୁଲ ମୋତେ ଆଉ ଫେରି ଚାହଁ ନାହିଁ। ଦିନେ ଏ ହୃଦୟକୋଣରୁ ତୁମକୁ ମୁଁ ଚେଷ୍ଟାକରି ମଧ୍ୟ ପୋଛି ପାରି ନଥିଲି, ଆଜି ମଧ୍ୟ ପୋଛି ପାରୁ ନାହିଁ। ଜୀବନଟାକୁ ଆଉ ପଥର ପରି ନ କରି ବାଟ ଚାଲିଯାଅ······ ବିଦା ହୁଅ!

······କେତେ କଣ ଲେଖିଲି, ସେତେବେଳେ ଦୁଃଖ ଆବେଗରେ କଲମ ଚଳାଇଥିଲି।

ରମେଶ, କନକ ଯେ ସାହସର ଏକ ଅଗ୍ନିପିଣ୍ଡ, ତା ମୁଁ ଏତେ ଦିନେ ବୁଝିଲି ଏବଂ ସଙ୍ଗେ ସଙ୍ଗେ ମୋ ଦୁର୍ବଳତା ବୁଝିପାରି ଚଞ୍ଚଳାର ପଣତକାନିରେ ମୁହଁ ଲୁଚେଇବାକୁ ଇଚ୍ଛା କଲି । ମୁଁ ଉତ୍ତର ଆଶା କରି ନ ଥିଲି; କିନ୍ତୁ ସେ ଉତ୍ତରରେ ଲେଖିଲା—

"ଏ ବଡ଼ ଅନ୍ୟାୟ । ତୁମେ ବିଭା ହୋଇଛ, ଭଲ କଥା । ମୁଁ ବିଭା ହେବି କି ନାହିଁ, ସେଥିରେ ତୁମର ଯାଏ ଆସେ କ'ଣ ? ପୁରୁଷ ହୋଇ ଏପରି କଥା ଲେଖି ଏତେବେଳେ ମୋତେ ଜଣାଇବା ତୁମର ଉଚିତ ନୁହେଁ । ଯେ ଭାବରେ ମୋତେ ଦଳି ଦେଇଛ, ସେହି ଭାବରେ ଦେଖ । ଅନ୍ୟ ଭାବରେ ଦେଖିଲେ ମୋ ଦୁଃଖ ଯେ ବଢ଼ିବ । ମୁଁ ଆଜି ଆଶା, ଆଶ୍ୱାସନା, ସ୍ନେହ ପାଇବାକୁ ଇଚ୍ଛା କରୁ ନାହିଁ । ଯେଉଁ ପାଦ ମୋତେ ଦଳି ଦେଇଛି, କେବଳ ସେହି ପାଦକଥା ଚିନ୍ତୁଛି । ସେ କପରି ପାଦ...ତା ଚିହ୍ନ ମୋର ସର୍ବାଙ୍ଗରେ ଅଛି । କିନ୍ତୁ ମୋର କୌଣସି ଚିହ୍ନ ତ ତୁମ ହୃଦୟରେ ନ ଥିବା କଥା । ମୋ ବିଷୟରେ ଏପରି ଭାବିବା ଉଚିତ ନୁହେଁ........."

ଏ ତ ଚିଠିର ଉତ୍ତର ନୁହେଁ, ଏ ଅନୁତପ୍ତ ପ୍ରାଣକୁ ନିଷ୍ଠୁର ବଜ୍ରବାଣ ଚିଠିଟା ପଢ଼ିସାରି କେବଳ ଅନ୍ତରାତ୍ମାକୁ ଜଣା କଲି— ଦୀର୍ଘ ଶ୍ୱାସ ଛାଡ଼ି ଭଗବାନଙ୍କୁ ଡାକିଲି ।

ସଂସାର ! ସମାଜ ! ବିବାହ !......ଏଣିକି ମୋ ପକ୍ଷରେ ଏସବୁ କୁହେଳିକାମୟ ! ବିଚାରିଥିଲି, ସଂସାରରେ ରହିବାକୁ ହେଲେ ବିବାହ ଛଡ଼ା ଆଉ ଭଲ ବନ୍ଦୋବସ୍ତ ହୋଇ ନ ପାରେ; କିନ୍ତୁ ସେ ବିବାହଟାର ସ୍ୱରୂପ କପରି ? ଯେଉଁମାନେ ମନେ କରନ୍ତି ଯେ, ବିବାହଟା ଏକ ବ୍ୟବସାୟ ଛଡ଼ା କିଛି ନୁହେଁ, ସେମାନେ

କେବଳ ତୁଚ୍ଛ ଜଡ଼ ସ୍ୱାର୍ଥ ଉପରେ ଗୃହ ସଂସାର ଗଢ଼ିବାକୁ ଇଚ୍ଛା କରନ୍ତି, ପଥର ଚପୁଡ଼ି ପାଣି ପାଇବାକୁ କାମନା କରନ୍ତି । ସେ ବିବାହରେ ଭାବପ୍ରବଣତା ଆଦୌ ନାହିଁ । ସେଥିର ପ୍ରେମ ସାହାରା ମରୁଭୂମିର ଶୁଖିଲା ପବନଠାରୁ ଆହୁରି ଶୁଖିଲା । ସେପରି ବିବାହର ଧ୍ୱଂସ ନିଶ୍ଚୟ । ଦୁଇଟା ପ୍ରାଣର ପୂରା ମେଳ ନ ହେଲେ କି ବିବାହ ହୁଏ ? ପୂର୍ଣ୍ଣିମା ଓ ଅମାବାସ୍ୟା ମଧ୍ୟରେ ଯେ ପ୍ରଭେଦ, ହୃଦୟର ବିବାହ ଏବଂ ଟଙ୍କା ଦିଆନିଆ ବିବାହ ମଧ୍ୟରେ ଠିକ୍ ସେହି ପ୍ରଭେଦ ।

ମୋର ବିବାହ ଗଢ଼ ଗଢ଼ ଏହିପରି ଆକାର ଧରିଛି । ଏକ ପ୍ରାଣ ଅନ୍ୟକୁ ଲୋଡ଼ୁଛି; କିନ୍ତୁ ସେଥିରେ କି ଭୁଲ୍ ରହିଲା, ଦୁଇଟା ପ୍ରାଣ ପରସ୍ପର ଖାପ ଖାଇଲା ନାହିଁ । ଏ ସଭ୍ୟଯୁଗର ଜଣେ ନାରୀ କହିଛନ୍ତି—ସୌନ୍ଦର୍ଯ୍ୟବୋଧ, ଆଶା, ମମତା, ଚିନ୍ତା ପ୍ରଭୃତି ଛଡ଼ା ଜୀବନ ଯେପରି ଅସାର ଓ ନୀରସ ହୋଇପଡ଼େ, ସ୍ୱାମୀ ସ୍ତ୍ରୀ ଭିତରେ ଗାଢ଼ ପ୍ରେମ ନ ହେଲେ ବିବାହ ସେହିପରି ଅସାର ଓ ନୀରସ ହୋଇଯାଏ । କେବଳ ଯୌନ ପ୍ରେମ ଥିଲେ ଯେ ବିବାହ ପରିପୂର୍ଣ୍ଣ ହୁଏ, ଏ କଥା ଭୁଲ୍ । ପ୍ରେମର ତାରତମ୍ୟ ଅଛି । ଯେଉଁଠାରେ ପ୍ରେମ କେବଳ ଯୌନ ବ୍ୟାପାରରେ ଲିପ୍ତ, ସେଠାରେ କୁଫଳ ନିଶ୍ଚୟ ଫଳିବ, ଏଥିରେ ସନ୍ଦେହ ନାହିଁ ।

ମୋ ପ୍ରେମ ଏହିପରି, ମୁଁ ବର୍ତ୍ତମାନ ଏହି ଅବସ୍ଥାରେ ପଡ଼ି ଛଟପଟ ହେଉଛି, ରମେଶ ! ମୁଁ ଆଜ ଯଶ, ଧନ, ମାନ, ଜ୍ଞାନ କିଛି ଲୋଡ଼ୁ ନାହିଁ—ଲୋଡ଼ୁଛି କେବଳ ଶାନ୍ତି । ଆଜ ଶାନ୍ତି କାହିଁ ? ଥରେ ସେହି ଆଦ୍ୟ ଯୌବନ ସଂସାରକୁ ଫେରି ଯାଆନ୍ତି କି ! ସେହି ସରସ ଜୀବନର ସମାଧି ସେହିଠାରେ ହୋଇଥାନ୍ତା କି ! କାହିଁ, ସଂସାରର ଅଜଣା ଅନ୍ଧାର ଭିତରେ ଆଜ କୁଆଡ଼େ

ଅଣ୍ଡାଳିବ ? ଯେ ଜଣା ଯାଉ ନାହିଁ, ଯେ ବୁଝା ଯାଉ ନାହିଁ, ତା ପଛରେ ଆଉ କେତେ କାଳ କେତେ ବାଟ ଗୋଡ଼ାଇବ ? ଗୋଡ଼ାଇଲ କନକକୁ, ଗୋଡ଼ାଇ ଭେଟିଲ ଚଞ୍ଚଳାକୁ । ତେବେବି ବାଟ ସରିଲା ନାହିଁ । କନକ ପାଖରେ ଠିଆ ହୋଇ ଅନ୍ୟ ଆଡ଼େ ଆଖି ଫେରାଇଥିଲ । ସେତେବେଳେ ସବୁ ଆଡ଼ ମଧୁମୟ ଦିଶୁଥିଲା । ଏବେ କନକକୁ ଛାଡ଼ି ଚଞ୍ଚଳାକୁ ଧରି ଚାରି ଆଡ଼କୁ ଚାହୁଁଛି; ସବୁ ସବୁ ଭିତରେ ସେହି ପରିତ୍ୟକ୍ତାର ଛବି ଦିଶୁଛି । ସେତେବେଳେ ପ୍ରେମର ଦୋଳା ପଡ଼ିଆରେ ବୁଲୁଥିଲି, ଏବେ ଭୟରେ ଭୟରେ ଶଙ୍କିତ ଭାବରେ ଚାଲିଛି । ହୃଦୟ ମୂଲ ସଙ୍ଗେ ଟଙ୍କାର ମୂଲ ! ଛି, ଛି, ଟଙ୍କା ଗଣୁ ଗଣୁ ଯୌବନ-ପାଣି ଯେ ଶୁଷ୍କ ହୋଇ ଯାଉଛି ।.........ମୋ ପ୍ରେମ-ଜଗତଟା ତେବେ କଣ ଛଳନାର ପଛ ଧରି ଚାଲିଛି !

କାଳି ଥିଲା, ଆଜି ଯାଉଛି, ଏହି କି ପ୍ରେମ ? ପ୍ରେମ କଣ ଏତେ କ୍ଷଣସ୍ଥାୟୀ ? ପ୍ରେମ କଣ ଏତେ ଆବିଳ ? ନା, ନା, ଏ କୋଳାହଳମୟ ବିପୁଳ ବିଶ୍ୱରେ ସେ ନିତ୍ୟପବିତ୍ର । ଆବିଳ ସୃଷ୍ଟିରେ ସେ ବଢ଼େ ନାହିଁ । ଏ ଦେହର ଖଣ୍ଡିକ ପାଉଁଶ ମୁଠାଏ ହେଲେ ମଧ୍ୟ ସେ ଧ୍ୱଂସ ହୁଏ ନାହିଁ । ସେ ଚିରଆଲୋକମୟ । ତାର ରାତି ନାହିଁ, ଦିନ ନାହିଁ, ସବୁବେଳେ ସେ ରସମୟ । ସେ ଅଶ୍ରୁ ରୂପେ ଝରିପଡ଼େ, ସେ ହାସ୍ୟ ରୂପେ ଖେଳେଇ ହୋଇଯାଏ, ସେ ଫୁଲସୌରଭ ରୂପେ ଉଡ଼ି ବୁଲେ ।

ବୁଝିଛି, ବୁଝିଛି, ସେ ବିଶ୍ୱର ମଧୁ । ବିନ୍ଦୁ ବିନ୍ଦୁ ହୋଇ ସେ ପ୍ରତି ଜୀବନ-କୁଞ୍ଜରେ ଝରେ । ତାକୁ ଅବହେଳା କରାଯାଇ ପାରେ ନାହିଁ । ସେହି ବିନ୍ଦୁକ ସଂଗ୍ରହ ପାଇଁ ଅର୍ଥର ଆବଶ୍ୟକତା ନାହିଁ, ମର୍ତ୍ତ୍ୟର ବାହୁ ବିକ୍ରମର ଲୋଡ଼ା ନାହିଁ । ଯୁଗ ଯୁଗ, ଶତାବ୍ଦୀ

ଶତାବ୍ଦୀ ଧରି ନରନାରୀର ପ୍ରାଣ ତାହାରି ସନ୍ଧାନରେ ଧାବିତ । ସୃଷ୍ଟି ଆଦ୍ୟରୁ ଅଛି, ସୃଷ୍ଟି ଶେଷ ପର୍ଯ୍ୟନ୍ତ ରହିବ । ସେହି ପଥରେ ବାଟ ଭୁଲିଲେ ଯୁଦ୍ଧ—ସେହି ପଥରେ ଛଳନା ଖେଳିଲେ ଦୁଃଖ, ଅନୁତାପ, ବ୍ୟଥା !

ଆଜି ମୋର ଏହି ସଂପଦହିଁ ସମ୍ବଳ । ମୋରି ପରି ଯେ ସୁଖଶାନ୍ତି ଲୋଡ଼ୁଥିଲା, ତାକୁ ପୋଡ଼ି ଜାଳି ଆଉ କି ସୁଖ ଜୀବନରେ ପାଇବି ?

କିନ୍ତୁ ସେ ତ ମଲା ନାହିଁ, ମଲି ମୁଁ । ତପୋମଗ୍ନା ପାର୍ବତୀ ପରି ସେ ଯୌବନର ଦୁର୍ଗମ ହିମାଚଳରେ ବସି ତପସ୍ୟା କଲା—ଆଉ, ମୁଁ ହତାଶ ପ୍ରେମିକ-ଯାତ୍ରୀ·····ପ୍ରଭୁ ହେ ! ଜନକଙ୍କୁ ଫେରି ଗୁହିଁ ଚଞ୍ଚଳାକୁ ଏବେ ତାର ପୂରା ମୂଲ୍ୟ ଦେଇ ପାରୁ ନାହିଁ·····ପକ୍ଷାଘାତ ରୋଗୀ ପରି କେବଳ ଭିତରେ ଭିତରେ ଛଟପଟ ହେଉଛି । ନାରୀପ୍ରାଣକୁ ନିଷ୍ଠୁର ପଦାଘାତ କରି ନାରୀପ୍ରାଣକୁ ଜୟ କରିବ କିପରି ?

ରମେଶ, ଏହି ମୋର ପ୍ରେମର ଇତିହାସ—ଏହି ମୋର ଦଶ ବର୍ଷର ସୁଖଦୁଃଖ ହାସ୍ୟରହସ୍ୟମୟ ଇତିହାସ । ଏହା ପରେ ଜୀବନର ଗତି କେଉଁ ଆଡ଼କୁ ଯିବ, ଜଣାଇବି ।

ଭଉଣି,

ଏ ସଂସାରରେ ଅକାଳରେ କେତେ ଜଣ ମଉଳି ଯାଉଛନ୍ତି, ତାର କଣ ସୀମା ଅଛି ? ଝଡ଼ ବର୍ଷାରେ କେତେ ଦରଫୁଟା କଢ଼ି ଝଡ଼ି ପଡ଼ୁଛି, ଝାଞ୍ଜି ପବନରେ କେତେ ଫୁଟିଲା ଫୁଲ ଶୁଖିଯାଉଛି, ଖରା ଟିକିଏ ନ ପାଇ କେତେ ପଦ୍ମ ଆଦୌ ଫୁଟୁ ନାହିଁ । ଏ ସବୁ ହେଉଛି; ମାତ୍ର ଗୋଟିଏ କଥା କଣ ହେବ ନାହିଁ ? ଏ ମନ ପଟରୁ କଣ ସେ ସ୍ମୃତି ଟିକକ ମଉଳିବ ନାହିଁ ? ଜୀବନର ବୁକୁସ୍ପନ୍ଦ ବାନ୍ଧି ଗଲାବେଳ ପର୍ଯ୍ୟନ୍ତ କଣ ଏ ବୁକୁଭିତରେ ସେ ଛଟପଟ ହେଉଥିବ ? ଏ ଦଶା କି ମୋର ଚିର ଦିନ ଥିବ ?

ଜୀବନର ଅଧା ବାଟରେ ହରିଚରଣ ମୋତେ ବସାଇ ଦେଇ ଚାଲିଗଲେ । ଏକୁଟିଆ ଗଲେ ନାହିଁ, ଆଉ ସାଙ୍ଗ-ସାଥୀ ଧରି ଗଲେ, ମୁଁ ଖୁବ ଦମ୍ଭରେ ତାହା ଦେଖିଲି । ସେତେବେଳେ ହୃଦୟ ମନ୍ଦିରଟା ଯେବେ ଭୁବନେଶ୍ୱରର ଅଜଣା ଭଙ୍ଗା ମନ୍ଦିର ପରି ଭୁଷୁଡ଼ି ପଡ଼ିଥାନ୍ତା, ଆଜି ଏତେ ଚିଠି ଲେଖା ଲେଖି ବା କିଆଁ ହୁଅନ୍ତା ? ଏବେ ଦେଖୁଛି ଜୀବନର ବାଟ ତ ଆହୁରି କେତେ ବାକି ଅଛି । ଜାଣୁଛି, ସେହି ବାଟ ଏହି ମୋର ଆଖିଲୁହରେ କେତେ ଥର ଖସଡ଼ା ହୋଇ ଉଠିବ, ସେହି ବାଟରେ ଚନ୍ଦ୍ରଭାଗାର କେତେ

ଅପନ୍ତର ବାଲିଗସ୍ତା ପଡ଼ିବ, କେତେ ସାତକୋଶିଆ-ଗଣ୍ଡ ପଡ଼ିବ········ଜୀବନ ସନ୍ଧ୍ୟା କ୍ରମେ ଘୋଟିଆସିବ । ମୁଁ ନାରୀ······ !

କେତେ ଯୁଗ ହେଲାଣି, କିଏ କହିବ, ଏହି ଦେଶର ଋଷି ମଣିଷମାନେ ପଦ ବଡ଼ା ବଡ଼ା କରି ପୁରାଣ ଲେଖିଗଲେ; ଆଉ ସେହି ସବୁ ପୁରାଣରେ ଗାଇଲେ—ସଂସାରରେ ନାରୀ ଜାତି ସବୁଠାରୁ ଦୁର୍ବଳ । ବାଛି ବାଛି ତାଙ୍କୁ ନାଁ ଦେଲେ 'ଅବଳା' । ନାରୀ ଜାତିର ଗୋଡ଼ ବେଶି ଖସେ, ନାରୀ ଜାତି ବେଗେ ସତ୍ୟ ଲଙ୍ଘନ କରେ । ନାରୀଜାତି ପୁରୁଷକୁ ଫାନ୍ଦରେ ପକାଇ ନିଏ ବୋଲି ଶାସ୍ତ୍ର କହିଲା, ପୁରାଣ କହିଲା । କିନ୍ତୁ ଏ ସବୁ ଦିନ ଦି'ପହରର ଛଳନା, ଛଳନା ଛଡ଼ା ଏଢ଼ା କିଛି ନୁହେଁ । ନାରୀ ପରି ହୃଦପଟରେ ସ୍ମୃତିଦେବତାକୁ ପୂଜା କରେ କିଏ ? ନାରୀ ପରି ପରପାଇଁ, ପ୍ରିୟପାଇଁ କାନ୍ଦି କାନ୍ଦି ମରିପାରେ କିଏ ? ନାରୀ ପରି ହୃଦପୃଷ୍ଠାକୁ ମୁକୁଳାଇ ପର ସାଙ୍ଗେ ମିଶାଇ ଦେଇପାରେ କିଏ ? ନାରୀ ପରି ବଜ୍ର ଧକ୍କା ସହିପାରେ କିଏ ? ନାରୀ ପରି ହସିପାରେ କିଏ ?—ହସି ହସି ମରିପାରେ କିଏ ? କିନ୍ତୁ ଏ ସବୁର ହିସାବପତ୍ର ତ ପୁରାଣ ଶାସ୍ତ୍ରରେ ପୂରାପୂରି ରହିଲା ନାହିଁ ?

ଆମ ଦେଶରେ ଯାହାଙ୍କୁ ଭଗବାନ ବୋଲି କହୁଛନ୍ତି ସେହି ଶଙ୍କରାଚାର୍ଯ୍ୟ ପଦ ଲେଖି ଯାଇଛନ୍ତି—"ନାରୀ ହେଉଛି ନରକ ବାଟର ଦ୍ୱାର !" କିରସ୍ତାନ ଶାସ୍ତ୍ରରେ ପଦ ଲେଖାଅଛି—"ନାରୀଜାତି ସବୁ ଅହିତର ମୂଳ !" କିଏ କହୁଛି ଆମର ଆତ୍ମା ନାହିଁ, କିଏ କହୁଛି ଆମେ ପୁରୁଷକୁ ଜନ୍ମ ଦେଇ ପାପମୟ ସଂସାରରେ ଆଣି ଗୁଡ଼ିଦେଉଛେ । କିନ୍ତୁ ଆମର ହୃଦୟ-ବେଦନା କଥା ତ କେହି କହିଲେ ନାହିଁ । ଯେଉଁ ଲେଖନୀ ମୁନରୁ ଶାସ୍ତ୍ର ପଦ ଅମୃତ ଝରିଲା

ବୋଲି ସଂସାର ତୋଷି ହୋଇଯାଉଛି, ସେହି ଲେଖନୀ ମୁନରୁ ତ ନାରୀ ପାଇଁ ବିନ୍ଦୁଏ ଅମୃତ ଝରିଲା ନାହିଁ ! ଖାଲି ଝରିଲା ବିଷ ! ବିଷ !! ବି ଷ !!! ଛିଃ, ଛିଃ, ତେବେ ସ୍ୱାର୍ଥପର କିଏ ? ତେବେ ନିଷ୍ଠୁର କିଏ ? ଠକ କିଏ ? ନାରୀ ? ନା—ନା ।

ମନକଥା ଲୁଚାଇ ପାରୁ ନାହିଁ ବୋଲି ଯାହା ଲେଖି ଯାଉଛି, ନେ ଭଉଣି ! ହରିଚରଣ ମୋତେ ଫିଙ୍ଗି ଦେବାପରେ ମୁଁ ସଂସାରଟାକୁ ଭିନ୍ନ ପ୍ରକାରେ ଦେଖିଲି । ପୁରୁଷର ପ୍ରେମ, ନାରୀର ହୃଦୟକୁ ଏବେ ଭୁଲି ବସୁଛି । ଆଖିର ଲୁହକୁ ଶୁଖାଇବାରୁ ଚେଷ୍ଟା କରୁଛି, ଏ ରକ୍ତମାଂସ ଦେହଟାକୁ ବିପଦ ଝଡ଼ ବର୍ଷା ଭିତରେ ନ ଟଳାଇ ସିଧା ରଖିବାକୁ ସଜହୋଇ ରହୁଛି ।

ହରିଚରଣ ବିଭା ହୋଇ ଯିବାପରେ ମୋ ଉପରେ ସମାଜର ଧମକ ଚମକ ଚାଲିଲା । ମତେ ଟାଣି ଓଟାରି ଆଉ ଜଣଙ୍କ ସଙ୍ଗେ ବିଭା କରାଇବାର ବରାବର ଉଦ୍ୟମ ହେଲା । ମୋତେ କିଏ କହିଲା ଅଲକ୍ଷଣୀ, କିଏ କହିଲା ପୋଡ଼ାମୁହିଁ । ଏତେ ନିନ୍ଦା ଅପମାନ ଭାର ସହି ମଧ୍ୟ ମୁଁ ତିଳେ ହେଲେ ଲଇଁଲି ନାହିଁ । କେବଳ ଗୋଟିଏ କଥାକୁ ମୂଳଗଣ୍ଠି କରି ବସିଛି, "ମୁଁ ଆଉ ବିଭା ହେବି ନାହିଁ ।"

ଏ କଥା ରାଜ୍ୟରେ ରାଷ୍ଟ୍ର ହୋଇଗଲା । ଆମ କୁଳରେ ଆଗରୁ ଏପରି କିଏ କରିଥିଲା କି ନାହିଁ ଜାଣେ ନାହିଁ । ସମସ୍ତଙ୍କ ଆଖି ମୋରି ଉପରେ ପଡ଼ିଲା, ଏବେ ମଧ୍ୟ ପଡ଼ୁଛି । ଏହି ପଣ କଲା ଦିନୁ ମୁଁ ପୁରାପୁରି ବ୍ରତ ପାଳି ଆସୁଛି । ସେହି ଦିନୁ ଆଜି ଏ ବୁକୁ ଉପରେ ବଉଳମାଳା ନାହିଁ କି କପାଳରେ ଟିକା ସିନ୍ଦୂର ନାହିଁ । ଅଧରକୋଣରେ କୁଙ୍କୁମର ରାଗ ନାହିଁ, ପାଦ ତଳରେ ଅଳତାର ରଙ୍ଗ ନାହିଁ । ଲୁଗା ମୋର ସାଦା ସିଧା, କେଶ ମୋର ମୁକୁଳା—

କିନ୍ତୁ ଯୌବନର ଏ ହୃଦୟପୃଷ୍ଠା ଏକ ଦେବମନ୍ଦିରର ହୋଇ ପଡ଼ିଛି !

ମନ ଅସ୍ଥିର କରି ଏ ସବୁ କଥା ଟିକିଏ ବିସ୍ତାରରେ ଲେଖି ଭାଙ୍ଗିଛି ! ଆଗରୁ ଲେଖିଛି, ସେହି ସ୍ମୃତିଟାକୁ ମନପଟରୁ ପୋଛି ପାରିଲି ନାହିଁ । ସେହି ସ୍ମୃତି ଯେଉଁ ଜୀବନର ଖେଳା ରଚିଥିଲା, ରଚୁଛି, ସେହି କଥା ବିସ୍ତୃତି ସମାଜ ଭିତରେ ମୁଣ୍ଡ ଟେକି ରହିଛି, ସେହି କଥା ଭାବି ଆଖିର ଲୁହ ଶେଷ କରୁଛି···ସେ କଥା ଆଜି କିଛି ନୁହେଁ, ସେହି ମୋର ପ୍ରଥମ ଯୌବନର ଅର୍ଘ୍ୟଥାଳୀ । ଏବେ ଭାବୁଛି ବୋଲି ଦୋଷ ଦେବୁ କି ?

ପତ୍ନୀରୂପାରୁ, ଅର୍ଘ୍ୟଥାଳୀ ତ, ଧରିଛୁ ଶୂନ୍ୟ ମନ୍ଦିରରେ ଦେବତା କାହିଁ ? ସତ ଲେ ସତ, ମୁଁ ଶୂନ୍ୟ ମନ୍ଦିରରେ ପୂଜା ଆରମ୍ଭ କରିଛି । ଦେବତା ବର ଦେବା ଆଗରୁ ଚାଲିଗଲେ ଭକ୍ତର ଭକ୍ତି କଣ ମାଟି ହୋଇଯାଏ ? ଦେବତା ଆସିବେ ବୋଲି ସେ ଦୀପ ଜାଳି ରଖେ । ମୁଁ କିନ୍ତୁ ଦେବତା ଆସିବେ ବୋଲି ମଧ୍ୟ ଦୀପ ଶିଖା ଟେକି ରଖି ନାହିଁ । ଥରେ ଯେଉଁ ମନ୍ଦିରରେ ଦେବତାଙ୍କ ପୂଜା କରିଥିଲି ସେହି ମନ୍ଦିରରେ ଦିନେ ଦେବତା ଥିଲେ ବୋଲି ସଂସାରକୁ ଜଣାଇବା ପାଇଁ ଏବେ ମୋର ଆୟୋଜନ ! ଏ କଥା ସଂସାର ଜାଣୁ, ଶାସ୍ତ୍ର ଜାଣୁ, ନିଷ୍ଠୁର ପୁରୁଷ ଜାତି ଜାଣୁ, ଆଉ ଭଗବାନ ବୋଲି ଯେଉଁ ଦଳକ ବେଳେ ବେଳେ ସଂସାରକୁ ଆସି ନାରୀକୁ ନରକର ଦ୍ୱାର ବୋଲି କହି ଯାଇଛନ୍ତି, ସେମାନେ ମଧ୍ୟ ଜାଣନ୍ତୁ !

ଦିନେ ଏକ ଚିଠି ପାଇଲି । ନିଜେ ହରିଚରଣ ସେହି ଚିଠି ଖଣ୍ଡିକ ଲେଖିଥିଲେ । ମୋତେ ଆଶ୍ୱାସନା ଦେବାପାଇଁ କେତେ କେତେ କଥା ସେଥିରେ ଲେଖାଥିଲା । ସେ ଉପଦେଶ ଦେଇଥିଲେ ବିଭା ହୁଅ, ସୁଖରେ ରହ···ଇତ୍ୟାଦି ।

ଜବାବ ଦେଲା । ସେ ଜବାବ ତାଙ୍କ ମନକୁ କପରି ଘେନିଥିବ କେଜାଣି । ମନକଥା ଭଲେଇହେଲେ ଲୁଚାଇ ପାରିଲି ନାହିଁ । ଲେଖିଥିଲି ପାଦତଳର ଘାସ ପାଦତଳେ ଚିରକାଳ ଘଷିହୋଇ ସରିଯାଉଛି ବୋଲି ଜାଣିଲେ ମଧ୍ୟ ଥରକୁ ଥର ପାଦକୁ ମୁଣ୍ଡ ଦେଖାଇ ଉଠୁଥାଏ । ମୁଁ ମୋତେ ସେ ପାଦତଳର ଘାସ ମନେକରି ପ୍ରଥମେ ଯୌବନ ପୂଜା ବାଢ଼ିଥିଲି ଏବଂ ପାଦତଳେ ମୁଣ୍ଡ ପାତିଥିଲି । ଏବେ ସେହିଠାରେ ସେହିପରି ଅଛି···ତୁମେ ଭାସିଯାଇଛ, ତୁମେ ଅନ୍ୟ ରାସ୍ତା ଆଦରିଛ । ମୁଁ ଆଜି ଏ ସବୁଥିରେ କିଛି ପ୍ରଭେଦ ଦେଖୁ ନାହିଁ । ତୁମେ ଆସ, ଯାଅ, ହସ, କାନ୍ଦ, ସବୁ ଏବେ ମୋ ପକ୍ଷରେ ସମାନ । ମାନ ଅପମାନ, ରାଗ ପ୍ରତିଶୋଧ ମୁଁ କିଛି ବୁଝୁ ନାହିଁ । ମୋର ସ୍ୱପ୍ନ କଣ ? ମୁଁ ଯେବେ ମୋ ଭାଗ୍ୟ ଉପରେ ଥାନ୍ତି, ତେବେ ବିନା ଆପତ୍ତିରେ ଏସବୁ କଥା ସହିଥାନ୍ତି କିଆଁ ? ଏ ଦେଶରେ ନାରୀର ତୁଣ୍ଡ ନାହିଁ କି ନାରୀର ଦାବୀ ନାହିଁ ।ଏ ଦେଶର ନାରୀ ମହାଜନର ଝରକାଣ୍ଡନ ଧାନକୋଠି ପରି ସମାଜର କୋଠିଘରେ ନଇଗଡ଼ା ଶାସ୍ତ୍ର ଆଇନରେ ବନ୍ଧା । ଆଉ ନର ? ସେ ଚିରମୁକ୍ତ, ତାର ଦାବୀ ତୁଣ୍ଡବାଦ୍ୟ ।

ଶାସ୍ତ୍ର କହିଲା, ଆମେ ପୁଣି ଟିକକ କଥାରେ କାନ୍ଦ କାନ୍ଦ ମରୁ, ପାଣିଫୋଟକାଟାକୁ ଚିରକାଳର ଜୀବନ ବୋଲି ଧରିନେଉ । ଏ ମିଛ, ଏ ମିଛ ! ନାରୀ ମରେ ନାହିଁ, ସୃଷ୍ଟି ଆଦ୍ୟରୁ ନାରୀ ମରି ନାହିଁ, ସୃଷ୍ଟିର ଶେଷ ପର୍ଯ୍ୟନ୍ତ ମଧ୍ୟ ମରିବ ନାହିଁ । ହୃଦୟର ରସ ଦେଇ ସେ ସଂସାରକୁ ସରସ କରେ । ନାରୀର ରୂପ ଦେଖି ନର ଗୀତ ଲେଖେ, ତଥାପି ବେଳ ପଡ଼ିଲେ ନାରୀକୁ ବଳି ଦେବାପାଇଁ ନର ଭଲେଇହେଲେ ପଛାଏ ନାହିଁ···! କୃତଘ୍ନ କିଏ ? ନାରୀ ପାଇଁ ସୁନାର ସୀତା ଗଢ଼ାଯାଇ ଯାଗ ଯଜ୍ଞ ପୂର୍ଣ୍ଣ ହୁଏ, ଆଉ ନାରୀକୁ

ନଇକର ଦ୍ୱାର ଢ଼ୋଲି ଲେଖି ଭଗବାନ-ନାମଧାରୀ ଶାସ୍ତ୍ରକାର ତାର ଟିପକଣ୍ଠ ନିକାଉଣ କରେ ! ସୃଷ୍ଟି ଆଦ୍ୟରୁ ନାରୀ ନରପାଇଁ ଯେତେ ନାଦ ତାର ରଙ୍ଗାଧର ବେଶରେ ଲୁହର ଗଙ୍ଗାଧାର ବୁହାଇଛି, ତାକୁ କେହି ଶକ୍ତିଲେ ନାହିଁ, କହିଲେ—ଲୁହ ! ମୋ ଲୁହକୁ କିଏ ଚିହ୍ନିଲା ! ତୁମେ ଯାହା କହୁଛ ତୁମର ଜାତି ଅନୁରୂପ କରନ୍ତୁ । ମୁଁ ସେହିପରି ନାରୀ ହୋଇ ରହିଛି !

……ଓହୋ, ହୃଦୟର ବେଦନା ଏଥା ଆଜ କେତେ ଲେଖିବ, ଭଉଣି ! ତାଙ୍କୁ ବହୁ କଠୋର ବାକ୍ୟବାଣ ମାରନ୍ତି, କିନ୍ତୁ ତାଙ୍କ ହୃଦୟରେ ବ୍ୟଥା ଜନ୍ମାଇବା ପାଇଁ ନୁହେ । ମୋ କଥାଗୁଡ଼ାକ ତୁମକୁ ଠାଣ ଠାଣ ହୋଇ ଯାଇଥିଲା । ମୋର କହୁ ନାହିଁ, ମୋତେ ପାଗଳନୀ କହିଲେ ଚଳେ । ମୋ ଜୀବନର ମୂଲ୍ୟ ମୁଁ ଏବେ ବୁଝି ପାରୁଛି । ହୃଦୟ-ବେଦୀରେ ମୁଁ ବସି ହୋଇ ମନ-ମନ୍ଦିରରେ ଛବି ଦେଖିପାରୁଛି । ସେ ସୁଖରେ ରହନ୍ତୁ [illegible] ରହନ୍ତୁ, ସେ ତାଙ୍କର ପଥ ଠିକ୍ ବୁଝନ୍ତୁ, ପ୍ରଭୁଙ୍କ-ପାଦରେ ଏହି ପ୍ରାର୍ଥନା । ସଂସାରରେ ଯୌବନର ଏହି ଝଡ଼ବର୍ଷା ଭିତରେ ମୁଁ ଗୁଳିଛି—ମୁଁ ନାରୀ··· ବରହିଣୀ !

—ସମାପ୍ତ—

ମୁଦ୍ରାକର—ଶ୍ରୀ ପୁରୁଷୋତ୍ତମ ମହାପାତ୍ର, ଗ୍ରାମସେବକ ପ୍ରେସ,
ବାଖରାବାଦ—କଟକ-୨